ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 4/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 219 | ମୂଲ୍ୟ₹୭/-



## ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ

ରୁଷିଆର ସ୍ୱଳ୍ପ ବୟସ୍କା ମୀରା ଆନ୍ଦ୍ରିଭା ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪

୧୦

## ଧନୁଷ୍ଙ୍କ ବିପକ୍ଷରେ କ୍ରିତି

ଅଭିନେତା ଧନୁଷ୍ ଏବଂ ଅଭିନେତ୍ରୀ କ୍ରିତି ସାନୋନ୍ଙ୍କ ପରବର୍ତ୍ତୀ ଫିଲ୍ମ 'ତେରେ ଇଶ୍କ ମେଁ'ର ଶୁଟିଂ ଶେଷ ହୋଇଛି। ଏନେଇ କ୍ରିତି ଇନ୍ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଗିଲ୍ଙ୍କ ଦ୍ୱିଶତକ



୨୬୯ ରନ୍

୩୦ ଚୌକା

୩ ଛକା

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ

ବର୍ମିଂହାମ,୩।୭(ପି.ଟି.)

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିଶତକୀୟ (୨୬୯ ରନ୍) ମାରାଥନ ପାଳି ଖେଳିଛନ୍ତି। ଏହି ଇନିଂସ ଅବସରରେ ସେ ଭାରତୀୟ ବ୍ୟାଟର ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୧୯୭୯ରେ ଦି ଓଭାଲଠାରେ ୨୨୧ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡ ମାଟିରେ ଦ୍ୱିଶତକ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ମଧ୍ୟ ରହିଛନ୍ତି। ସେ ୨୦୦୨ରେ ଦି ଓଭାଲଠାରେ ୨୧୭ ରନର ପାଳି ଖେଳିଥିଲେ। ତେବେ ଗିଲ୍ ପଞ୍ଚମ ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏହି ତାଲିକାରେ ମାକ ପଟୌଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି।

ଏତଦ୍ ବ୍ୟତୀତ ଗିଲ୍ ପ୍ରଥମ ଭାରତ ତଥା ପ୍ରଥମ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଶ୍ରୀଲଙ୍କାର ତିଲକରତ୍ନେ ଦିଲଶାନଙ୍କ ନାମରେ ଥିଲା। ସେ ୨୦୧୧ରେ ଲର୍ଡ୍ସଠାରେ ୧୯୩ ରନର ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମରେ ସର୍ବାଧିକ ରନ କରିବାର ରେକର୍ଡ ଥିଲା। ସେ ୧୯୯୦ରେ ମାଞ୍ଚେଷ୍ଟର ୧୭୯ ରନର ଇନିଂସ ଖେଳିଥିଲେ।

# ଜେଲ ଗଲେ ଜଗନ୍ନାଥ

- ଆତ୍ମସମର୍ପଣ ପରେ ଗିରଫ
- କହିଲେ ଦଳ, ସରକାରଙ୍କୁ ବଦନାମ୍ ପାଇଁ ହୋଇଛି ଷଡ଼ଯନ୍ତ୍ର
- ଓଏଏସ୍ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର,୩।୭ (ରବିନାରାୟଣ ଜେନା/ ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନ ଗୁରୁବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ଡିସିପି ଅଫିସ୍‌ରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ପୋଲିସ ଗିରଫ ଦର୍ଶାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ସ୍ୱାସ୍ଥ୍ୟପରୀକ୍ଷା ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜଗନ୍ନାଥଙ୍କ ସମର୍ଥକମାନେ ରତ୍ନାକରଙ୍କ ଗିରଫ ଦାବିରେ ବାଣୀବିହାର ଛକରେ ଧାରଣା ଦେବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆତ୍ମସମର୍ପଣ ପୂର୍ବରୁ ଜଗନ୍ନାଥ ଡିସିପି ଜଗମୋହନ ମୀନାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ରତ୍ନାକରଙ୍କୁ ଆକ୍ରମଣ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ଭାଜପା ଓ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ତାଙ୍କ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ଓଏଏସ୍ ସଂଘ ଏ ଷଡ଼ଯନ୍ତ୍ରର ଏକ ଅଂଶ ପାଲଟିଛି। ଓଏଏସ୍ ଅଧିକାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବନ୍ୟା ଦୁର୍ଗତଙ୍କୁ ସହାୟତା ଦେବାରେ ବାଧା ଉପୁଜିଛି। ଯଦି ତାଙ୍କ ଗିରଫଦାରିରେ ସମାଧାନ ହୋଇପାରିବ, ତେବେ ସେ ସହଯୋଗ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ଜଗନ୍ନାଥଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ହେଲେ ଭୁବନେଶ୍ୱର ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର, ଦେବାଶିଷ ପ୍ରଧାନ, ସଞ୍ଜୀବ ମିଶ୍ର ଏବଂ ସଚ୍ଚିକାନ୍ତ ସ୍ୱାଇଁ। ଅନ୍ୟପକ୍ଷରେ ଜଗନ୍ନାଥଙ୍କୁ ଗିରଫ ଦାବିରେ ଅଟଳ ରହି ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲା। ଜଗନ୍ନାଥ ଗିରଫ ହେବା ପରେ ଓଏଏସ୍ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ☞ପୃଷ୍ଠା-୪



ଜଗନ୍ନାଥ ପ୍ରଧାନ



ବିଏମ୍ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ନେଇ ମାଡ଼ ମରାଯିବାର ଦୃଶ୍ୟ।

## ତଣ୍ଟିରେ ମାଛକଣ୍ଟା

ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)

ବିଏମ୍ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଆକ୍ରମଣ କରିଥିବା ୫ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରିସାରିଥିବା ବେଳେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଓଏଏସ୍ ସଂଘ ଜୋର୍‌ଦାର ଆନ୍ଦୋଳନ କରିଥିଲା। ଶେଷରେ ଜଗନ୍ନାଥ ନିଜେ ଆତ୍ମସମର୍ପଣ କରିବାକୁ ବାଧ୍ୟହେଲେ। ଖାରବେଳନଗର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ତେବେ ଏହି ଘଟଣା ପାଇଁ ଦଳ ଭିତରୁ ମଧ୍ୟ ଜଗନ୍ନାଥଙ୍କୁ ପ୍ରବଳ ବିରୋଧ ହେଉଥିଲା। ଏବେ ଜଗନ୍ନାଥଙ୍କ ବିରୋଧରେ ଦଳ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର। କାରଣ ଆକ୍ରମଣ କରିଥିବା ୫ ଜଣଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରୁ ନିଲମ୍ବିତ କରିସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜଗନ୍ନାଥଙ୍କ ବିଷୟରେ ମନମୋହନଙ୍କ ବେକରେ ମାଛକଣ୍ଟା ଭଳି ଲାଗିଯାଇଛି। ଜଗନ୍ନାଥଙ୍କୁ ମଧ୍ୟ ନିଲମ୍ବନକରି ଦଳ ଏବଂ ସରକାରଙ୍କ ଭାବମୂର୍ତ୍ତି ଠିକ୍ କରିବା ଲାଗି ଭାଜପାର ଅନେକ ନେତା ଭିତରେ ଚାପ ପକାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଭାଜପାର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜଗନ୍ନାଥଙ୍କ ଇଙ୍ଗିତରେ ଏଭଳି ଘଟଣା ଘଟିବାପରେ ଯଦି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଉଛି, ତେବେ ରାଜ୍ୟର ଅନେକ ଦଳୀୟ ନେତା ସମାନ ରାସ୍ତା ଆପଣାଇପାରନ୍ତି। ଏଭଳି ହେଲେ ବର୍ଷକର ସରକାର ଆହୁରି ବଦନାମ୍ ହେବା ପାଇଁ ବାଟ ଫିଟିଯିବ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। କାରଣ ତାଙ୍କର ଯେଉଁ ୫ ଜଣ ସମର୍ଥକ ଏହି ଘଟଣା ଘଟାଇଥିଲେ ସେମାନେ ଦଳରୁ ନିଲମ୍ବନ ହୋଇସାରିଛନ୍ତି।

# ସମୟ ପୂର୍ବରୁ ଜନ୍ମ ହେଉଛନ୍ତି ୧୩% ଶିଶୁ

**ଦେଶରେ ବାୟୁ ପ୍ରଦୂଷଣ ଯୋଗୁ ୧୩% ଶିଶୁ ସ୍ୱାଭାବିକ ସମୟ ପୂର୍ବରୁ ଜନ୍ମ ହେଉଥିବାବେଳେ ୧୭% ନବଜାତକଙ୍କ ଓଜନ କମ୍ ରହୁଛି। ବିଶେଷକରି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଜନ୍ମିତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ଏଭଳି ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ଏହି କ୍ଷେତ୍ରରେ ୩୯% ସହ ହିମାଚଳ ପ୍ରଦେଶ ସବା ଆଗରେ ଥିବାବେଳେ ଉତ୍ତରାଖଣ୍ଡର ୨୭ ପ୍ରତିଶତ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମ ଗ୍ରହଣ କରୁଛନ୍ତି। ସେହିପରି ରାଜସ୍ଥାନରେ ୧୮% ଓ ଦିଲ୍ଲୀରେ ୧୭% ପିଲାଙ୍କ ଜନ୍ମ ନିର୍ଦ୍ଧାରିତ ଅବଧି ପୂର୍ବରୁ ହେଉଛି ବୋଲି ଭାରତର ଭୌଗୋଳିକ ଜନସଂଖ୍ୟାଗତ ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୧ରୁ ଜଣାପଡ଼ିଛି। ଗର୍ଭସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ ଯୋଗୁ କିପରି ବିପନ୍ନ ହେଉଛି ତାହା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି।**

## ଭାରତରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ

## ୧୭% ନବଜାତକଙ୍କ ଓଜନ କମ୍

ନୂଆଦିଲ୍ଲୀ,୩।୭(ପି.ଟି./ଏଜେନ୍ସି)

ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀ, ଇଣ୍ଟରନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ୍ ସାଇନ୍ସେସ୍, ମୁମ୍ବାଇ ଏବଂ ବ୍ରିଟେନ୍ ଓ ଆୟର୍ଲାଣ୍ଡର ବିଭିନ୍ନ ଇନ୍ଷ୍ଟିଚ୍ୟୁଟ୍ ପକ୍ଷରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫କୁ ନେଇ ଅନୁଧ୍ୟାନ କରାଯାଇଥିଲା। ଗବେଷକମାନେ ରିମୋଟ୍ ସେନ୍ସିଂ ଡେଟାକୁ ମଧ୍ୟ ବିଶ୍ଳେଷଣରେ ବ୍ୟବହାର କରିଥିଲେ। ଗର୍ଭବତୀ ମହିଳାଙ୍କ ପିଲା ଜନ୍ମ ଉପରେ ବାୟୁ ପ୍ରଦୂଷଣର ପ୍ରଭାବକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି ଯେ, ପ୍ରସୂତୀଙ୍କ ଗର୍ଭରେ ଥିବା ଶିଶୁଙ୍କ ଉପରେ ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍)୨.୫ର ଅଧିକ ଖରାପ ପ୍ରଭାବ ରହୁଛି। ଏଥିଯୋଗୁ ଜନ୍ମ ସମୟରେ ୪୦% ଶିଶୁଙ୍କ ଓଜନ ହ୍ରାସ ପାଉଛି। ସେହିପରି ୭୦% ଶିଶୁ ଅବଧି ପୂର୍ବରୁ ଜନ୍ମ ହେଉଛନ୍ତି।

ରିପୋର୍ଟରୁ ଜଣାପଡ଼ିଛି, ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଓ ତାପମାତ୍ରା ପ୍ରଭାବିତ ହେଉଥିବାରୁ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ବିପନ୍ନ ହେଉଛି। ପିଏଲ୍ଓଏସ୍ ଗ୍ଲୋବାଲ ପବ୍ଲିକ୍ ହେଲ୍ଥ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି, ଭାରତର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ଜନ୍ମିତ ଶିଶୁଙ୍କ ଉପରେ ବାୟୁ ପ୍ରଦୂଷଣର ସବୁଠୁ ଅଧିକ ନକାରାତ୍ମକ ପ୍ରଭାବ ପଡୁଛି। ୨.୫ ମାଇକ୍ରନ୍ ପରିଧିରୁ କମ୍ ଫାଇନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭବିଷ୍ୟତର ଇରାନ

## ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ ନିଷ୍ପତ୍ତି ସ୍ଥଗିତ

ନୂଆଦିଲ୍ଲୀ,୩।୭(ପି.ଟି.)

ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବିକ୍ରି ବନ୍ଦ କରିବା ପାଇଁ ଜାରି ନିର୍ଦ୍ଦେଶନାମାକୁ ଦିଲ୍ଲୀ ସରକାର ଗୁରୁବାର ସ୍ଥଗିତ ରଖିଛନ୍ତି। ବାୟୁ ମାନ ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ପତ୍ର ଲେଖି ଦିଲ୍ଲୀ ସରକାର କହିଛନ୍ତି, ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ କାରଣରୁ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ କରିବା ସମ୍ଭବ ନୁହେଁ। ତେଣୁ ପୂର୍ବ ନିଷ୍ପତ୍ତିକୁ ତୁରନ୍ତ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିବେଦନ କରାଯାଇଛି। ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳଜନିତ ପ୍ରଦୂଷଣ ରୋକିବା ପାଇଁ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଯାନ ଏବଂ ୧୦ ବର୍ଷରୁ ପୁରୁଣା ଡିଜେଲ ଯାନକୁ ଇନ୍ଧନ ବନ୍ଦ କରିବା ପାଇଁ ଜୁଲାଇ ୧ରେ ସିଏକ୍ୟୁଏମ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ☞ପୃଷ୍ଠା-୪

## ରତ୍ନଭଣ୍ଡାର ମରାମତି ପ୍ରାୟ ଶେଷ: ଗଜପତି

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟ ଶେଷ ହୋଇଛି ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ସମୀକ୍ଷା ପରେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଏଏସ୍ଆଇ ହାତକୁ ନେଇଛି। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ୍ ୨୯ରୁ ରତ୍ନଭଣ୍ଡାର ମରାମତି ସ୍ଥଗିତ ରହିଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ପରଦିନ ଅର୍ଥାତ ଜୁନ୍ ୨୮ ତାରିଖରୁ ପୁନଃ ଆରମ୍ଭ ହୋଇଥିଲା। ରଥଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦିକୁ ଯାଇଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଏସ୍ଆଇ ଅଧିକାରୀ, ☞ପୃଷ୍ଠା-୪

# ଡେଲିଭରି ବୟ୍ କହି ପଶିଲେ, ବଳାତ୍କାର ପରେ ସେଲ୍ଫି ନେଲେ

ପୁଣେ,୩।୭

କବାଟ ଠକ୍ ଠକ୍ ହେଲା। ଡେଲିଭରି ବୟ ଆସିଛନ୍ତି ଭାବି ୨୨ ବର୍ଷୀୟା ଯୁବତୀ ଜଣକ ଘରର କବାଟ ଖୋଲିଲେ। ହାତରେ ଏକ ବ୍ୟାଙ୍କ ଏନ୍‌ଭଲପ ଧରି ଭିତରକୁ ଧସେଇ ପଶିଲେ ଜଣେ ଅଚିହ୍ନା ଯୁବକ। କିଛି ସମୟ ଭିତରେ ଯୁବକ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଗଲେ। ମହାରାଷ୍ଟ୍ରର ପୁଣେ ସହର କୋନ୍ଧୱା ଅଞ୍ଚଳରେ ଥିବା ଏକ ହାଉସିଂ ସୋସାଇଟିରେ ବୁଧବାର ରାତି ୭ଟା ୩୦ ମିନିଟ୍‌ରେ ଘଟିଛି ଏଭଳି ଘଟଣା, ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମହାରାଷ୍ଟ୍ରର ଅନ୍ୟ ଏକ ଜିଲାର ଏହି ଯୁବତୀ ଜଣକ ପୁଣେର ଏକ ଆଇଟି କମ୍ପାନୀରେ କାମ କରନ୍ତି। ସମ୍ପୃକ୍ତ ସୋସାଇଟିରେ ଯୁବତୀଙ୍କ ସହ ତାଙ୍କ ଭାଇ ରୁହନ୍ତି। ବୁଧବାର ସନ୍ଧ୍ୟାରେ ତାଙ୍କ ଭାଇ ବାହାରକୁ କୌଣସି କାମରେ ଯାଇଥିଲେ। ଅଭିଯୁକ୍ତ ଆସି କବାଟ ବାଡେଇଥିଲେ। କିଏ ବୋଲି ପଚାରିବାରୁ ସେ କହିଥିଲେ, କୋରିୟର ଡେଲିଭରି ପାଇଁ ଆସିଛନ୍ତି। କବାଟ ଖୋଲିବା ପରେ ଡେଲିଭରି ରିସିପ୍ଟରେ ଦସ୍ତଖତ କରିବାକୁ କହିବା ସହ ପିନ୍ ମାଗିଥିଲେ। ଯୁବତୀ ପିନ୍ ଦେଖିବା ପାଇଁ ଭିତରକୁ ଫୋନ୍ ଆଣିବାକୁ ଯିବାରୁ ଯୁବକ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ସେ ତାଙ୍କୁ ଏକୁଟିଆ ପାଇ ଯୁବତୀଙ୍କ ଦେହରେ ରାସାୟନିକ ସ୍ପ୍ରେ କରିଥିଲେ। ଯୁବତୀ ସଂଜ୍ଞାହୀନ ହୋଇଯିବାରୁ ସେ ତାଙ୍କୁ ବଳାତ୍କାର କରିଥିଲେ। ଫେରାର ହେବା ପୂର୍ବରୁ ପୀଡ଼ିତାଙ୍କ ଫୋନ୍‌ରେ ସେଲ୍ଫି ନେଇଥିଲେ। ମୋବାଇଲରେ ଏକ ମେସେଜ୍ ଛାଡ଼ିଯାଇଥିଲେ। ସେଥିରେ ସେ ଲେଖିଥିଲେ, ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ସୋସିଆଲ ମିଡିଆରେ ଭାଇରାଲ କରିଦେବେ।

ଏନେଇ ଡେପୁଟି ପୋଲିସ କମିଶନର (ଜୋନ୍ ୫) ରାଜକୁମାର ଶିନ୍ଦେ କହିଛନ୍ତି, ରାତି ୮ଟା ୩୦ରେ ବଳାତ୍କାର ପୀଡ଼ିତାଙ୍କ ସଂଜ୍ଞା ଫେରିଥିଲା। ସେ ନିଜ ସମ୍ପର୍କୀୟମାନଙ୍କୁ ସବୁକଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। କ୍ରାଇମ୍ ବ୍ରାଞ୍ଚର ୫ ଓ ଜୋନାଲ ପୋଲିସର ୫ ମୋଟ ୧୦ଟି ଟିମ୍‌କୁ ନେଇ ତଦନ୍ତ ଜାରି ରହିଛି। ବିଏନ୍ଏସ୍ ଦଫା ୬୪, ୭୭ ଓ ୩୫୧(୨) ବଳରେ କୋନ୍ଧୱା ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସେହିପରି ଯୁବକ ବ୍ୟବହାର କରିଥିବା ରାସାୟନିକ ପଦାର୍ଥ କ'ଣ ଥିଲା ତାହା ଜାଣିବା ପାଇଁ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି। ଯୁବତୀଙ୍କ ଫୋନ୍‌ରୁ ଏକ ସେଲ୍ଫି ମିଳିଛି, ଯାହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।



ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ଭଦ୍ରକ ଜିଲା ସଦର ବ୍ଲକର ବେନ୍ତାଳ ଗାଁ ପାଣିଘେରରେ ରହିଛି। **(ଫଟୋ: ସନାତନ ରାଉତ,ଭଦ୍ରକ)**

## ସଂକ୍ଷେପରେ

### ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ଖୋଲିବ ବିଜ୍ଞାନ ବିଭାଗ

**ଔପଦା, ୩।୭(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ମହକୁମାରେ ୧୯୭୮ ମସିହାରୁ ଖୋଲାଯାଇଥିବା ଔପଦା କଲେଜ ୨୦୦୯ରୁ ପୃଥକୀକରଣ ହୋଇ ଶେଷରେ ବହୁ ପ୍ରତୀକ୍ଷା ପରେ ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚକ୍ଷମତା ସମ୍ପୂର୍ଣ୍ଣ କମିଟି ପକ୍ଷରୁ ପତ୍ର ସଂଖ୍ୟା ୩୩୪୮୧ ମୂଳେ ତା୨୫/୦୬ରିଖ ଅନୁଯାୟୀ ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକସ୍ତରରେ ଶିକ୍ଷା ବର୍ଷ ୨୦୨୫/୨୬ଠାରୁ ବିଜ୍ଞାନ ବିଭାଗ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଦୀର୍ଘବର୍ଷ ପରେ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ତାରିଣୀ ମନ୍ଦିରରେ ବାର୍ଷିକ ମହାଯଜ୍ଞ

ଔପଦା, ୩।୭(ଧରିତ୍ରୀ ପଣ୍ଡା)– ବାଲେଶ୍ୱର ଜିଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ଖଇରା ଗ୍ରାମରେ ଥିବା ମା' ତାରିଣୀ ମନ୍ଦିରରେ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ଜଗତର ବିଶିଷ୍ଟ ଖଳନାୟକ ଦୈତାରୀ ପଣ୍ଡାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ଘୃତାହୁତି ଦିଆଯାଇଥିଲା। ମା'ଙ୍କ ପୂଜାରେ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଯଜ୍ଞ ଦୀର୍ଘ ୩୦ବର୍ଷ ଧରି ହୋଇଆସୁଛି। ପ୍ରତିବର୍ଷ ମୋ ପାଇଁ ଆସୁଥିବା ନାଟକର ନୂଆ ନୂଆ ଚରିତ୍ର ପାଇଁ ମା'ଙ୍କ ଆଶିଷ ନ ରହିଲେ କଣ୍ଠରୁ ବାଣୀ ବାହାରିବ ନାହିଁ ବୋଲି କହି ମା'ଙ୍କ ପ୍ରତି ସମସ୍ତଙ୍କର ସମର୍ପଣ ଭାବ ଦରକାର ବୋଲି କହିଥିଲେ।

### ବ୍ୟାଙ୍କ ସମ୍ମୁଖରେ ଗଣ୍ଡଗୋଳ ଘଟଣା, ୩ ଗିରଫ

ସୋର, ୩।୭(ଜନ୍ମେଜୟ ମିଶ୍ର): ଅନନ୍ତପୁର ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ସୋର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଏପ୍ରିଲ ୨୭ରେ ଅନନ୍ତପୁର ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଚିତ୍ତଳ ଗ୍ରାମର ଶରତ ରାଉତଙ୍କୁ କୌଣସି କାରଣରୁ ୧୫ରୁ ଅଧିକ ଲୋକ ମାଡ଼ ମାରିଥିଲେ। ଏଥିରେ ଶରତ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ଶରତଙ୍କ ମା' ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୫/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ପାଟିମୁଣ୍ଡା ଗ୍ରାମର ସନ୍ତୋଷ ନାୟକ(୩୪), ଚିତ୍ତଳ ଗ୍ରାମର ରମେଶ ଚନ୍ଦ୍ର ଜେନା(୩୮) ଓ ମନୋରଞ୍ଜନ ପରିଡା(୪୦)ଙ୍କୁ ଗିରଫ କରି ଗୁରବାର ସମସ୍ତଙ୍କୁ କୋର୍ଟଚାଲାଣ କରିଛି ।

# ବନ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

**ଭୋଗରାଇ, ୩।୭(ପ୍ରଦୀପ ଦାସ):**

ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟା ଜନଜୀବନକୁ ଦୁର୍ବିଷହ କରିଥିବା ବେଳେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୋଗରାଇ ଓ ବାଲିଆପାଳ ବ୍ଲକ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପରେ ଅପରାହ୍ନ ସାଢେ ୪ଟାରେ ତାଳସାରୀ ଓଟିଡିସି ସମ୍ମିଳନୀ କକ୍ଷଠାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ ସୁଧାକର ନାୟକ, ଜିଲାପରିଷଦର କାର୍ଯ୍ୟକାରିଣୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ, ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଏସ୍‌ପି ରାଜପ୍ରସାଦ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଭାଜପା ନେତା ଶୁଭଙ୍କର ମହାପାତ୍ର, ଉମାକାନ୍ତ ମହାପାତ୍ର, ଆଶିଷ କୁମାର ପାତ୍ର, ଅଂଶୁମାନ ମାହାନ୍ତି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସମୀକ୍ଷା ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ସେଚ, ପାନୀୟ ଜଳ, ଡ୍ରେନେଜ, ସ୍ୱାସ୍ଥ୍ୟ, ପ୍ରାଣୀଧନ ଚିକିତ୍ସା ଓ ଯୋଗାଣ ବିଭାଗ ଆଦି ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ବନ୍ୟାବିପନ୍ନଙ୍କଠାରେ ସରକାରୀ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ୩ ଜଣଙ୍କ ଅମୂଲ୍ୟ ଜୀବନ ନଦୀଗର୍ଭରେ ଚାଲିଯିବା ସହ ବନ୍ୟାବିପନ୍ନଙ୍କୁ ଡଙ୍ଗା ଯୋଗାଇ ନ ଦେବା, ରିଲିଫ ସାମଗ୍ରୀ ନ ପହଞ୍ଚିବା, ଗୋବାଦୀ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇ ନ ଦେବା ଦୁଃଖ ଦାୟକ ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ବସ୍ତା ବିଧାୟିକା ସୁବାସିନୀ ଜେନା ଅଭିଯୋଗ କରିଥିଲେ। ଭୋଗରାଇରେ ବନ୍ୟା ବିପନ୍ନଙ୍କଠାରେ ଯୋଗାଣ ଅଧିକାରୀଙ୍କ ମନମୁଖୀ ଓ ଅନିୟମିତତା ଯୋଗୁ ବହୁ ବିପନ୍ନ ଶୁଖିଲା ଖାଦ୍ୟ ପାଇ ନ ଥିବାର ବିଧାୟକମାନେ ଅଭିଯୋଗ କରିଥିଲେ। ଉପମୁଖ୍ୟମନ୍ତ୍ରୀ ବନ୍ୟା ବିପନ୍ନଙ୍କ ସକାଶେ ସଦାବେଳେ ହାତ ଖୋଲା ରଖିଥିବାବେଳେ ଯୋଗାଣ ଅଧିକାରୀଙ୍କୁ ଖାଦ୍ୟ ବଣ୍ଟନକୁ ନେଇ ଯୋଗାଣ ଅଧିକାରୀଙ୍କୁ ତଲବ କରିଥିଲେ। ଏଥିସହିତ ବିଧାୟକଙ୍କ ୭ଦିନରୁ ୧୦ଦିନ ପର୍ଯ୍ୟନ୍ତ ରିଲିଫ ସାମଗ୍ରୀ ଦାବିକୁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହିତ ନେଇ ରିଲିଫ କମିଶନରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ରିଲିଫ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୋବାଦୀ ପଶୁଙ୍କ ଖାଦ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ ବିଭାଗୀୟଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ସୁବର୍ଣ୍ଣରେଖା ବନ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସଂସ୍କାର ଯୋଜନା ଶୀତଳଭଣ୍ଡାରରେ ଥିବା ବିଧାୟକଙ୍କ ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ ଚତୁରତାର ସହ ଏଡାଇ ଯାଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଜରୁରୀ କାର୍ଯ୍ୟ ଠପ୍



ଏଡିଏମ୍ (ସାଧାରଣ)ଙ୍କ କାର୍ଯ୍ୟାଳୟ ଫାଙ୍କା ପଡିଛି।

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–** ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲା ସଂଘ ପକ୍ଷରୁ ୪୨ଜଣ ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ଫଳରେ ଜିଲା ମୁଖ୍ୟାଳୟ ସମେତ ସମସ୍ତ ସରକାରୀ ଦପ୍ତର ଖାଁ ଖାଁ ଲାଗୁଛି। ତିନି ଦିନ ଧରି କାର୍ଯ୍ୟରେ ଅଚଳାବସ୍ଥା ଜାରି ରହିଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ନିରାଶ ହୋଇ ଫେରିଯାଉଥିବା ପରିଲକ୍ଷିତ ହୋଇଛି। ଜମିଜମାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଜିଲା କାର୍ଯ୍ୟାଳୟ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନାହିଁ।

ଏ ସମ୍ପର୍କରେ ସୋର ବ୍ଲକ ମୂଳେଶ୍ୱର ଅଞ୍ଚଳର ମହିଳା ଶ୍ରୀମତୀ ସେନାପତି ବୁଧବାର ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ସମ୍ପର୍କରେ ଏଡିଏମ୍ (ରାଜସ୍ୱ) ହେମନ୍ତ କୁମାର ସିଂଙ୍କୁ ଦେଖା କରିବାକୁ ଆସି ୪ ଘଣ୍ଟା ବସି ଫେରିଥିଲେ। ସେ କହନ୍ତି, କାମଧନ୍ଦା ଛାଡ଼ି ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର ଆସିଥିଲି। ମାତ୍ର ଅଧିକାରୀ ନ ଥିବାରୁ ଘରକୁ ଫେରିବା ପାଇଁ ବାଧ ହୋଇଛୁ। ପୁଣି କେବେ ଅଫିସର ଆସିବେ ମୋ ସମସ୍ୟା ସମାଧାନ ହେବ ବୋଲି କହିଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ କୁହନ୍ତି, ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଆମେ ଛୁଟିରେ ଅଛୁ। ପ୍ରତିବାଦ ଜାରି ରହିଛି। ଅଧିକାରୀଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବା ସହ ସରକାର ଦାବି ପୂରଣ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

**ନୀଳଗିରି, ୩।୭(ପ୍ରଶାନ୍ତ ବିଶ୍ୱାଳ)–**

ନୀଳଗିରି ବ୍ଲକ କେପିଲାଖରାଜ ପଞ୍ଚାୟତ କାଠଗୋଛି ଗ୍ରାମର ନରହରି ମଲ୍ଲିକ (୭୩) ଗୁରୁବାର ବିଲରେ ଧାନ ତଳି ପକାଉଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇ ନୀଳଗିରି ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଭାଲୁଟି ନରହରିଙ୍କ ଜଂଘରେ କାମୁଡ଼ି ଦେଇ ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିଲା। ଉପସ୍ଥିତ ଚାଷୀ ନରହରିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ନରହରିଙ୍କ କାନକୁ ଶୁଭୁ ନ ଥିବା ଓ ଦେଖିପାରୁନଥିବା କାରଣରୁ ଏଭଳି ଘଟଣା ଘଟିଥିବା ପୁଅ ବାବୁ ମଲ୍ଲିକ କହିଛନ୍ତି।

# ରାଧାକୃଷ୍ଣ ରାସଲୀଳାରେ ବିମୋହିତ ଦର୍ଶକ



ରାସଲୀଳାର ଏକ ଦୃଶ୍ୟ।

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଇମାମୀନଗର ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆ ମୁଖରିତ ହୋଇଉଠିଛି। ରଥ ଉତ୍ସବର ୬ଷ୍ଠ ଦିନରେ ଭକ୍ତଙ୍କ ସମାଗମ ଲାଗିରହିଛି। ବିଶେଷ ଭାବେ ରାଧାକୃଷ୍ଣଙ୍କ ରାସଲୀଳା ସମସ୍ତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଛି। ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ନୀତିକାନ୍ତି ସମାପନ ପରେ ତୁଳସୀ ଅଭିଷେକ, କଳାକାରଙ୍କ ଦ୍ୱାରା ହରିନାମ ସଙ୍କୀର୍ତ୍ତନ, ମହିଳାଙ୍କ ପୂଜାସ୍ଥଳୀ ଡେକୋରେଶନ, ଏକକ ନୃତ୍ୟ ପରିବେଷଣ ହୋଇଥିଲା। ସୁଦୂର ଋଷିକେଶରୁ ଆସିଥିବା ପ୍ରତିଷ୍ଠିତ କଳା ସଂସ୍ଥାନର କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାଧା କୃଷ୍ଣ ଚିତ୍ତାକର୍ଷକ ରାସଲୀଳା ଶ୍ରଦ୍ଧାଳୁଙ୍କ ମନରେ ବେଶ ଆଧାତ୍ମିକ ଚେତନା ଜାଗ୍ରତ କରିଥିଲା।

### ବାହୁଡ଼ା ଯାତ୍ରା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି

ଆସନ୍ତା ୫ତାରିଖ ଶନିବାର ବାହୁଡ଼ା ଯାତ୍ରା ନିମନ୍ତେ ଜଗନ୍ନାଥ ମନ୍ଦିରରେ ଥିବା ଆରତୀ ମଣ୍ଡପରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କାଙ୍କ ପୌରୋହିତ୍ୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାହୁଡା ଯାତ୍ରାରେ ସମସ୍ତ ଭକ୍ତମାନଙ୍କର ସୁରୁଖୁରୁରେ ଦର୍ଶନ, ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ଓ ରଥଟଣାର ବ୍ୟବସ୍ଥା ନିମନ୍ତେ ବ୍ୟାପକ ପ୍ରସ୍ତୁତି ନିର୍ଦ୍ଧାରିତ ହୋଇଛି। ଇମାମୀ କାଗଜକଳର ସମସ୍ତ ଅଧିକାରୀ, କର୍ମଚାରୀ, ଶ୍ରମିକ, ଶ୍ରମିକ ୟୁନିୟନ୍‌ର ନେତୃମଣ୍ଡଳୀ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା ତଥା ଇମାମୀ ଲେଡିଜ୍ କ୍ଲବ୍‌ର ସଦସ୍ୟା ଉପସ୍ଥିତ ଥିଲେ।

### ସେବାଶ୍ରମରେ ନିମ୍ନମାନର ଖାଦ୍ୟ ପ୍ରଦାନକୁ ନେଇ ଉତ୍ତେଜନା

**ଜଳେଶ୍ୱର, ୩।୭(ନବୀନ ସାହୁ)–**

ଜଳେଶ୍ୱର ବ୍ଲକ ମହମ୍ମଦନଗର ପାଟଣା ପଞ୍ଚାୟତର କୁବାଡ଼ିଆ ସେବାଶ୍ରମରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏଠାରେ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୩ ପିଲା ପାଠ ପଢ଼ନ୍ତି। ଏଠାରେ ୮୩ ଛାତ୍ରୀଛାତ୍ର ହଷ୍ଟେଲରେ ରୁହନ୍ତି। ଏହି ସେବାଶ୍ରମରେ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ପିଲାଙ୍କ ପାଇଁ ଥିବା ଖାଦ୍ୟ ତାଲିକା ଅନୁସାରେ ଖାଦ୍ୟ ପ୍ରଦାନ କରାଯାଉନାହିଁ। ଏ ନେଇ ଗୁରୁବାର ପ୍ରଧାନଶିକ୍ଷକ ପ୍ରଦୀପ ପରିଡ଼ାଙ୍କୁ ସରପଞ୍ଚ ଅରୁଣ ସେନାପତି, ଅଭିଭାବକ ଅକ୍ଷୟ ସେନାପତି, କୁନା ଗୁଡୁ, ସରୋଜ ଦେ, କାରଜୀ ସୋରେନ, ଚନ୍ଦନ ସୋରେନ, ଜିତୁ ମୁର୍ମୁ ଅଭିଯୋଗ କରିଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସଯତ୍ ଅନୁପମ ଆସି ପହଞ୍ଚିଥିଲେ। ସକାଳ ଜଳଖିଆ ସୁଜି ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଖାଲି ମୁଢ଼ି ଦିଆଯାଇଥିବା ବେଳେ ଦ୍ୱିପ୍ରହରରେ ଭାତ ସହିତ ଡାଲି, କଖାରୁ ଘାଣ୍ଟ ଥିବା ବେଳେ ପିଲାଙ୍କୁ କେବଳ କଖାରୁ ଘାଣ୍ଟ ଦିଆଯାଇଛି। ବିଭିନ୍ନ ସମୟରେ ଭାତ ବଦଳରେ ପଖାଳ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ ପରିଡାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ଠିକ୍‌ଠାକ୍ ଖାଦ୍ୟ ଦିଆଯାଉଛି ବୋଲି କହିଥିଲେ। ଏ ନେଇ ଅଧିକାରୀ ସଜତ ଅନୁପମଙ୍କୁ ପଚାରିବାରୁ ତଦନ୍ତ କରି ଜିଲା ସମାଜମଙ୍ଗଳ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଇରା, ୩।୭(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ମହେନ୍ଦ୍ର ନାଥ ପାତ୍ରଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଶିକ୍ଷକ ନେତା ତପନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟପରାୟଣ ଓ ପରୋପକାରୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି କହିବା ସହ ଏଥିପାଇଁ ପିଲାମାନେ ତାଙ୍କୁ ସବୁଦିନ ପାଇଁ ମନେ ରଖିବେ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଟିକିରାଣି ସେଠୀ, ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ, ସିଆରସିସି ବିଶ୍ୱନାଥ ଜେନା, ପ୍ରାକ୍ତନ ସିଆରସିସି ରଘୁନାଥ ଦଳେଇ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ସୁଶାନ୍ତ କୁମାର ମହାପାତ୍ର, ଜଗନ୍ନାଥ ମହାପାତ୍ର, ସୁଦର୍ଶନ ସେଠୀ, ଶତ୍ରୁଘ୍ନ ଦାସ ଓ ମନୋଜ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦାୟୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# 'ଧାନ କ୍ରୟ ନ ହେଲେ ଆନ୍ଦୋଳନ'



ଜିଲା ଯୋଗାଣ ଅଧିକାରିଣୀଙ୍କ ସହ ଯୁବନେତା ପଣ୍ଡା ଆଲୋଚନା କରୁଛନ୍ତି

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–**

ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଦଲାଲଙ୍କଠାରୁ ଧାନ ସଂଗ୍ରହ ହେଉଛି। ଯୋଗାଣ ବିଭାଗ ଓ ସମବାୟ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ଷଡ଼ଯନ୍ତ୍ର ପାଇଁ ଚାଷୀମାନେ ଧାନ ବିକ୍ରୟ ନ କରି ପାରି ହନ୍ତସନ୍ତ ହେଉଛନ୍ତି। ବାଲେଶ୍ୱର ସଦର ବ୍ଲକ ଅଧୀନ ଶ୍ରୀରାମପୁର ସମବାୟ ସମିତି ବିରୋଧରେ ଚାଷୀମାନେ ଏଭଳି ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ମୁତାବକ, ସମବାୟ ସମିତି ସମ୍ପାଦକ ଓ ସଭାପତି ଚକ୍ରାନ୍ତ କରି ଅଣଚାଷୀ ଏବଂ ଦଲାଲଙ୍କଠାରୁ ଧାନ ସଂଗ୍ରହ କରି ମିଳିଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଛନ୍ତି। ଫଳରେ ଟୋକନ୍ ପାଇଥିବା ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତର ବହୁ ଚାଷୀ ଚଳିତ ରବି ଧାନ ବିକ୍ରୟ କରିବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦରେ ଯୁବନେତା ବିକ୍ରମ ପଣ୍ଡା ବୁଧବାର ଜିଲା ଯୋଗାଣ ଅଧିକାରିଣୀ ପୁଷ୍ପିତା ନାୟକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ।

### ଚେତାବନୀ ଦେଲେ ଚାଷୀ

ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ସେ ଦାବି କରିଥିଲେ। ଧାନ କିଣା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ସୁନିଶ୍ଚିତ। ଏଥିସହ ଦଲାଲଙ୍କଠାରୁ ଧାନ ସଂଗ୍ରହ କରିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଯୁବନେତା ପଣ୍ଡା ଚେତାବନୀ ଦେଇଥିଲେ। ଏନେଇ ଜିଲା ଯୋଗାଣ ଅଧିକାରିଣୀ ନାୟକ ୭ ଦିନ ଭିତରେ ଚାଷୀଙ୍କ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର, ୩।୭(ନବୀନ ସାହୁ)– ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ରପୁର ପଞ୍ଚାୟତର ଜମାଲପୁର ଗ୍ରାମର ତାପସ ପାତ୍ର (୨୬) ବାଇକ୍ ଯୋଗେ ବୁଧବାର ବାଲେଶ୍ୱର ଯାଉଥିବା ବେଳେ ନିଧିପଣ୍ଡା ଛକ ନିକଟରେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ଛିଟ୍‌କି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାପସ ହାଇଦ୍ରାବାଦରେ ରହି ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ବୁଧବାର ହାଇଦ୍ରାବାଦରୁ ଫେରି ଜଳେଶ୍ୱରରୁ ଏକ ନୂତନ ରେସିଂ ବାଇକ୍ କିଣି ନିଜ କକାଙ୍କୁ ଦେଖା କରିବା ପାଇଁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମର ରାଜୀବ ଲୋଚନ ପରିଡ଼ା, ଆଶୋକ ପରିଡ଼ା, କାଳିଚରଣ ଦାସ, ବ୍ରଜମୋହନ ପ୍ରଧାନ, ପ୍ରବୀର ଦାସ ଓ ମଳୟ ପରିଡ଼ା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ଅପରାହ୍ନରେ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଗ୍ରାମ ଜମାଲପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


# ୪୭ ଶିକ୍ଷକ ଅଭାବ ସତ୍ତ୍ୱେ ୯ଙ୍କୁ ବଦଳି

**ସିମୁଳିଆ, ୩।୭(ସନ୍ତୋଷ ନାୟକ):**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଶିକ୍ଷା ବିଭାଗରେ ଗୋଳମାଳିଆ ସ୍ଥିତି ପରିଲକ୍ଷିତ ହୋଇଛି। ସରକାରଙ୍କ ନିୟମ ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ୩୦ଜଣ ଛାତ୍ରୀଛାତ୍ରଙ୍କ ଅନୁପାତରେ ଜଣେ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣ ଛାତ୍ରୀଛାତ୍ରଙ୍କ ଅନୁପାତରେ ଜଣେ ଶିକ୍ଷକ ରହିବାର ନିୟମ ରହିଛି। ତେବେ ସିମୁଳିଆ ବ୍ଲକରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ଥିବା ବେଳେ ପ୍ରଶାସନ ୯ଜଣଙ୍କୁ ଅନ୍ୟତ୍ର ବଦଳି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଯେ, ସିମୁଳିଆ ବ୍ଲକରେ ୧୧୬ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ, ୮ଟି ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଛି। ତେବେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୩୨୨ ଛାତ୍ରୀ ଓ ୬୬୨୯ ଛାତ୍ର ମୋଟ ୧୨ହଜାର ୯୫୧ଜଣ ଶିକ୍ଷାର୍ଥୀ ପାଠ ପଢୁଛନ୍ତି । ଏହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ୪୭୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ସରକାରୀ ଅନୁପାତରେ ମୋଟ ୪୭ଜଣ ଶିକ୍ଷାକର୍ମୀଙ୍କ ଅଭାବ ରହିଛି । ଏହି ପରିପ୍ରେକ୍ଷୀରେ ୬ଜଣ ଶିକ୍ଷକ ସ୍ୱଇଚ୍ଛାରେ ନିଜ ଅଞ୍ଚଳକୁ ବଦଳି ହୋଇଯାଇଛନ୍ତି। ଅପରପକ୍ଷେ ଅନ୍ୟ ୩ଜଣଙ୍କୁ ଅନ୍ୟତ୍ର ବ୍ଲକକୁ ବଦଳି କରିଦିଆଯାଇଛି। ସିମୁଳିଆ ବ୍ଲକ ଦାଣ୍ଡମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ନାୟକଙ୍କୁ ଭୋଗରାଇ ବ୍ଲକକୁ ବଦଳି କରିଦିଆଯାଇଛି। ଏ ସମ୍ପର୍କରେ ସେ କୁହନ୍ତି ଦାଣ୍ଡମଙ୍ଗଳା ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବା ସ୍ଥଳେ ସରକାରୀ ଗାଇଡଲାଇନକୁ ବେଖାତିର କରାଯାଇ ତାଙ୍କ ବଦଳି ଦେଢଶହ କି.ମି. ଦୂରକୁ କରିଦିଆଯାଇଛି। ଅପରପକ୍ଷେ ଶିକ୍ଷା କମିଟି ଓ ଅଭିଭାବକ ମଧ୍ୟ ଏହାକୁ ବିରୋଧ କରିଛନ୍ତି। ଏହି ବଦଳିକୁ ଖାରଜ କରା ନ ଗଲେ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ସେହିପରି କୁପୁରା ୟୁଜିୟୁପିର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କୁ ବସ୍ତା ବ୍ଲକକୁ ବଦଳି କରାଯାଇଛି। ସ୍ୱଳ୍ପ ଦରମାରେ ବ୍ଲକ ବାହାରକୁ ବଦଳି କରାଯିବା ଅତ୍ୟନ୍ତ ଦୁଃଖଦ ବୋଲି ସେ କହିଛନ୍ତି। ସେହିପରି ଅଡା ଏମ୍‌ଇର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁଅଁରଙ୍କୁ ମଧ୍ୟ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି । ଶିକ୍ଷକ ବଦଳି ସମ୍ପର୍କରେ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିକ୍ଷକ କଳ୍ପତରୁ ଦାଶ କୁହନ୍ତି, ଏହି ବଦଳି ପ୍ରକ୍ରିୟା ଆକ୍ରୋଶମୂଳକ, ଆଗାମୀ ଦିନରେ ଶିକ୍ଷକ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ସେହିପରି ସିମୁଳିଆ ବ୍ଲକର ୧୬ଟି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସିମାନଙ୍କ କାର୍ଯ୍ୟକାଳ ଗତ ୧୬।୬।୨୫ରେ ଶେଷ ହେବା ପରେ ତାଙ୍କୁ ଗତ ୩୦।୬।୨୫ରେ ରିଲିଫ ଅର୍ଡର ପ୍ରଦାନ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏବିଇଓ ଅଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଜିଲା ପ୍ରଶାସନ ପକ୍ଷରୁ ଶିକ୍ଷକମାନଙ୍କ ବଦଳି କରାଯାଇଥିବା ସେ କହିଛନ୍ତି ।

### ସିମୁଳିଆ: ୩ ଶିକ୍ଷକଙ୍କୁ ଦେଢ଼ ଶହ କି.ମି. ଦୂରକୁ ବଦଳି




# ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶ

**କଟକ,୩।୭(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା (ଅଷ୍ଟମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୭୯.୨୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ବୋର୍ଡ ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗତ ମେ' ୨୧ରେ ସମଗ୍ର ରାଜ୍ୟର ୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ମୋଟ ୧୫୨୫ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦୮ଜଣ ପରୀକ୍ଷା ଦେଇଥିବା ବେଳେ ୭୮ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିସହ ୨୩୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନଂ. ଓ ନାମ ପ୍ରଦାନ କରି ନିଜ ଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

# ବଜ୍ରପାତରେ ୨ ଯୁବକ ମୃତ

**ଝାରସୁଗୁଡ଼ା,୩।୭ (ଆଶିଷ ରଞ୍ଜନ ଦାଶ)**

ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବଞ୍ଜାରୀ ଅଞ୍ଚଳର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ଗୁରୁବାର ଭୋର ୪ଟାରେ କୁରେବଗାସ୍ଥିତ ପାଉଁଶ ପୋଖରୀରୁ ସେମାନେ କିଛି ପଦାର୍ଥ କାଢୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବଡ଼ମାଲ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






# ଶବରୀ ଭବନ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

**■ ଶବରୀ ସାଂସ୍କୃତିକ ଭବନର ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେବ ୨ କୋଟି**
**■ ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ: ମୋହନ**

**ଭୁବନେଶ୍ୱର,୩।୭ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତୀକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ। ଆଦିବାସୀ ଭଉଣୀ, ଭାଇମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନ ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭଉଣୀ, ଭାଇମାନେ ଯେତେବେଳେ ଆସିବେ ଏଠାରେ ନିଜ ଘର ପରି ଅନୁଭବ କରିବେ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନଶୈଳୀ,



ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାରକରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟର ୨୪% ଜନଜାତି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ '୩୬ ପାଇଁ ୩୬' ବୋଲି କୁହାଯାଉଛି। ରାଜ୍ୟର ଡବଲ ଇଞ୍ଜିନ ସରକାର ୧ ବର୍ଷର ସଫଳ ଯାତ୍ରା ପୂରଣକରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ, ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠନକରି ୨୦୦ କୋଟି ଲେଖାଏଁର ଅନୁଦାନ ପ୍ରଦାନ କରିଛନ୍ତି। ଏଥିରୁ ଦକ୍ଷିଣ ଓଡ଼ିଶା ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲାର ବିକାଶର ଗତି ଦ୍ରୁତତର ହେବ। ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ ବୋଲି ସେ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ମୁନା ଖାଁ, ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତାରାପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପୁ ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କାଡ୍ରାକା ଅପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପୁଅ, ବୋହୂଙ୍କ ଜୀବନ ଗଲା

**ବାପାଙ୍କ ଶବ ଦାହ କରିବାକୁ ଯାଉଥିଲେ**

**ବୌଦ୍ଧ/ହରଭଙ୍ଗା/ନୟାଗଡ଼/ଗଣିଆ,୩।୭ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ/ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାପାଙ୍କ ଶବଦାହ କରିବାକୁ କାର୍‌ରେ ଗାଁକୁ ଯାଉଥିବା ବେଳେ ଛିଡା ହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇଯିବାରୁ ପୁଅବୋହୂଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନୟାଗଡ଼ ଜିଲା ଗଣିଆ ପାଟଣାସାହିର ରାଜକିଶୋର ସାହୁ (୫୫) ଏବଂ ସ୍ତ୍ରୀ ମୀନାକ୍ଷୀ ସାହୁ (୫୦)।

ସୂଚନା ମୁତାବକ, ରାଜକିଶୋର ନୂଆପଡା ଜିଲା କୁରୁମ ଭୋଇ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ରାତି ୯ଟାରେ ତାଙ୍କ ବାପା ବଲ୍ଲଭ ସାହୁ(୮୬)ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଜକିଶୋର ବାପାଙ୍କ ଶବଦାହ କରିବାକୁ ସ୍ତ୍ରୀ ମୀନାକ୍ଷୀଙ୍କୁ ଧରି ଏକ କାର୍ ଯୋଗେ ନୂଆପଡାରୁ ନିଜ ଗାଁକୁ ଯାଉଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାଠାରେ ଗୁରୁବାର ଭୋର୍ ୬ଟାରେ ରାସ୍ତାକଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍‌ରେ କାର୍‌ଟି ମୁହାଁମୁହିଁ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ରାଜକିଶୋର ଓ ମିନାରାଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ରାଜକିଶୋର ଓ ମୀନାକ୍ଷୀ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବଲ୍ଲଭଙ୍କ ମୃତଦେହକୁ ଗୁରୁବାର ଭୋର୍ ସମୟରେ ଦାହ କରାଇଦେଇଥିଲେ। ପୁଅବୋହୂଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଲା ବେଳକୁ ବାପାଙ୍କ ମୃତଦେହ ସତ୍କାର ହୋଇସାରିଥିଲା। ବୌଦ୍ଧରେ ରାଜକିଶୋର ଓ ମୀନାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଆସିବା ପରେ ପୁରୀ ନେଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ମୃତ ରାଜକିଶୋରଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଜକିଶୋର ନୂଆପଡାରେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଆଉ ମାତ୍ର ୪ବର୍ଷ ପରେ ଅବସର ନେଇଥାନ୍ତେ।



ଦୁର୍ଘଟଣାଗ୍ରସ୍ତ ଗାଡ଼ି
ରାଜକିଶୋର ସାହୁ
ମୀନାକ୍ଷୀ ସାହୁ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ, ସ୍ଥାନ: ରେଲ୍ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ କଳାକାର ଡ୍ୟାନ୍ସର ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ପୂର୍ବାହ୍ନ ୧୧ଟା ୩୦।
- ସଙ୍ଗୀତା ପ୍ରତିଭା ସମାରୋହ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜର ମିଳିତ ସହଯୋଗରେ ଓଡ଼ିଶା ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଣ୍ଡିତଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ୍, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- କୀର୍ତ୍ତନ/ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୪ଟା।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## କେନ୍ଦୁଝର
- ବନ ମହୋତ୍ସବ ପାଳନ ଓ ବୃକ୍ଷରୋପଣ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ୱାର୍ଡ ନଂ–୧୫, ବଡବିଲ, ସମୟ: ପୂର୍ବାହ୍ନ ୯ଟା ୩୦।

## ମୟୂରଭଞ୍ଜ
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ୬୯ତମ ବନମହୋତ୍ସବ ପାଳିତ, ସ୍ଥାନ: ନଗରବନ ଚାରିମାଇଲି ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଭଜନ ସମାରୋହ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର
- ଆମଦାନୀ ରପ୍ତାନୀକାରୀ ସଂସ୍ଥାଙ୍କୁ ନେଇ ରାମ୍ପ ସ୍କିମ କର୍ମଶାଳା, ସ୍ଥାନ: ହୋଟେଲ ଏମ୍ପାୟର୍ସ, କଲେଜ ରୋଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁରରୋଡ୍ ଜେଏମ୍ଏଫ୍‌ସି କୋର୍ଟ ପକ୍ଷରୁ, ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ତେନ୍ତୁଳିଖୁଣ୍ଟା ସ୍ଥିତ ନୂତନ କୋର୍ଟ ପରିସର, ସମୟ: ସକାଳ ୮ଟା।
- ଜିଲା କୋର୍ଟ ପକ୍ଷରୁ ଯାଜପୁର ଗାର୍ଲସ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ,ସ୍ଥାନ : ଯାଜପୁର ନନ୍ଦିପୁର ସରକାରୀ ହାଇସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ଅପରାହ୍ନ ୩ଟା।
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପଠାଣୀ ସମାନ୍ତ ନର୍ସିଂ ସ୍କୁଲ ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ବେଶରେ ଗରୁଡ ଗୋବିନ୍ଦ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦।
- ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ, ସ୍ଥାନ:ଖଣ୍ଡପଡ଼ା ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦।

## ରାୟଗଡ଼ା
- ମହାବିଦ୍ୟାଳୟ ୫୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଭାଜପା ନେତାଙ୍କ ସହ ବୈଠକ, ସ୍ଥାନ: ଭାଜପା ଦଳୀୟ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଉଦିଆତାରା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଜିଉଙ୍କ କଳକୀ ଅବତାର, ସ୍ଥାନ: ଆଡ଼ପ ମଣ୍ଡପ, ସମୟ : ଅପରାହ୍ନ ୫ ଟା।

## ମାଲକାନଗିରି
- ମାଥିଲି ବ୍ଲକରେ ରେଳ ଜମି ଅଧିଗ୍ରହଣ ମୂଲ୍ୟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ:ମାଥିଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ସ୍ଥାପନ, ମୂର୍ତ୍ତି ସ୍ଥାପନ, ସ୍ଥାନ: ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆମଷଢା କଟାପାଲି, ସମୟ: ଅପରାହ୍ନ ୫ଟା।
- ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି ଜୁହାର ଛକ, ସମୟ: ଅପରାହ୍ନ ୫ଟା ୩୦।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆପାଲି, ସମୟ: ସନ୍ଧ୍ୟା ୬ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ବ୍ରାହ୍ମଣୀଜୋରରେ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବ୍ରାହ୍ମଣୀଜୋର, ଦେଓଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ–ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଧର୍ମଗଡ଼ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଗଣବ୍ରତ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସକାଳ ୭ଟା।
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ କଳକୀ ଅବତାର, ସ୍ଥାନ: ମାଉସୀମା ମନ୍ଦିର , ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ୭୬ତମ ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣୀ ବ୍ଲକର ସାମନ୍ତରାପାଳି ଗ୍ରାମ, ସମୟ: ସକାଳ ୮ଟା ୪୫।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଗରିବ କଲ୍ୟାଣ ଓ ବିକାଶ ସମାବେଶ, ସ୍ଥାନ: ବଡ଼ ବଗିଚା, ପ୍ରଧାନପାଟ ରୋଡ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ସ୍ଥାନ: ସିଲାଟି ଡୁଙ୍ଗୁରି ରାସ୍ତା, ବିନିକା, ସମୟ:ଅପରାହ୍ନ ୪ଟା।
- ବନ ମହୋତ୍ସବ ଅବସରରେ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ବ୍ଲକର ସିଲାଟି ଡୁଙ୍ଗୁରି ରାସ୍ତା, ସମୟ: ଅପରାହ୍ନ ୪ଟା।
- ତରଭା ରଥଯାତ୍ରା ଅବସରରେ ମାଉସୀ ମା' ମନ୍ଦିରରେ ଦଧିବାମନ ଜଗନ୍ନାଥଙ୍କ ବଳରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ୭ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୪୩.୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୪.୨ ମିମି, ବୌଦ୍ଧରେ ୧୫ ମିମି ଓ ନବରଙ୍ଗପୁରରେ ୫.୫ ମିମି ବର୍ଷା ହୋଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଅନ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶୁକ୍ରବାର କେତେକ ଜିଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା ବରଗଡ, ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ। ସେହିପରି ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡା, ଗଜପତି ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

# ବିଜେଡି ପ୍ରରୋଚନାରେ ଓଏଏସ୍ ସଂଘର ଆନ୍ଦୋଳନ: ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସର ମାଡ଼ ପ୍ରସଙ୍ଗକୁ ନେଇ ବିଜେଡି ରାଜନୀତି କରୁଛି ବୋଲି ଭାଜପା ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି। ଗୁରୁବାର ସାଂସଦ ଗଣମାଧ୍ୟମକୁ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସରକାରଙ୍କ ମୁଣ୍ଡ କିପରି ତଳକୁ ନଇଁବ ସେଥିପାଇଁ ବିଜେଡି ପୂରା ଦମ୍‌ରେ ଲାଗି ପଡ଼ିଛି। ଅତିରିକ୍ତ ଆୟୁକ୍ତଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାକୁ ନିନ୍ଦା କରୁଛି। ସରକାର ସମ୍ବେଦନଶୀଳ ଅଛନ୍ତି। ସଂଘ ଯେଉଁ ପ୍ରଚ୍ଛଦ ପଟର ମୁଖ୍ୟଙ୍କ କଥା କହୁଛି, ତାହା କେବଳ ପ୍ରାୟୋଜିତ। ଏସବୁକୁ ମଧ୍ୟ ରାଜ୍ୟ ସରକାର ଦୃଢ଼ତାର ସହ ବିଚାର କରୁଛନ୍ତି। ଯିଏ ଦୋଷୀ ସିଏ ନିଶ୍ଚିତ ଦଣ୍ଡ ପାଇବ। ହେଲେ ବିଜେଡି ଏହାକୁ ନେଇ ଯେଉଁ ରାଜନୀତି କରୁଛି ତାହାକୁ ରାଜ୍ୟବାସୀ କ୍ଷମା ଦେବନାହିଁ ବୋଲି ସାଂସଦ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ମରିଗଲେ ଆନନ୍ଦ କାହିଁ ?**
**ଚାନ୍ଦ ବୁଡ଼ିଗଲେ ଚାନ୍ଦିନୀ କାହିଁ ?**

ଯେମିତି ମନ ବିରସ ହେଲେ ଖୁସି ଉଭେଇଯାଏ ସେମିତି ଚାନ୍ଦ ନ ଥିଲେ ରାତି ଅନ୍ଧାର ଲାଗେ। ମନ ଖୁସିଥିଲେ ଦୁନିଆର ସବୁ ସୁଖ ହାତ ମୁଠାରେ। ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମାର୍ଜାର ଯେବେ କରୁଥିବ କଳି,**
**ଆଗକୁ ପାଦେ ନ ଯିବଟି ଚଳି।**

ଅନୁକୂଳ କରି ଘରୁ ବାହାରିବା ସମୟରେ ଆଗରେ ବିଲେଇ କଳି କରୁଥିବାର ଦେଖିଲେ ଅନୁକୂଳ ବିଗିଡି ଯାଏ। ଏପରି ସ୍ଥଳେ ଆଗକୁ ନ ଯିବା ଭଲ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁକ୍ତ୩ ସ୍ପଟ୍ ନାମଲେଖା ପାଇଁ ୭ରୁ ଆବେଦନ

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

**୧୦ରୁ ପ୍ରଥମ ବର୍ଷ ପାଠପଢ଼ା**

ଚଳିତବର୍ଷ ଯୁକ୍ତ୩ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଆସନ୍ତା ୭ତାରିଖଠାରୁ ସ୍ପଟ୍ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ସମସ୍ତ ପର୍ଯ୍ୟାୟରେ ନାମଲେଖା ସୁଯୋଗ ପାଇନାହାନ୍ତି କିମ୍ବା ନିଜ ମନ ପସନ୍ଦର କଲେଜରେ ନାମ ଲେଖାଇ ପାରିନାହାନ୍ତି ସେମାନେ ଏହାର ସୁଯୋଗ ନେଇପାରିବେ। ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ସମେତ ସେଲ୍ଫ ଫାଇନାନ୍ସ ଏବଂ ସଂସ୍କୃତ କଲେଜର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇପାରିବେ। ଆସନ୍ତା ୭ ତାରିଖ ଅପରାହ୍ନ ୨ଟାରୁ ୧୦ ତାରିଖ ରାତି ୧୧ଟା ୪୫ ଯାଏ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ଅତିକମ୍‌ରେ ଗୋଟିଏ କଲେଜ କିମ୍ବା ତା'ଠାରୁ ଅଧିକର କଲେଜକୁ ଚୟନ କରିପାରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ମେରିଟ ଲିଷ୍ଟ ଇ–ସ୍ପେସ ମାଧ୍ୟରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୧୪ ତାରିଖରେ ନୋଟିସ୍ ବୋର୍ଡ ଏବଂ ୱେବ୍ ସାଇଟରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ୧୫ ତାରିଖରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଯେଉଁମାନେ ୱେଟିଂ ଲିଷ୍ଟରେ ଥିବେ ସେମାନେ ୧୬ରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଜୁଲାଇ ୧୦ରୁ ଯୁକ୍ତ ୩ର ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୭ରେ ବି.ଏଡ୍., ଏମ୍.ଏଡ୍. ଉତ୍ତର ପ୍ରକାଶନ

**ପ୍ରତିଟି ପ୍ରଶ୍ନ ପାଇଁ ୨୦୦ ଟଙ୍କା ଦେବାକୁ ପଡ଼ିବ**

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା–୨୦୨୫ର ସାମୟିକ ଉତ୍ତର ପ୍ରକାଶନ ବା ଆନ୍‌ସାର୍ କି' ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍‌ବି) ପକ୍ଷରୁ ପ୍ରଦାନ କରାଯାଇଥିବା ମାର୍କକୁ ନେଇ କେତେଜଣ ପରୀକ୍ଷାର୍ଥୀ ଅସମ୍ମତି ଓ ଅଭିଯୋଗ ଆଣିଥିଲେ। ଏହାକୁ ଭିତ୍ତିକରି ଅସମ୍ମତିର ସମାଧାନ ସହ ପ୍ରକ୍ରିୟାରେ ପ୍ରତିପାଳିତ ହେଉଥିବା ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ସାମୟିକ ଉତ୍ତର ପ୍ରକାଶନ କରାଯିବ। ଆବେଦନକାରୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ ପୋର୍ଟାଲ https://ssbodisha.ac.in/ରେ ପ୍ରକାଶନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆବେଦନକାରୀମାନେ ତାଙ୍କ ଉତ୍ତରଗୁଡ଼ିକୁ ଯାଞ୍ଚ କରିପାରିବେ। ୮ତାରିଖ ପୂର୍ବାହ୍ନ ୧୧ଟାରୁ ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନକାରୀମାନେ ନିଜ ଅଭିଯୋଗ ସାମ୍ସ ପୋର୍ଟାଲ https://www.samsodisha.gov.in/ ମାଧ୍ୟମରେ ଦାଖଲ କରିପାରିବେ। ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଲେଖାଏ ପଇଠ କରିବାକୁ ପଡ଼ିବ ବୋଲି ଏସ୍ଏସ୍‌ବି ସଭାପତି କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରବେଶିକା ପରୀକ୍ଷା ଓ ନାମଲେଖା ପାଇଁ ହୋଇଥିବା ଯୋଗ୍ୟତା ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଅଧିକ ମାର୍କ ପାଇବାକୁ ବହୁ ପରୀକ୍ଷାର୍ଥୀ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଥିଲା। ଏସ୍ଏସ୍‌ବି ପକ୍ଷରୁ ଉତ୍ତର ନ ବାହାର କରି ସିଧାସଳଖ ସ୍କୋର୍ କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଜେଲ ଗଲେ...

ବିଏମ୍‌ସି ଅଫିସ ପରିସରରେ ଗତ ୩୦ ତାରିଖରେ ରତ୍ନାକରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା, ଯାହାର ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଥିଲା। ଜଗନ୍ନାଥଙ୍କ ଗିରଫ ଦାବିରେ ୩ ଦିନ ଧରି ରାଜ୍ୟସାରା ଓଏଏସ୍ ଅଧିକାରୀମାନେ କାର୍ଯ୍ୟ କରୁ ନ ଥିବାରୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା ଏଥିରେ ଓଡ଼ିଶା ରାଜସ୍ୱ ସେବା(ଓଆର୍ଏସ୍) ଅଧିକାରୀ ସାମିଲ ହୋଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହୋଇଥିଲେ। ଜଗନ୍ନାଥଙ୍କ ଗିରଫଦାରି ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଥିଲେ, ସମ୍ପ୍ରତି ବାଲେଶ୍ୱର ସମେତ କେତେକ ଅଞ୍ଚଳରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି, ତାକୁ ଦୃଷ୍ଟିରେ ରଖି ଓଏଏସ୍ ଅଧିକାରୀମାନେ ଉକ୍ତ ଅଞ୍ଚଳରେ ସରକାରୀ କାର୍ଯ୍ୟ କରିବେ। ଏହାସହିତ ରଥଯାତ୍ରାରେ ମଧ୍ୟ ନିଜ କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଥିଲେ। ଜଗନ୍ନାଥଙ୍କ ଗିରଫଦାରି ପରେ ସଂଘ ପକ୍ଷରୁ ସଭାପତି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ସଂଘର ପୂର୍ଣ୍ଣ ଭରସା ଥିଲା ବୋଲି ସେ କହିଛନ୍ତି।

## ସମୟ ପୂର୍ବରୁ...

ପାର୍ଟିକ୍ୟୁଲେଟ୍ ମ୍ୟାଟର ୨.୫(ପିଏମ୍୨.୫)କୁ ସବୁଠୁ ବିପଜ୍ଜନକ ବାୟୁ ପ୍ରଦୂଷକ ବୋଲି ମନେକରାଯାଉଛି। ଜୀବାଶ୍ମ ଇନ୍ଧନର ଓ ବାୟୋମାସ୍‌ର ଜାଳେଣିକୁ ଏଥିପାଇଁ ଦାୟୀ କରାଯାଉଛି। ଗବେଷକମାନେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ଭଳି ଉପର ଗାଙ୍ଗେୟ ଅଞ୍ଚଳ ଏବଂ ଦକ୍ଷିଣ ଓ ଉତ୍ତର–ପୂର୍ବ ଅଞ୍ଚଳର ତଳ ସ୍ତରରେ ପିଏମ୍୨.୫ର ମାତ୍ରା ଅଧିକ ରହିଥିବା ଜାଣିବାକୁ ପାଇଛନ୍ତି। ବିଶେଷକରି ହିମାଚଳ ପ୍ରଦେଶ (୩୯%), ଉତ୍ତରାଖଣ୍ଡ(୨୭%), ରାଜସ୍ଥାନ(୧୮%) ଓ ଦିଲ୍ଲୀ(୧୭%) ଭଳି ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲା ଜନ୍ମ ହେଉଛନ୍ତି। ତେବେ ମିଜୋରାମ, ମଣିପୁର ଓ ତ୍ରିପୁରାରେ ଏହାର ପ୍ରଭାବ କମ୍ ରହିଛି।

ପଞ୍ଜାବରେ ସର୍ବାଧିକ ୨୨% ନବଜାତ ଶିଶୁଙ୍କ ଓଜନ କମ୍ ରହୁଛି। ଏହା ପଛକୁ ରହିଛି ଦିଲ୍ଲୀ, ଦାଦ୍ରା ଓ ନଗର ହାବେଳି, ମଧ୍ୟପ୍ରଦେଶ, ହରିୟାଣା ଓ ଉତ୍ତର ପ୍ରଦେଶ। ପିଲାଙ୍କ ଓଜନ କ୍ଷେତ୍ରରେ ଉତ୍ତର–ପୂର୍ବ ଭାରତର ସ୍ଥିତି ଉନ୍ନତ ରହିଛି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ ଓ ଅନ୍ୟାନ୍ୟ ଡେଟାକୁ ଉପଯୋଗକରି ଅଧ୍ୟୟନରେ ପରିସଂଖ୍ୟାନଗତ ବିଶ୍ଳେଷଣ କରାଯାଇଥିଲା। ସେଥିରୁ ୧୩% ପିଲା ପ୍ରିମାଚ୍ୟୁର ଜନ୍ମ ହେଉଥିବା ଏବଂ ୧୭ ପ୍ରତିଶତଙ୍କ ଓଜନ କମ୍ ରହୁଥିବା ଜଣାପଡ଼ିଥିଲା। ପ୍ରତି ୧୦ କ୍ୟୁବିକ୍ ମିଟରରେ ୧୦ ମାଇକ୍ରୋଗ୍ରାମ୍ ପ୍ରଦୂଷଣ ବଢ଼ିଲେ ଜନ୍ମବେଳେ ଶିଶୁଙ୍କ ଓଜନ ହ୍ରାସ ଆହୁରି ୫% ବଢ଼ିବା ଆଶଙ୍କା ରହିଛି। ସେହିପରି ସମୟ ପୂର୍ବରୁ ଜନ୍ମହାର ମଧ୍ୟ ଆହୁରି ୧୨% ବଢ଼ିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ–୫ ଅଧ୍ୟୟନର ୫ ବର୍ଷ ପୂର୍ବରୁ ଜନ୍ମିତ ୧୮% ଶିଶୁଙ୍କ ଓଜନ କମ୍ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେମାନେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଉତ୍ତର ଭାରତୀୟ ଜିଲାଗୁଡ଼ିକରେ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

## ରତ୍ନଭଣ୍ଡାର ମରାମତି...

ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଜୁନ୍ ୨୮ ତାରିଖରେ ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିବା ସହ ବାକିଥିବା କାର୍ଯ୍ୟ ଆରମ୍ଭ କରିଥିଲେ। ତେଣୁ ଗୁରୁବାର ରତ୍ନଭଣ୍ଡାର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇଥିଲେ। ସମୀକ୍ଷା ପରେ ଗଜପତି ମହାରାଜା ରତ୍ନଭଣ୍ଡାର କାର୍ଯ୍ୟ ସନ୍ତୁଷ୍ଟ ଥିବା ସେ ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀମନ୍ଦିର ୮୦୦ ବର୍ଷର ପୁରାତନ ହୋଇଥିବା ବେଳେ ପୂର୍ବରୁ ରତ୍ନଭଣ୍ଡାର କେବେ ମରାମତି ହୋଇ ନ ଥିଲା, ପ୍ରଥମଥର ପାଇଁ କରାଯାଉଛି। ଗଜପତି ମହାରାଜା କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବହୁବର୍ଷ ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାର ସ୍ଥିତି ବହୁତ ଖରାପ ଥିଲା। ଏହା ମରାମତି ହୋଇ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ବହୁ ସମସ୍ୟା ହୋଇଥାନ୍ତା ବୋଲି ଏଏସ୍ଆଇ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମହାପ୍ରଭୁଙ୍କ କୃପାରୁ ଏଏସ୍ଆଇର ସମସ୍ତ ଟିମ୍ ୧୧ ମାସ ହେଲା କାର୍ଯ୍ୟ ଜାରି ରଖିଛି। ଆସନ୍ତା ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଛି। ମନ୍ଦିର ନିର୍ମାଣ ଶୈଳୀରେ ପଥରଗୁଡ଼ିକ ପ୍ରତିସ୍ଥାପନ କରାଯାଇଛି। ଅନେକ ପିଲର ଖରାପ ଥିବାରୁ ତାହା ରିପ୍ଲେସ କରାଯାଇଛି। ପାଖାପାଖି ୬୦୦ ଖଣ୍ଡ ସାହାଣ ପଥର ବ୍ୟବହାର କରାଯାଇଛି। ମରାମତି କାର୍ଯ୍ୟ ସରିବା ପରେ ବାହାର ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ଯିବ। ନୀଳାଦ୍ରି ବିଜେ ପୂର୍ବରୁ ଭଣ୍ଡାର ମରାମତି କାର୍ଯ୍ୟ ସରି ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ଅଳଙ୍କାରର ଗଣତି ମଣତି କରାଯିବ।

ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିଛନ୍ତି, ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ରତ୍ନଭଣ୍ଡାରର ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟ କାର୍ଯ୍ୟ ଯେପରି ପଥର ରିପ୍ଲେସମେଣ୍ଟ, ବିମ୍, ଫାଟ ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଯାଇଛି। ମହାରାଜା ମରାମତି କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ପୁରୁଣା...

ଏହା ଦ୍ୱାରା ୬୨ ଲକ୍ଷରୁ ଊର୍ଦ୍ଧ୍ୱ କାର, ଦୁଇଚକିଆ ଯାନ, ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରଭାବିତ ହୋଇଥାନ୍ତେ। ଏହାକୁ ନେଇ ସରକାର ଲୋକଙ୍କ ରୋଷର ଶିକାର ହେବା ପରେ ବିବାଦୀୟ ନିଷ୍ପତ୍ତି ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାର ସେମାନଙ୍କ ସହ ଛିଡ଼ା ହୋଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି। ତେବେ ପୁରୁଣା ଗାଡ଼ିଗୁଡ଼ିକୁ ବ୍ୟାନ୍ କରିବା ଦିଗରେ ସରକାର ସମାଧାନ ପନ୍ଥା ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ପୁରୁଣା କାର୍ ଓ ମୋଟରସାଇକେଲକୁ ଯତ୍ନର ସହ ରଖିଥିବା ଲୋକଙ୍କୁ ଦଣ୍ଡିତ କରା ନ ଯାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବା ଗାଡ଼ିଗୁଡ଼ିକୁ ଜବତ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସିର୍ସା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଆପଣଙ୍କ ଭୁଲ ନିଷ୍ପତ୍ତି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତାବଶତଃ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ବୃଷ** କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଆପଣ ନୀରବ ରହିବାକୁ ବାଧ୍ୟ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁ ମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ଆଜିର ଶୁଭଯୋଗରୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ଆପଣଙ୍କ କାମଟି କରିବା ସକାଶେ ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ** କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ବାଧକତାରେ କରିବାକୁ ପଡିପାରେ। ଯାନବାହନରେ ସତର୍କ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବାର ଆଶା ରହିଛି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା ଦୂର ହେବ।

**କନ୍ୟା** ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ସବୁ ଓଲଟପାଲଟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପରିବାରରେ ଅଶାନ୍ତି ଦୂର ହେବା ସୂଚନା ପାଇବେ।

**ତୁଳା** ଅର୍ଥ ସଙ୍କଟ ଯୋଗୁ କାମଗୁଡିକ ଅଧାରେ ଅଟକି ଯିବାର ଆଶଙ୍କା ରହିଛି। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନଚେତ୍ ଠକିଯିବାଟା ହିଁ ସାର ହେବ। ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି।

**ବିଛା** ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ଆଜି ଆଶା ନିଶ୍ଚିତ ପୂରଣ ହେବ କିନ୍ତୁ ପ୍ରାଥମିକ ଅବସ୍ଥାରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ଯାହାକି ଅଯଥା ଟେନ୍ସନ ସୃଷ୍ଟି କରିବ ।

**ଧନୁ** ଶନିଙ୍କ ପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ଉପୁଜିବ। ନୂତନ କର୍ମସଂସ୍ଥାନ ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପୂର୍ବ ପରିକଳ୍ପିତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡିବ ନାହିଁ।

**ମକର** ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ପରେ ବହୁତ ବ୍ୟସ୍ତ ହେବାକୁ ପଡିପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। କିଛି ପାଇବାର ଆଶା ରଖି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ** ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଜୁଲାଇ ୪ ତାରିଖ, ଆଷାଢ଼ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଆଡପ ମଣ୍ଡପେ ଶ୍ରୀଜୀଉଙ୍କ ବାହୁଡ଼ା ପୂର୍ବ ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ ଗତେ, ଘ.୦୭।୦୧ ମଧ୍ୟେ, ଘ.୧୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୧୨ ଗତେ, ଘ.୧୧।୫୧ ମଧ୍ୟେ ରାହୁକାଳ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ




**ଭୋଗରାଇ(ପ୍ରଦୀପ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୩।୭**

୧୦ଦିନ ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିଛି। ପ୍ରଥମ ବନ୍ୟା ପାଣି ନ ଛାଡୁଣୁ ଦ୍ୱିତୀୟ ବନ୍ୟା ଆସିଲା। ବନ୍ୟା ପ୍ରଭାବରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବ୍ୟାପକ ଧନଜୀବନ କ୍ଷତି ଘଟିଛି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୋଗରାଇ ଓ ବାଲିଆପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ଅପରାହ୍ନ ୫ଟାରେ ଭୁବନେଶ୍ୱର ଫେରିଯାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ହେଲିକପ୍ଟର ଯୋଗେ ଭୋଗରାଇ ତାଳସାରୀ ନିକଟ ବିନ୍ଧାପଦ୍ମପୁର ହେଲିପ୍ୟାଡ ପଡ଼ିଆରେ ପୂର୍ବାହ୍ନ ୧୧ଟା ୧୦ରେ ଅବତରଣ କରି କାର୍ ଯୋଗେ ଭୋଗରାଇ ଲକଗେଟରେ ପହଞ୍ଚିଥିଲେ। ସେଠାରୁ ଏକ ଯନ୍ତ୍ରଚାଳିତ ବୋଟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ (ସାଧାରଣ) ସୁଧାକର ନାୟକ, ଜିଲାପରିଷଦ କାର୍ଯ୍ୟକାରିଣୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି ପ୍ରମୁଖ ସୁବର୍ଣ୍ଣରେଖା ନଦୀକୂଳ ଗାଁ ବାଉଁଶଖଣା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସମସ୍ୟା ପଚାରି ବୁଝିଥିଲେ। ବନ୍ୟା ବିପନ୍ନମାନେ ଶୁଖିଲା ଖାଦ୍ୟ ପାଇ ନ ଥିବା ଅଭିଯୋଗ ସହିତ ବାଉଁଶ ଖଣା ପ୍ରାଥମିକ ବିଦ୍ୟାଳୟ ଦୀର୍ଘଦିନ ହେଲା ବନ୍ଦ ଥିବାରୁ ଉକ୍ତ ବିଦ୍ୟାଳୟକୁ ଚଳିତବର୍ଷ ଖୋଲିଦେବାକୁ ଦାବି ରଖିଥିଲେ। ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚଡ଼ବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମକୁ ବୋଟ୍ ଯୋଗେ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ସେଠାରେ ବନ୍ୟା ପ୍ରପୀଡ଼ିତଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଲୋକଙ୍କ ମୁଖ୍ୟ ସମସ୍ୟା ପଞ୍ଚରୁଖିଠାରୁ ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା ଉପରେ ସ୍ଥାୟୀ ପୋଲ ଓ ରାସ୍ତାକୁ ଉଚ୍ଚା କରାଗଲେ ସମସ୍ୟା କିଛି ମାତ୍ରାରେ ସୁଧୁରିଯିବ ବୋଲି ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ। ଏଥିସହିତ ବନ୍ୟା ପାଣି ଛାଡ଼ିବା ମାତ୍ରେ ସରକାରୀ କର୍ମଚାରୀମାନେ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରି ସମସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲିଆପାଳ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଧୋଇଗଲା କାନପୁର ପ୍ରକଳ୍ପର କପର ବନ୍ଧ

- **ବୈତରଣୀରେ ପ୍ରବାହିତ ହେଲା ଜଳ**
- **ତଳମୁଣ୍ଡରେ ବନ୍ୟା ଆଶଙ୍କା**
- **ବୈଷୟିକ ତ୍ରୁଟିରୁ ବନ୍ଧ ନିର୍ମାଣରେ ବିଳମ୍ବ**


ଧୋଇଯାଇଥିବା ବନ୍ଧ

**ଯୋଡ଼ା,୩।୭(ମାନସ ମହାନ୍ତି)**

ଓଡ଼ିଶାର ପ୍ରମୁଖ ନଦୀ ବୈତରଣୀ ଉପରେ ନିର୍ମାଣାଧୀନ କାନପୁର ଡ୍ୟାମ୍‌ର ଅସ୍ଥାୟୀ କପର ମାଟି ବନ୍ଧ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଜଳାଶୟରେ ଥିବା ବନ୍ଧ ଡେଇଁ ବୈତରଣୀରେ ଜଳ ପ୍ରବାହିତ ହୋଇଛି। ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା କରାଯାଉଛି। ବୈଷୟିକ ତ୍ରୁଟି କାରଣରୁ ଡ୍ୟାମ୍ କାମ ବିଳମ୍ବ ଘଟୁଛି। ଫଳରେ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ଅମଳରୁ କାନପୁର ପ୍ରକଳ୍ପ ତଥା ବୈତରଣୀ ନଦୀବନ୍ଧ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଡିପ୍ଲସନ ସ୍ଲୁଇସ ଗେଟ୍ ନିର୍ମାଣ ହୋଇ ନ ଥିଲା। ବନ୍ଧ କାର୍ଯ୍ୟ ସମାପନ ହୋଇ ଆସୁଥିବା ବେଳେ ବର୍ତ୍ତମାନର ସରକାର ଡିପ୍ଲସନ ସ୍ଲୁଇସ ନିର୍ମାଣ ହୋଇ ନ ଥିବା ଜାଣି ବୈଷୟିକ ଟିମ୍ ସହ ଆଲୋଚନା କରିଥିଲେ। ପରେ ଡିପ୍ଲସନ ସ୍ଲୁଇସ୍ ନିର୍ମାଣର ନିଷ୍ପତ୍ତି ନିଆଯାଇ ମେ ମାସରେ ଅସ୍ଥାୟୀ କପର ମାଟି ବନ୍ଧ ନିର୍ମାଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ ପାଇଁ ଜଳକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରାଯାଇଥିଲା। ଡିପ୍ଲସନ ସ୍ଲୁଇସ୍ ପାଇଁ ପ୍ଲାଷ୍ଟିକ୍ କଂକ୍ରିଟ କରାଯାଇଥିଲା। ଏହି କାର୍ଯ୍ୟ ଅଗଷ୍ଟ ଭିତରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଇଥିଲା। ତେବେ ଉପରମୁଣ୍ଡ ବାଂଶପାଳ ବ୍ଲକ୍ ଅଞ୍ଚଳରେ ଗତ ୧୭ ଓ ୧୮ ତାରିଖରେ ୧୭୦ ମିଲିମିଟର ବୃଷ୍ଟିପାତ ହେବା ସହ ୧୭ ତାରିଖରୁ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଫଳରେ ସୁନା ନଦୀର ଜଳସ୍ତର ବୃଦ୍ଧି ପାଇ ଜଳାଶୟର ବର୍ତ୍ତମାନର କ୍ଷମତା ପୂର୍ଣ୍ଣ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାନପୁର ଡ୍ୟାମ୍ କର୍ତ୍ତୃପକ୍ଷ ଅସ୍ଥାୟୀ କପର ଡ୍ୟାମ୍ ଭାଙ୍ଗିବା ଆଶଙ୍କାକରି ଶ୍ରମିକ ଓ ମେଶିନକୁ ଡିପ୍ଲସନ ସ୍ଲୁଇସ୍ ଗେଟ୍ ନିର୍ମାଣ ସ୍ଥଳରୁ ହଟାଇନେଇଥିଲେ। ଗୁରୁବାର ସକାଳେ ଜଳାଶୟର ଜଳସ୍ତର ଚାପରେ ମାଟିରେ ନିର୍ମାଣ କରାଯାଇ ଥିବା କପର ବନ୍ଧଟି ଭାଙ୍ଗିଯାଇଛି। ଜଳ ଅର୍ଦ୍ଧନିର୍ମିତ ଗେଟ୍ ଲଂଘି ପ୍ରବଳ ସ୍ରୋତରେ ପ୍ରବାହିତ ହୋଇଥିଲା। ଜଳରାଶି ଏବେ ବି ନିଷ୍କାସନର ବାଟ ନ ଥିବାରୁ ଅନବରତ ବୈତରଣୀରେ ପ୍ରବାହିତ ହେଉଛି। ଫଳରେ ବୈତରଣୀର ତଳମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି, ଅସ୍ଥାୟୀ ମାଟି ନିର୍ମିତ କପର ଡ୍ୟାମ୍ ଭାଙ୍ଗିବାରୁ ବନ୍ଧର କୌଣସି କ୍ଷତି ହୋଇନାହିଁ। ମାତ୍ର ଡିପ୍ଲସନ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇଛି। ବର୍ଷା ନ କମିବା ପର୍ଯ୍ୟନ୍ତ କାର୍ଯ୍ୟ କରିହେବ ନାହିଁ। ଚଳିତ ବର୍ଷ କେବଳ ଜୁନ୍‌ରେ ୪୫୦ ଏମ୍‌ଏମ୍ ବୃଷ୍ଟିପାତ ହେତୁ ନିର୍ମାଣର ସମସ୍ତ ଯୋଜନା ଫେଲ୍ ମାରିଲା। ଜଳାଶୟର ସମ୍ପୂର୍ଣ୍ଣ ଜଳମଗ୍ନ ଅଞ୍ଚଳ ୨୫୧୧.୨୬୬ ହେକ୍ଟର। ଜଳାଶୟର ସର୍ବୋଚ୍ଚ ଉଚ୍ଚତା ବା ଗଭୀରତା ୩୯.୫୦ ମିଟର। ଗୁରୁବାର ଜଳାଶୟକୁ ୨୪୯.୫୯୬ ଘନ ମିଟର ପ୍ରତି ସେକେଣ୍ଡରେ ଜଳ ପ୍ରବେଶ କରୁଛି। ଅସ୍ଥାୟୀ ମାଟି କପର ଡ୍ୟାମ୍ ଭାଙ୍ଗିଯିବା ହେତୁ ନିର୍ମାଣାଧୀନ ବନ୍ଧକୁ ଅତିକ୍ରମ କରି ଜରୁରିକାଳୀନ ନିଷ୍କାସନ କେନାଲ ଦେଇ ୩୩୬.୮୭୫ ଘନ ମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେଉଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ବନ୍ଧ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଚାହୁଁଛନ୍ତି। ମାତ୍ର ଅତୀତରେ ଜଳ ନିଷ୍କାସନ ପାଇଁ ଡିପ୍ଲଶନ ସ୍ଲୁଇସ୍ ନିର୍ମାଣ ହୋଇ ନ ଥିବାରୁ ପ୍ରକଳ୍ପ ପୁଣି ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା କାହିଁକି ନିର୍ମାଣ ହୋଇ ନ ଥିଲା ସରକାର ଏହାର ତଦନ୍ତ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ୬ରେ ଖୋଲିବ ହୀରାକୁଦ ଜଳଭଣ୍ଡାର ଗେଟ୍

**ସମ୍ବଲପୁର,୩।୭(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ୬ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ। ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟ ବୁର୍ଲାଙ୍କ ସୂଚନା ଅନୁସାରେ ହୀରାକୁଦର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରରୁ ବନ୍ୟା ଜଳ ନିଷ୍କାସନ ପାଇଁ ଆସନ୍ତା ୬ତାରିଖ ପୂର୍ବାହ୍ନ ୧୦ଟାରେ ଗେଟ୍ ଖୋଲାଯିବ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏହି ସମୟରେ ଜଳଭଣ୍ଡାର ତଳମୁଣ୍ଡ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ମହାନଦୀ ବା ଏହାର ଶାଖାନଦୀ ମଧ୍ୟକୁ ପ୍ରବେଶ ନ କରିବା ତଥା ନଦୀର ଅନ୍ୟାନ୍ୟ ବ୍ୟବହାର ସମୟରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ ଜନସାଧାରଣଙ୍କୁ ସୂଚାଇ ଦିଆଯାଇଛି।

# ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଆସିବ ନୂଆ ସମବାୟ ନୀତି: ମନ୍ତ୍ରୀ

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନୂଆ ସମବାୟ ନୀତି ଆଣିବାକୁ ଯାଉଛନ୍ତି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ନୂଆ ସମବାୟ ନୀତି ଆସିବ ବୋଲି ଦିଲ୍ଲୀରୁ ଫେରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସବୁ ସମବାୟ ସମିତିରେ ଏକାଧିକ ବ୍ୟବସାୟ କରାଯିବ। ସମବାୟ ସମିତି ଗୁଡିକରେ ଏଲ୍‌ପିଜି ଗ୍ୟାସ୍ ବିତରଣ ଏବଂ ଔଷଧ ଦୋକାନ ଆଦି ରହିବ। ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡାଇରୀ ଫାର୍ମ ଏବଂ ଦୁଗ୍ଧ ବିତରଣ ବ୍ୟବସ୍ଥା ମଧ୍ୟ ରହିବ। ଲୋକଙ୍କ ଘର ପାଖରେ ସବୁ ସୁବିଧା ପହଞ୍ଚାଇବାକୁ ସବୁ ବ୍ୟବସ୍ଥା କରାଯିବ। ଲାଭ ଆଦାୟ ପାଇଁ ନୁହେଁ ବରଂ ସେବା ଯୋଗାଇବା ପାଇଁ ସମବାୟ ସମିତି କାର୍ଯ୍ୟ କରିବ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ହେବ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଓଡିଶା ଫେରିବା ପରେ ମନ୍ତ୍ରୀ ବଳସାମନ୍ତ ଏହି ସୂଚନା ଦେଇଛନ୍ତି।

# ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ଯବାନ ଗୁରୁତର

**ବଣାଇଁ,୩।୭(ପ୍ରଦୀପ ତ୍ରିପାଠୀ)**


ମନୋଜ ଦମାଇ

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଲଗ୍ନ ଛୋଟନାଗରା ଥାନା ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଗୁରୁବାର ପ୍ରତ୍ୟୁଷରେ ସର୍ଚ୍ଚ ଅପରେଶନ ବେଳେ ପୁଣି ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଛି। ଏଥିରେ ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ଯବାନ ମନୋଜ ଦମାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ୨ଦିନ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆର୍‌ପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧ ସାମରିକ ବାହିନୀର ମିଳିତ ସର୍ଚ୍ଚ ଅପରେଶନ ବେଳେ ଏହା ଜବତ ହୋଇଥିଲା। ଆଜିର ଘଟଣା ମାଓବାଦୀଙ୍କ ପକ୍ଷରୁ କାଉଣ୍ଟର ଆଟାକ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମାଓବାଦୀ ଅଧ୍ୟୁଷିତ ବଣାଇଁ ଉପଖଣ୍ଡରେ ବିଗତ ଦିନରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ୨୦୧୫ରେ ଅପସାରିତ କରାଯାଇଥିଲା। କିଛିଦିନ ନୀରବ ରହି ବଳ ଗୋଟାଉଥିବା ଛୋଟନାଗପୁର ମାଓବାଦୀ ଡିଭିଜନ ଏବେ ପୁନଃ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ହେବ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡଖଣ୍ଡ ସୀମାରେ ମୁତୟନ ନ କଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ଜଣାପଡୁଛି।

# ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ମିଳିଲା ଆଗୁଆ ଜାମିନ

**ସିବିଆଇ ଚଢ଼ାଉ ମାମଲା**

**କଟକ,୩।୭(କାର୍ତ୍ତିକ ସାହୁ)**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି। ବିଷ୍ଣୁପଦଙ୍କ ପକ୍ଷରୁ ଆଗତ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଭି. ନରସିଂହ ତାଙ୍କ ଆବେଦନକୁ ଗୁରୁବାର ମଞ୍ଜୁର କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ପ୍ରାଥମିକ ଅବସ୍ଥାରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରାଯାଇଥିଲା।

# ଟ୍ରକ୍ ମାଡ଼ିଯାଇ ମହିଳା ହୋମ୍‌ଗାର୍ଡଙ୍କ ମୃତ୍ୟୁ

**୪ ମାସ ତଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା**

**କଟକ,୩।୭(କାର୍ତ୍ତିକ ସାହୁ)**


ମନୋରମା ପଣ୍ଡା

କଟକ ଛତ୍ରବଜାରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଅଘଟଣ ଘଟିଯାଇଛି। ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ (ନଂ.ଓଡି-୦୪-ପି-୪୦୩୨) ଜଣେ କାର୍ଯ୍ୟରତ ମହିଳା ହୋମଗାର୍ଡଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ ମାଲଗୋଦାମ ଥାନାର ହୋମ୍‌ଗାର୍ଡ ମନୋରମା ପଣ୍ଡା (୫୬)। ମାଲଗୋଦାମ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଛି। ଡ୍ରାଇଭର ଫେରାର ଥିବା ବେଳେ ଟ୍ରକ୍‌ର ଅନ୍ୟ ଜଣେ କର୍ମଚାରୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦୁର୍ଘଟଣା ମାମଲା (ନଂ. ୧୫୦/୨୫) ରୁଜୁ ହୋଇଛି। ସୂଚନାନୁସାରେ, ମନୋରମା ଛତ୍ରବଜାରରୁ ପରିବା ଓ ଅନ୍ୟାନ୍ୟ ଗ୍ରୋସେରି ସାମଗ୍ରୀ ନେଇ ସାଇକେଲରେ ଫେରୁଥିବା ବେଳେ ତାଙ୍କ ଉପରେ ଟ୍ରକଟି ପଛରୁ ଆସି ମାଡ଼ି ଯାଇଥିଲା। ଅପରପକ୍ଷରେ ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ସୂଚନାନୁସାରେ, ହୋମ୍‌ଗାର୍ଡ ମନୋରମାଙ୍କୁ ଗୁରୁବାର ସାଦା ପୋଷାକରେ ଡ୍ୟୁଟି କରିବା ପାଇଁ କୁହାଯାଇଥିଲା। ସେ ଛତ୍ରବଜାର ପରିବା ମାର୍କେଟ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ିଯାଇଥିଲା। ମନୋରମାଙ୍କ ବଡ଼ ପୁଅ ମୃତ୍ୟୁଞ୍ଜୟ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଦାସ କହିଛନ୍ତି। ମନୋରମାଙ୍କ ଘର ନିଶ୍ଚିନ୍ତକୋଇଲି ଅସୁରେଶ୍ୱର କୁଳଗାଁ ଇଶାଳ ଗ୍ରାମରେ। ୪ ମାସ ତଳେ ତାଙ୍କ ସ୍ୱାମୀ ଅଶ୍ୱିନୀ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ୨ ପୁଅ ଅଛନ୍ତି। ସେ କଟକ ରାଉସାପାଟଣାରେ ଭଡ଼ା ନେଇ ରହୁଥିଲେ।

# ସମଗ୍ର ନାରୀ ଜାତି ଆଗରେ କ୍ଷମାମାଗନ୍ତୁ ଖଟୁଆ: ବିଜେଡି

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ନୀଳଗିରି ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କ ହାତୀ ଶିକାର ଓ ହାତୀର ଦାନ୍ତ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗ କରିବାରୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ସେ କୁତ୍ସିତ ଓ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି। ବିଜେଡି ଏହାକୁ ଦୃଢ ନିନ୍ଦାକରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି, ବନ ବିଭାଗ ଖଟୁଆଙ୍କ ଫାର୍ମ ହାଉସରୁ ହାତୀଦାନ୍ତ ଚୋରଙ୍କୁ ଧରିବା ବାବଦରେ ବୁଧବାର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଶାସକ ଦଳର ବିଧାୟକ ହୋଇଥିବାରୁ ଏଭଳି ସ୍ପର୍ଶକାତର ମାମଲାରେ ସମ୍ପୃକ୍ତି ଥିଲେ ମଧ୍ୟ ବନ ବିଭାଗ ଖଟୁଆଙ୍କୁ କାହିଁକି ଗିରଫ କରୁନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଖଟୁଆ ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରି ଲେଖାଶ୍ରୀଙ୍କୁ କହିଥିଲେ। ଜଣେ ମହିଳାଙ୍କ ମୁହଁକୁ ଆଧାରକରି ଯଦି ନ କାରାତ୍ମକ ଟିପ୍ପଣୀ ଦିଆଯାଏ, ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାଜପାରେ ମଧ୍ୟ ମହିଳା ନେତ୍ରୀ ତଥା ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ଭିନ୍ନ ଚିନ୍ତାଧାରାର ଦଳ ବୋଲି ନିଜକୁ କହୁଥିବା ଭାଜପା ମହିଳାଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତାଙ୍କ ବିଧାୟକମାନଙ୍କୁ ତାଲିମ ଦେଇଛି କି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

# ଦେବାଶିଷ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତ

**ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)**

**ଜଳସମ୍ପଦ ବିଭାଗ ସର୍ବୋଚ୍ଚଯନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି**

ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ବୁଧବାର ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅବସର ଗ୍ରହଣ କରିଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗୁରୁବାର ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଚନ୍ଦ୍ରଶେଖର ପାଢ଼ୀଙ୍କୁ ୬ମାସ ପାଇଁ ବି'ଭାଗରେ ପୁନଃ ନିଯୁକ୍ତି ଦିଆଯାଇଛି। ସଂପ୍ରତି ସେ ବିଭାଗର ଓଏସ୍‌ଡି କମ୍ ସର୍ବୋଚ୍ଚ ଯନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ।

DSPL - 159


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେ଼ଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR-10003/13/0224/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଭବିଷ୍ୟତର ଇରାନ୍



ଜୱାଦ ସାଲେହି-ଇସ୍ଫାହାନି

ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଇସ୍ରାଏଲ ଓ ଆମେରିକା ବିରୋଧରେ ଇରାନ୍‌ର ୧୨ ଦିନିଆ ଯୁଦ୍ଧ ସବୁ ପକ୍ଷକୁ ବିଜୟୀ ଘୋଷଣା କରିବାକୁ ସୁଯୋଗ ଦେଇଛି। ଇସ୍‌ଲାମିକ ରିପବ୍ଲିକ (ଇରାନ୍) ପାଇଁ ବିଜୟ ଶୀଘ୍ର ହେଲା, କାରଣ ତାହାର ଶାସନ ଏଯାବତ ସୁରକ୍ଷିତ ଅଛି। ଏହାର ଶାସନ ଭୁଶୁଡ଼ି ନାହିଁ କିମ୍ବା ଏହା ବିରୋଧରେ କୌଣସି ବିଦ୍ରୋହ ହୋଇନାହିଁ କି ଶାସନରେ ପରିବର୍ତ୍ତନ ଘଟିନାହିଁ। ଅନେକ ଇରାନୀୟ, ବିଶେଷକରି ବିଦେଶରେ ଥିବା ବିରୋଧୀଙ୍କ ମତରେ ଆକ୍ରମଣର ତୀବ୍ରତା ସରକାର ପତନକୁ ସୂଚିତ କରୁଥିଲା। କିନ୍ତୁ ବିଦ୍ରୋହ ସମ୍ଭବ ହେଲା ନାହିଁ। ସହରରେ ରହୁଥିବା ମଧ୍ୟବିତ୍ତ ବର୍ଗ, ଯେଉଁମାନେ ଇରାନ୍‌ର ସାମାଜିକ ଓ ବୃତ୍ତିଗତ ଜୀବନର ମେରୁଦଣ୍ଡ, ସେମାନେ ଦୁଇ ବିଦେଶୀ ଶକ୍ତିଙ୍କ ସପକ୍ଷରେ ସ୍ୱର ଉଠାଉନାହାନ୍ତି। ସାଧାରଣ ଇରାନୀୟ ନାଗରିକମାନେ କ'ଣ ପାଇଛନ୍ତି ବା ପାଇନାହାନ୍ତି ତାହା ଆଗାମୀ ସ୍ଥିତି ଉପରେ ନିର୍ଭର କରେ। ସରକାର ଏହା ଉପରେ କିଭଳି ପଦକ୍ଷେପ ନେବେ ଓ ବେସାମରିକ ଭିତ୍ତିଭୂମିର ପୁନର୍ଗଠନ କରିପାରିବେ, ମଧ୍ୟବିତ୍ତ ବର୍ଗଙ୍କୁ କ୍ଷତିପୂରଣ ଦେବେ ତାହା ଗୁରୁତ୍ୱପୂର୍ଣ୍ଣ ହେବ। ଦେଖିବାକୁ ଗଲେ ଇସ୍ରାଏଲ ଆକ୍ରମଣର ବହୁ ପୂର୍ବରୁ କିଛି ପରିବର୍ତ୍ତନ ଘଟିଥିଲା। ୨୦୨୩ ମଧ୍ୟଭାଗରୁ ଇସ୍‌ଲାମିକ୍ ରିପବ୍ଲିକ୍ ଆଭ୍ୟନ୍ତରୀଣ ଯୋଜନାବଦ୍ଧ ପରିବର୍ତ୍ତନର ସଙ୍କେତ ଦେଇଆସୁଛି। ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ୍‌ର ଆକ୍ରମଣ ପରେ ସେଥିରେ ସିଧାସଳଖ ମୁଣ୍ଡ ଖେଳାଇ ନ ଥିଲା କିମ୍ବା ଏହାର ମିତ୍ରଦେଶ ଲେବାନନ୍ ଓ ସିରିଆର ଚାପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା।

ପୋଲିସ ହେପାଜତରେ ଥିବା ମାଶା ଅମିନ ନାମ୍ନୀ ଯୁବତୀଙ୍କ ମୃତ୍ୟୁ ପରେ ୨୦୨୨ରେ ଦେଖାଦେଇଥିବା ଗଣ ଆନ୍ଦୋଳନକୁ ଦେଖି ସରକାର ରାସ୍ତାରେ ଲାଗୁ ହୋଇଥିବା ଅଲିଖିତ ଡ୍ରେସ୍ କୋଡ୍‌କୁ ହଟାଇନେଇଥିଲେ। ଗତ ଏପ୍ରିଲରେ ମୁଁ ତେହେରାନ ଓ ଅନ୍ୟ କେତେକ ଛୋଟ ସହରକୁ ଯାଇଥିଲି ଓ ସେଠାରେ ସହରୀ ଦୃଶ୍ୟପଟରେ ପରିବର୍ତ୍ତନ ଦେଖିଥିଲି। ଅନେକ ମହିଳା ମୁଣ୍ଡ ନ ଘୋଡ଼ାଇ ବାହାରକୁ ଯାଉଥିଲେ ଏବଂ ପୁରୁଷଙ୍କ ସହ କଫି ଶପ୍‌ରେ ସେମାନଙ୍କୁ ଦେଖିବାକୁ ମିଳିଥିଲା। ଜୁନ୍ ୨୦୨୪ରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ମାସୁଦ୍ ପେଜେସ୍କିଆନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଜଣେ ସୁଧାର ମନସ୍କ ବ୍ୟକ୍ତି ଭାବେ ସେ ରଢ଼ିବାଦୀ ନେତା ଇବ୍ରାହିମ୍ ରଏସିଙ୍କ ଉତ୍ତରାଧିକାରୀ ହୋଇଥିଲେ। ଉଲ୍ଲେଖନୀୟ,



ରଏସି ରାଷ୍ଟ୍ରପତି ଥିବାବେଳେ ହିଜାବ ଲାଗୁକୁ ପ୍ରାଥମିକତା ଦେଇଥିଲେ ଏବଂ ଆନ୍ଦୋଳନ ଉପରେ ହିଂସ୍ରକ ପଦକ୍ଷେପ ନେଇଥିଲେ। ଜୁଲାଇ ୨୦୨୪ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରଏସିଙ୍କ ମୃତ୍ୟୁ ଘଟିଥିଲା। ଯେତେବେଳେ ଏକ ନୂଆ ହିଜାବ ଆଇନ ପାସ୍ ହେଲା, ସେତେବେଳେ ପେଜେସ୍କିଆନ ଏହାକୁ ଲାଗୁକରିବାକୁ ମନାକରି ଏକ ନୂଆ ପ୍ରଭାବୀ ସାମାଜିକ ନୀତି ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ତେବେ ଇରାନର ଅର୍ଥ ବ୍ୟବସ୍ଥା ସେତିକି ଦୁର୍ବଳ ନୁହେଁ ଯେତିକି ବିଦେଶୀ ଗଣମାଧ୍ୟମଗୁଡ଼ିକ ଦର୍ଶାଉଛନ୍ତି। ସେମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ କି ଆସନ୍ନ ପତନ ସମ୍ପର୍କରେ ଯାହା କହୁଛନ୍ତି ତାହା ଗ୍ରହଣୀୟ ନୁହେଁ। ୨୦୧୮ରେ ଇରାନ୍ ଉପରେ ଆମେରିକା ଲଗାଇଥିବା କଠୋର କଟକଣା (୨୦୧୫ ଆଣବିକ ଚୁକ୍ତିରୁ ଡୋନାଲ୍ଡ ଟ୍ରମ୍ପ ଦୂରେଇ ଯିବା ପରେ) ସତ୍ତ୍ୱେ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି। ୨୦୨୪ ସୁଦ୍ଧା ଇରାନ୍‌ର ଜିଡିପି ୨୦୧୮ର ଶୀର୍ଷ ସ୍ତରକୁ ଟପିଯାଇଛି ଏବଂ ବାର୍ଷିକ ଅଭିବୃଦ୍ଧି ପାଖାପାଖି ୩ ପ୍ରତିଶତ ରହିଛି। ତେବେ ଟ୍ରମ୍ପ ଲାଗୁ କରିଥିବା କଟକଣାକୁ ବାଇଡେନ୍ ପ୍ରଶାସନ କୋହଳ କରିବା ପରେ ତୈଳ ରପ୍ତାନି ଯୋଗୁ ଏହା ସମ୍ଭବ ହୋଇଥିଲା। ବର୍ଷେ ଦୁଇ ହେବ ପ୍ରକୃତ ମୁଣ୍ଡ ପିଛା ବ୍ୟୟ ବଢୁଛି ବୋଲି ଏକ ସର୍ଭେରୁ ମଧ୍ୟ ଜଣାପଡ଼ିଛି।

ପେଜେସ୍କିଆନ୍ କଲ୍ୟାଣ ଓ ଶ୍ରମ ମନ୍ତ୍ରଣାଳୟରେ ଜଣେ ପ୍ରଗତିଶୀଳ ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଭାବେ ଶିକାଗୋରେ ଶିକ୍ଷା ଲାଭ କରିଥିବା ଜଣେ ଯୁବକଙ୍କୁ ନିଯୁକ୍ତ କରିଛନ୍ତି, ଯାହା ଆର୍ଥିକ ସୁପରିଚାଳନାର ଏକ ସଙ୍କେତ ଦେଉଛି। ଆରମ୍ଭରୁ ଏକ ପ୍ରଶ୍ନ ସାମ୍ନାକୁ ଆସିବାରେ ଲାଗିଛି ଯେ, ନିୟମିତ ଭାବେ ଇରାନ ବାର୍ଷିକ ବଜେଟ ଓ ୫ବର୍ଷିଆ ଯୋଜନାରେ ୮ ପ୍ରତିଶତ ଅଭିବୃଦ୍ଧିର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରୁଛି ତାହାକୁ ପୂରଣ କରିପାରିବ କି ନାହିଁ, ସେ ନେଇ ବଡ଼ ବିତର୍କ ଚାଲିଛି। ଅର୍ଥନୀତିଜ୍ଞମାନେ ଏକମତ ଯେ, ଏହା ହାସଲ କରିବା ଲାଗି କୂଟନୀତି ଦରକାର, ମିଶାଇଲ ନୁହେଁ। ତଥାପି, ପେଜିସ୍କିଆନ୍ ପ୍ରଶାସନର ନୂତନ ୨୦୧୦ର କ୍ୟାଶ ଟ୍ରାନ୍ସଫର ପ୍ରୋଗ୍ରାମ ସମେତ ଅନେକ ଆର୍ଥିକ ସୁଧାର ନୀତି ହୁଏତ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ସରକାରଙ୍କୁ ସମର୍ଥନ କରିବା ପାଇଁ ସହରୀ ମଧ୍ୟବିତ୍ତ ବର୍ଗଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି। ଯୁଦ୍ଧ ପୁଣି ଆରମ୍ଭ କଲେ ବିକାଶ ଲକ୍ଷ୍ୟରୁ ଇରାନ ଦୂରେଇଯିବ ବୋଲି ଇରାନୀୟ ନେତାମାନେ ମନେକରନ୍ତି। ୨୦୦୫ରେ ବିକାଶର ଏହି ୨୦ ବର୍ଷିଆ ଭିଜନ ପ୍ଲାନ୍ ସ୍ଥିର କରାଯାଇଥିଲା ଏବଂ ୨୦୨୫ ସୁଦ୍ଧା ମଧ୍ୟପ୍ରାଚ୍ୟର ଶୀର୍ଷ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଇରାନକୁ ସ୍ଥାନିତ କରିବା ସକାଶେ ଲକ୍ଷ୍ୟ ରଖାଯାଇଥିଲା।

ଏବକାର ଯୁଦ୍ଧ ଇରାନକୁ ସାମରିକ ଶକ୍ତି ବଢ଼ାଇବା ଦିଗରେ ପ୍ରେରିତ କରିବ ନା ଦେଶର ଅର୍ଥ ବ୍ୟବସ୍ଥା ବୃଦ୍ଧି କିମ୍ବା ନାଗରିକ ସମାଜ ଓ ଘରୋଇ କ୍ଷେତ୍ରର ସ୍ୱାଧୀନତା ପାଇଁ ପଦକ୍ଷେପ ନେବ, ତାହାକୁ ନେଇ ପ୍ରଶ୍ନ ଉଠୁଛି। ୧୯୮୦ ଦଶକରେ ଇରାକ ସହ ଦୀର୍ଘ ୮ ବର୍ଷର ସଂଘର୍ଷ ଅନେକଙ୍କର ମନେରହିଥିବ। ଏହାଦ୍ୱାରା ରାଶନ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ତଥା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିଲା। ମାର୍କେଟ ନୀତି ପୁନର୍ବାର ଆରମ୍ଭ କରିବା ସହ ଘରୋଇ କ୍ଷେତ୍ରର ପୁନରୁଦ୍ଧାର ଆଦିରେ ସୁଧାର ଆଣିବା ଲାଗି ପାଖାପାଖି ୨ ଦଶନ୍ଧି ଲାଗିଗଲା। ଇରାନ ଏବେ ଭଲ ସ୍ଥିତିରେ ରହିପାରେ, କାରଣ ଯୁଦ୍ଧ ସୀମିତ ରହିଲା ଏବଂ ଏହାର ଘରୋଇ କ୍ଷେତ୍ର ଓ ମାର୍କେଟ ସଂସ୍ଥାଗୁଡ଼ିକ ଦୃଢ଼ ସ୍ଥିତିରେ ଅଛି। ଯୁଦ୍ଧ ପର ବ୍ୟାପକ ବିକାଶ ନିବେଶକୁ ଗ୍ରାମୀଣ ସମୁଦାୟ ସ୍ୱୀକାର କରିବେ। ହୁଏତ ସମାନ ପ୍ରକାର ନୀତିକୁ ସହରର ମଧ୍ୟବିତ୍ତ ବର୍ଗ ଗ୍ରହଣ କରିପାରନ୍ତି। ଯଦି ଏହା ଘଟେ, ତେବେ ଏକ ପ୍ରକାର ସାମାଜିକ ସହମତି ହାସଲ ହୋଇପାରିବ ବୋଲି ପେଜିସ୍କିଆନ୍ ଆଶା କରୁଛନ୍ତି। ୨ଦଶନ୍ଧି ପୂର୍ବେ ମଜାରେ କୁହାଯାଉଥିଲା, ଇସ୍‌ଲାମିକ ରିପବ୍ଲିକ୍‌ର ଏକ ସୁସଙ୍ଗତ କୋରିଆନ ରଣନୀତି ଥିଲା ଏବଂ ବେଳେବେଳେ ଏହା ଉତ୍ତର କୋରିଆ କିମ୍ବା ଦକ୍ଷିଣ କୋରିଆର ଥିଲା ବୋଲି କୁହାଯାଉଥିଲା। ବର୍ତ୍ତମାନ ଇରାନ ସମ୍ମୁଖରେ ସମାନ ପ୍ରକାର ବିକଳ୍ପ ଅଛି। ପରମାଣୁ ପ୍ରତିରୋଧ ଅସହମତିକୁ ଦବାଇବା ସହ ସୀମା ବନ୍ଦ ରଖିଥିବା ଉତ୍ତର କୋରିଆର ଢାଞ୍ଚା କେତେଜଣଙ୍କୁ ଆକର୍ଷକ ଲାଗିପାରେ। କିନ୍ତୁ ଇରାନର ସଂସ୍କୃତି, ଭୌଗୋଳିକ ଅଞ୍ଚଳ, ଇତିହାସ ଓ ସ୍ୱଭାବ ସହ ପରିଚିତ ଥିବା ଅଧିକାଂଶ ପର୍ଯ୍ୟବେକ୍ଷକ ଏହାକୁ ଏକ ଉପଯୋଗୀ ବିକଳ୍ପ ଭାବେ ଗ୍ରହଣ କରିବେ ନାହିଁ।

ଏହା ନିଃସନ୍ଦେହ ଯେ, ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ତଥା ସାମରିକ ପୁନର୍ଗଠନ, ଜଳ ଯୋଗାଣଠାରୁ ଆରମ୍ଭକରି ବାଧାପ୍ରାପ୍ତ ହୋଇଥିବା ଗ୍ୟାସୋଲାଇନ ଓ ଯୁବକଙ୍କ ନିଯୁକ୍ତିକୁ ନେଇ ଚିନ୍ତା ବଢ଼ିବ। ସୌଭାଗ୍ୟବଶତଃ ଆର୍ଥିକ ପୁନର୍ଗଠନକୁ ନୀତି ଦ୍ୱାରା ଆଗକୁ ବଢ଼ାଯାଇପାରିବ, ଯାହା ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ସହ ପ୍ରତିରକ୍ଷା ଓ ବିକାଶ ମଧ୍ୟରେ ବଜେଟଜନିତ ବିପରୀତ ସ୍ଥିତିକୁ ଦୂରକରିପାରିବ। ଯୁଦ୍ଧବିରତି ଜାରି ରହୁ ବୋଲି ଆଶା କରାଯାଏ। କିଏ ଜିତିବ କିମ୍ବା ହରିବା ତାହା ପ୍ରକୃତ ପ୍ରଶ୍ନ ନୁହେଁ। ପ୍ରଶ୍ନ ହେଉଛି, ଇରାନ୍ ଆର୍ଥିକ ବିକାଶରେ ବାଧାକୁ ପୂର୍ବାପେକ୍ଷା ଅଧିକ ବେଗରେ ହ୍ରାସ କରିବ ନା ଯୁଦ୍ଧର ବିଭୀଷିକା ଏକ ବିଚାରଗତ କଠିନତା ସୃଷ୍ଟିକରିବ। ବିକାଶ ସପକ୍ଷବାଦୀ ବିକଳ୍ପ ଶାସନ ଦ୍ୱାରା ବାଧାପ୍ରାପ୍ତ ହୋଇପାରେ, କିନ୍ତୁ ଏକ ସ୍ଥାୟୀ ଯୁଦ୍ଧ ମନୋଭାବ ଆର୍ଥିକ ଓ ସାମଜିକ ଦୃଷ୍ଟିରୁ ଅଯଥାର୍ଥ।

**ଅର୍ଥନୀତି ପ୍ରାଧ୍ୟାପକ, ଭର୍ଜିନିଆ ଟେକ୍**

# ଜୀବନ ନୌକା



ଯଚିଦାନନ୍ଦ ଦାଶ

ପ୍ରତ୍ୟେକ ମଣିଷର ଜୀବନ ଏକ ନୌକା ସଦୃଶ। ଯାହାକୁ ନାଉରିଆ ନଦୀରୂପକ ସଂସାରରେ ତା'ର ଜିନିଷ ଓ ଆସବାବପତ୍ର ଲଦି ବାହିନେଇଥାଏ। ଲୌକିକ ମତରେ ଏହି ବୋହି ନେଉଥିବା ଆବାବାବପତ୍ରଗୁଡ଼ିକ କହିଲେ, ଜୀବନର ଚରିତ୍ର, ଶିକ୍ଷା, ସଂସ୍କାର, କର୍ତ୍ତବ୍ୟ, ଗୁଣ ଇତ୍ୟାଦିକୁ ବୁଝାଏ। ସଂସାରରେ କିଛି ଲୋକଙ୍କ ଜୀବନ ନୌକା ସୁଚାରୁରୂପେ ବାହିହୋଇଯାଉଥିବା ବେଳେ କିଛି ଲୋକଙ୍କ ଜୀବନ ନୌକା ଚାଳନାରେ ବିଭିନ୍ନ ବାଧା, ବିଘ୍ନ ଓ ବ୍ୟତିକ୍ରମ ଘଟିଥାଏ। ସୂକ୍ଷ୍ମ ଅର୍ଥରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରୁକରୁ କେହି ସୁଖ, ସ୍ୱଚ୍ଛନ୍ଦ ଲାଭ କଲାବେଳେ ଆଉ କେହି ଦୁଃଖ, କଷ୍ଟର ଶିକାର ହୋଇପଡନ୍ତି। ଯେପରି କି କୋମଳ ବାୟୁର ପ୍ରବାହରେ ନୌକାଟିକୁ ନାଉରୀ ସୁରୁଖୁରୁରେ ଚଳାଇ ନିଏ ଏବଂ ବେଳେ ବେଳେ ଝଡ଼, ବତାସର ପ୍ରକୋପରେ ନୌକାଟି ଚଳି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହୁଏ, ନତୁବା ବୁଡ଼ିଯାଏ। ଏପରି ସ୍ଥିତିକୁ ବାସ୍ତବ ଅର୍ଥରେ ପୁରାତନ ଲୋକକଥା ଅନୁସାରେ ବର୍ଣ୍ଣନା କରାଯାଇଥାଏ। ଯଥା – 'ଏ ଘଟଣାଟି ଘଟି ମୋ ସଂସାର ବୁଡିଗଲା' ବା ଆମ ବାପାଙ୍କ ମୃତ୍ୟୁରେ ଆମ ସଂସାର ବୁଡିଗଲା ? ତେଣୁ ପୁରାତନ କାଳରୁ ବହୁକ୍ଷେତ୍ରରେ ନଦୀକୁ ସଂସାରର ଏକ ତୁଳନାତ୍ମକ ଆଖ୍ୟା ଦିଆଯାଇଛି। ନଦୀ ଯେପରି ଶାନ୍ତ ଓ ବେଳେ ବେଳେ ଉଗ୍ର ରୂପ ଧାରଣ କରେ, ଠିକ୍ ସେହିପରି ମଣିଷ ସଂସାରରେ ସୁଖ ଏବଂ ଦୁଃଖର ସମ୍ମୁଖୀନ ହୋଇଥାଏ। ନୌକାଟି ଯେପରି ନଦୀ ଓ ଜଳବାୟୁର ବିଭିନ୍ନ ପ୍ରତିକୂଳ ପରିବେଶକୁ ସମ୍ଭାଳି ବାହିଚାଲେ, ସେହିପରି ମଣିଷ ବିଭିନ୍ନ ପ୍ରକାର ପ୍ରତିକୂଳ ଏବଂ ସମସ୍ୟାବହୁଳ ପରିସ୍ଥିତିକୁ ସମ୍ଭାଳି ଚାଲେ।

ନୌକାଟି ନଦୀକୂଳରେ ସୁରକ୍ଷିତ ଅବସ୍ଥାରେ ଥାଏ। ମାତ୍ର ସେ ପ୍ରକାର ରଖିବା ଦ୍ୱାରା ନୌକାଟି ତିଆରି ହେବାର ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ। ନୌକାଟିକୁ ନଦୀରେ ବାହିତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗି ରହିବାର ଉଦ୍ୟମକୁ ପାଳନ କରିବାକୁ ପଡ଼ିବ। ମଣିଷ ମଧ୍ୟ ନୌକା ପରି ଆରାମରେ ଗୋଟିଏ ଜାଗାରେ ରହିବା ଜୀବନର ଉଦ୍ଦେଶ୍ୟ ନୁହେଁ, ତାକୁ (ମଣିଷ) ବିଭିନ୍ନ ସମସ୍ୟା, ବାଧା, ବିଘ୍ନ ପ୍ରତିଯୋଗିତା ଇତ୍ୟାଦିକୁ ସାହସର ସହିତ ସମ୍ମୁଖୀନ ହେବାକୁ ପଡ଼ିବ। ନୌକାଟି କୂଳରେ ପହଞ୍ଚିବା ପାଇଁ ଆହୁଲା ମାରି ଗାଢ଼ ପ୍ରଚେଷ୍ଟାର ସହିତ ବାହିନେଲା ଭଳି ମଣିଷ ତା'ର ଲକ୍ଷ୍ୟ ହାସଲ ପାଇଁ ସମସ୍ତ କାର୍ଯ୍ୟକଳାପଗୁଡ଼ିକୁ ହାଲୁକା ନ ଭାବି ଖୁବ୍ ଯତ୍ନ ସହକାରେ କରିଚାଲିବା ଉଚିତ। ମଣିଷ ଜୀବନରେ ନୌକାରେ ବୋହିଥିବା ଆବାସଭଳି ଯେଉଁ ସବୁ ଅଦୃଶ୍ୟ କଳା ଓ ଶକ୍ତି ଯଥା, ଚରିତ୍ର, ସଂସ୍କାର ଇତ୍ୟାଦି ଅଛି, ସେଗୁଡ଼ିକୁ ମଣିଷକୁ ଉଚିତ ମାର୍ଗରେ ନେବାକୁ ପଡ଼ିବ ଏବଂ ସତ୍‌ପଥରେ ଉପଯୋଗ କରିବାକୁ ପଡ଼ିବ। ମଣିଷର ଚରିତ୍ର ହେଉଛି ସବୁଠାରୁ ବଡ଼ ଉପାଦାନ। ଜୀବନରେ ଚରିତ୍ରର କଳଙ୍କବିହୀନ ହେବା ଦରକାର। ମାତ୍ର ଆମର ଭୌତିକ ଦର୍ଶନ ଏବଂ ଷଡ଼ରିପୁ ମଣିଷକୁ ଚରିତ୍ର ନିଷ୍କଳଙ୍କ କରିବାକୁ ଦିଏ ନାହିଁ। ସେଥିନିମନ୍ତେ ଜୀବନର ନୌକାକୁ ଏମିତି ଚଳେଇବାକୁ ପଡ଼ିବ ଯେପରିକି ମଣିଷର ଚରିତ୍ର ନିଷ୍କଳଙ୍କ ରହେ। ଯଦି ଆମେ ସଂସ୍କାରିତ ହୋଇଥିବା, ତେବେ ଆମର କର୍ମମୟ ଜୀବନ ନଦୀର କରାଳ ସ୍ରୋତକୁ ନୌକାଟି ଅତିକ୍ରମ କଲା ସଦୃଶ ସବୁ ବିପଦକୁ ସାମ୍ନା କରିଚାଲିବ।

ଉପରୋକ୍ତ ବିଷୟବସ୍ତୁର ପ୍ରାସଙ୍ଗିକତାକୁ ନେଇ ଏକ କ୍ଷୁଦ୍ରଗଳ୍ପଟିଏ ଉପସ୍ଥାପନା କରିବାକୁ ମନେକରେ। ଜଣେ ବୃଦ୍ଧ ନାବିକଟିଏ ଦିନେ ନଦୀକୂଳରେ ବସି ଝଡବାତ୍ୟାରେ କ୍ଷୟ ହେଉଥିବା ତା'ର ପୁରୁଣା ନୌକାଟିକୁ ଲକ୍ଷ୍ୟକରି ବସିଥାଏ। ଏଡି ସମୟରେ ଯୁବାକାଳରେ ନୌକା ଚଳେଇବାର ସ୍ମୃତି ମନେପଡ଼ିଯାଉଥାଏ। ଅତୀତରେ ଝଡବାତ୍ୟା ମିଶ୍ରିତ ନଦୀର ତରଙ୍ଗରେ ବହୁ ବାଧାବିଘ୍ନ ଅତିକ୍ରମ କରି ପରିସ୍ଥିତିର ଅନୁକୂଳକୁ ସୁହାଇଲାଭଳି ନୌକା ଚାଳନାକରି କେତେ ସେ ବିପଦରୁ ପାରି ହୋଇଯାଇଥିବାର କଥା ତା'ର ମନେ ପଡ଼ିଯାଉଥାଏ। ଉକ୍ତ କ୍ଷୁଦ୍ର ଉପସ୍ଥାପନାଟି ମଣିଷର ଜୀବନ ଓ ଜୀବନର ଉତ୍ଥାନ ପତନ ଏବଂ ଜଟିଳ ପରିସ୍ଥିତିକୁ ସାମ୍ନା କରିବାର ପ୍ରୟାସ ଓ ସାହସକୁ ବିଶ୍ଳେଷଣ କରେ। ଜୀବନରେ ସଫଳତା ଓ ବିଫଳତା, ଉନ୍ନତି ଓ ଅବନତି, ଦୁଃଖ-ସୁଖ, ଇତ୍ୟାଦି କଥା ଆସିବ। ମାତ୍ର ମଣିଷ ସେସବୁର ସାମ୍ନା କରିବାକୁ ଆଗଭର ହେବା ଉଚିତ। ଯେପରି ନାଉରିଆ ଜୀବନରୂପୀ ନୌକାକୁ ସବୁ ପରିସ୍ଥିତିରେ ଚାଳନା କରିବାର ପ୍ରଚେଷ୍ଟା କରିଥାଏ।

**ସିଡ଼ିଏ, କଟକ**
**ମୋ :୭୦୦୮୬୫୦୬୩୯**

## ଏଇ ଭାରତରେ

ଶଜନା ଗଛର ଅନେକ ଗୁଣ। ଏହାର ଛାଲିଠାରୁ ଆରମ୍ଭ କରି ଶାଗ, ଛୁଇଁ ସବୁକିଛି କାମରେ ଆସେ। ଛୁଇଁ ଓ ଶାଗ ପୌଷ୍ଟିକ ତତ୍ତ୍ୱରେ ଭରପୂର ଓ ଛେଲିର ଔଷଧୀୟ ଗୁଣ ରହିଛି। ଏ ଦୃଷ୍ଟିରୁ ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ବୈଜ୍ଞାନିକ କାମିନୀ ସିଂ ଶଜନା ଚାଷକୁ ଉତ୍ସାହିତ କରିବା ସହ ତାଙ୍କ ବ୍ୟବସାୟକୁ ୧.୭୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି। ସେ ବୈଜ୍ଞାନିକ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସବ୍‌ଟ୍ରପିକାଲ ହର୍ଟିକଲ୍‌ଚର ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିସିନାଲ ଆଣ୍ଡ୍ ଆରୋମାଟିକ ପ୍ଲାଣ୍ଟରେ ଗବେଷକ ଭାବେ କାମ କରି ଅବସର ନେବା ପରେ ଜୈବିକ ପଦ୍ଧତିରେ ଶଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ରେ ଏହି ଚାଷ ଆରମ୍ଭ କରିଥିଲେ। ଏଥିରେ ତାଙ୍କ ୧୭ ବର୍ଷ ଗବେଷଣାର ଅଭିଜ୍ଞତାକୁ ଉପଯୋଗ କରି ସଫଳ ହେବା ପରେ ଏଯାବତ ୧୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏଥିରେ ଯୋଡ଼ି ସାରିଲେଣି। ଏବେ ଶଜନା ଛୁଇଁ ଓ ଶାଗରୁ ୨୩ ପ୍ରକାର ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏଥିରେ ରହିଛି ସାବୁନ, ଗ୍ରୀନ୍ ଟି, କୁକିଜ୍, କ୍ୟାପ୍‌ସୁଲ, ତେଲ ଇତ୍ୟାଦି। ଏହି ଉତ୍ପାଦ ପ୍ରସ୍ତୁତ କରିବା ଲାଗି ସେ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରିଛନ୍ତି। ଏବେ ବ୍ୟବସାୟିକ କାରବାର ୧.୭୫ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୩୦ ପ୍ରତିଶତ ଲାଭ ମିଳୁଛି। କୃଷକମାନେ ସେମାନଙ୍କ ଉତ୍ପାଦକୁ ବିନା ମଧ୍ୟସ୍ଥରେ କାମିନୀଙ୍କ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୭୬

- ୟୁରୋପୀୟ ସାଧାରଣ ବଜାର ଓ ଭାରତ ମଧ୍ୟରେ ଝୋଟ ବାଣିଜ୍ୟ ସମ୍ପର୍କରେ ଏକ ଚୁକ୍ତି ସମ୍ପାଦିତ।
- କଳା, ସାହିତ୍ୟ, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ ଉତ୍ତର କୋରିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 6 | | | 7 | | |
| | 6 | | 1 | | | | | |
| 7 | | | | | 9 | | 3 | |
| | | | | | | 9 | | |
| 6 | | | 5 | | | 1 | | |
| | 5 | | 4 | 1 | | | | |
| | 7 | | | | | | | 2 |
| | | 8 | 3 | | 6 | | | |
| | 1 | | | 5 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 8 | 4 | 2 | 3 | 9 | 6 |
| 4 | 3 | 8 | 9 | 7 | 6 | 1 | 5 | 2 |
| 6 | 2 | 9 | 1 | 5 | 3 | 7 | 4 | 8 |
| 1 | 6 | 7 | 2 | 9 | 4 | 5 | 8 | 3 |
| 8 | 5 | 2 | 6 | 3 | 1 | 9 | 7 | 4 |
| 3 | 9 | 4 | 5 | 8 | 7 | 2 | 6 | 1 |
| 5 | 4 | 6 | 3 | 1 | 9 | 8 | 2 | 7 |
| 9 | 7 | 3 | 4 | 2 | 8 | 6 | 1 | 5 |
| 2 | 8 | 1 | 7 | 6 | 5 | 4 | 3 | 9 |

ଗତକାଲିର ଉତ୍ତର

# ଜନଗହଳିରେ ଶିଶୁଙ୍କ ସୁରକ୍ଷା



ଶୁଭନାରାୟଣ ଶତପଥୀ

ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀ ବଡଦାଣ୍ଡ ତଥା ସଂଲଗ୍ନ ଅଞ୍ଚଳ ଲୋକାରଣ୍ୟ ହୋଇ ରହିଥାଏ। ଅନେକ ଭକ୍ତ ସେମାନଙ୍କ ପିଲାଛୁଆଙ୍କୁ ସାଙ୍ଗରେ ଧରି ଆସିଥାନ୍ତି। ଅଲକ୍ଷ୍ୟରେ ପିଲାମାନଙ୍କ ସୁରକ୍ଷା ଟିକେ ଢିଲା ହୋଇଯାଇଥାଏ। ଭିଡ ଭିତରେ କେତେବେଳେ ସେମାନଙ୍କ ହାତଛଡା କରିଦିଅନ୍ତି ତ କେତେବେଳେ ସେମାନେ ହଜିଯାଆନ୍ତି। ତେବେ ପିଲାଚୋର, ଚାଲାଣକାରୀ, ଅଙ୍ଗତସ୍କରଙ୍କ ଭୟ ଭୁଲିଯିବା କଥା ନୁହେଁ।

ଏକ ଘଟଣା। ଜଣେ ମାଆ ତାଙ୍କର ପୁଅଝିଅଙ୍କୁ ସାଙ୍ଗରେ ନେଇ ରଥଯାତ୍ରାକୁ ଆସିଥିଲେ ପୁରୀ। ଭିଡ ଭିତରେ ପିଲାଦୁଇଟି ହଜିଗଲେ। ତେବେ ତାଙ୍କ ମୋବାଇଲ ଫୋନଟି ପିଲାଙ୍କ ହାତରେ ରହିଯାଇଥାଏ। ଏହି ସମୟରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ୟୁନିସେଫ, ସୂଚନା ଓ ଲୋକସମ୍ପର୍କ ବିଭାଗଙ୍କ ମିଳିତ ସହଯୋଗରେ ପ୍ରତି ସୂଚନା କେନ୍ଦ୍ରରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀଙ୍କ ନଜରକୁ ଆସିଲେ ଏହି ଦୁଇପିଲା। ବୟସ ପ୍ରାୟ ୧୦ରୁ ୧୨ବର୍ଷ ହେବ। ସେମାନେ ପିଲା ଦୁହିଁଙ୍କୁ ପାଇବା ପରେ ଘର ଠିକଣା ବୁଝି ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କଲେ। କିନ୍ତୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା ପରେ କେହି ନ ଆସିବାରୁ ଶିଶୁ ଦୁହିଁଙ୍କୁ ଶିଶୁ ମଙ୍ଗଳ କମିଟି ନିକଟକୁ ନିଆଗଲା। ଝିଅଟି ନିରନ୍ତର କାନ୍ଦୁଥାଏ। କହୁଥାଏ ମୋ ବୋଉକୁ ଖୋଜିଆଣ। ଘରର ଫୋନ ନମ୍ବର ବା ସମ୍ପର୍କୀୟ କାହାରି ଫୋନ ନମ୍ବର କହିପାରୁ ନ ଥାନ୍ତି କି ସେମାନେ ଧରିଥିବା ଫୋନଟିକୁ କେହି କଲ କରୁ ନ ଥାନ୍ତି। ପଚାରିବାରୁ କହିଲେ ଏଇଟା ମୋ ବୋଉର ଫୋନ। କିନ୍ତୁ ନମ୍ବର ଜଣାନାହିଁ। ପ୍ୟାଟର୍ନ ଲକ୍ ଅଛି। ବଡ ସମସ୍ୟାରେ ପଡିଲେ ଶିଶୁମଙ୍ଗଳ କମିଟି। ତେବେ ଜଣେ ସଦସ୍ୟଙ୍କ ନିରନ୍ତର ଚେଷ୍ଟା ଫଳରେ ମୋବାଇଲର ପ୍ୟାଟର୍ନ ଲକ୍ ଖୋଲିଗଲା। ଘର ସମ୍ପର୍କୀୟଙ୍କୁ ଯୋଗାଯୋଗ ହେଲା। ସେମାନେ ପିଲାମାନଙ୍କ ସହିତ କାଥାବାର୍ତ୍ତା କଲେ। ସତେବେଳକୁ ସହରର ସବୁ ସୂଚନା କେନ୍ଦ୍ରକୁ ଖବର ଦିଆଯାଇ ପିଲାଟିର ମାଆଙ୍କ ସାହିତ ଯୋଗାଯୋଗ ନିମନ୍ତେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡକାଯାଉଥାଏ। ଇତିମଧ୍ୟରେ ପିଲାମାନେ ଧରିଥିବା ଫୋନରୁ ଯୋଗାଯୋଗ ନମ୍ବର ନେଇ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ ହେବା ପରେ ସେମାନେ ଆସି ପହଞ୍ଚି ଯାଇଥିଲେ ପିଲାମାନଙ୍କୁ ନେବାପାଇଁ। କମିଟି ନିକଟରେ ପରିଚୟ ପତ୍ରର ନିରୀକ୍ଷଣ କାର୍ଯ୍ୟ ଚାଲୁଥାଏ। ପିଲାମାନଙ୍କ ବୋଉ ଆସିଲେ। ତୁମେମାନେ କେଉଁଆଡେ ଚାଲିଗଲ ବୋଲି ପାଟିକଲେ ମାଆ। ପିଲାମାନଙ୍କ ଦାୟିତ୍ୱ ତୁମର, ତୁମେ ସିନା ପିଲାଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବ କହିଲେ ସିଡବ୍ଲ୍ୟୁସି ଅଧ୍ୟକ୍ଷ। ବୁଝାଶୁଝା ପରେ ମାଆଙ୍କ ସହିତ ପିଲାମାନେ ଘରକୁ ଫେରିଲେ।

ଅନ୍ୟ ଏକ ଘଟଣାରେ ପିଲାଟିଏ ହଜିଯାଇଥିବା ଖବର ତା'ର ଅଭିଭାବକ ସ୍ଥାନୀୟ ସୂଚନା କେନ୍ଦ୍ରରେ ଜଣାଇଲେ। ସେଠାରେ ଥିବା ସ୍ୱେଚ୍ଛାସେବୀ ଜଣକ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କଲେ। କିନ୍ତୁ କିଛି ଲାଭ ହେଲାନାହିଁ। ଚବିଶ ଘଣ୍ଟିଆ ଶିଶୁ ସୁରକ୍ଷା ସେବାର ହ୍ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ



ଜଣାଇବା ପରେ ସବୁ ସୂଚନା କେନ୍ଦ୍ରଗୁଡିକରେ ଏହି ବିଷୟକୁ ବାରମ୍ବାର ଘୋଷଣା କରାଗଲା। ଚାଇଲ୍ଡ ହେଲ୍ପଲାଇନ କର୍ମୀମାନେ ବିଭିନ୍ନ ସ୍ଥାନ ବୁଲିଲେ। ସମସ୍ତଙ୍କ ପ୍ରୟାସରେ ପିଲାଟି ମିଳିଗଲା। ମାତାପିତା ଓ ପିଲାଟି ମଧ୍ୟରେ ଆବେଗର ସେ ଝଡ ବର୍ଣ୍ଣନା କରିହେବ ନାହିଁ। ରଥଯାତ୍ରା ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ସିଡବ୍ଲ୍ୟୁସିରେ ଅନ୍‌ଲାଇନ ଉପସ୍ଥାପିତ ହେଲା ପିଲାଟି। ମାତାପିତାଙ୍କ ଚିହ୍ନଟ ପ୍ରକ୍ରିୟା ସାରି ତାକୁ ତା'ର ପରିବାରରେ ସମ୍ମିଶ୍ରଣ କରାଇଲେ।

ପରେ ପରେ ବୁଲୁଥିବା ପାଞ୍ଚଜଣ ରାଜ୍ୟ ବାହାରର ପିଲାମାନଙ୍କୁ ନେଇ ସ୍ଥାନୀୟ ପୋଲିସ ଆସିଲେ। ଲୋକେ ଏହି ପିଲାମାନଙ୍କୁ ଚୋର ବୋଲି କହୁଥିଲେ। ପଚାରିବାରୁ ଏହି ପିଲାମାନେ ଚୋରି କାରିବା ବିଷୟ ମନା କରୁଥାନ୍ତି। ଏଣୁ ଶିଶୁ ମଙ୍ଗଳ କମିଟି ନିକଟକୁ ଆଣିଲେ। ପରେ ଶିଶୁମାନଙ୍କୁ ମୁକ୍ତ ଆଶ୍ରୟସ୍ଥଳୀରେ ସାମୟିକ ଥଇଥାନ କରାଗଲା। ତେବେ ଶିଶୁମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସମ୍ମାନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କ ପରିବାରରେ ପୁନଃମିଶ୍ରଣ କରାଗଲା। ଏମିତି ଘଟଣା ପ୍ରତିବର୍ଷ ରଥାଯାତ୍ରା ସମୟରେ ସାମ୍ନାକୁ ଆସେ। ଗତବର୍ଷ ପୁରୀରେ ରଥଯାତ୍ରା ସମୟରେ ପ୍ରାୟ ୨୫୦ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ ବା ପରିବାରରେ ସମ୍ମିଶ୍ରଣ କରାଯାଇଥିଲା। ଅତ୍ୟଧିକ ଜନଗହଳି ରହୁଥିବାରୁ ପିଲାଚୋର, ଚାଲାଣକାରୀ, ଦଲାଲ ଆଦିଙ୍କ ଅପଚେଷ୍ଟାକୁ ପଣ୍ଡ କରିବାର ଏହି ସ୍ୱତନ୍ତ୍ର ପ୍ରୟାସ ପ୍ରଶଂସନୀୟ। ଏହି ସବୁ ବିପରୀତ ପରିସ୍ଥିତିକୁ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଚାଲିଆସିଲେ କିଶୋର ନ୍ୟାୟ ଅଧିନିୟମ ଧାରା ୨(୧୪)ଅନୁସାରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବରେ ପରିଗଣିତ ହୁଅନ୍ତି। ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।

ତେବେ ଅଧିକ ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିବା, ଶିଶୁମାନଙ୍କ ହାତକୁ ନ ଛାଡିବା, ମୋବାଇଲ ନମ୍ବର ମନେରଖିବା, ବିପରୀତ ପରିସ୍ଥିତିରେ କ'ଣ କରିବେ ଜଣାଇବା ପ୍ରତ୍ୟେକ ଅଭିଭାବକଙ୍କ ଦାୟିତ୍ୱ। ଶିଶୁମାନଙ୍କ ମନକୁ ବୁଝିବା, ଶାରୀରିକ ସ୍ଥିତିକୁ ବୁଝି ବୁଲିବା ଓ ବୁଲାଇବା ଜରୁରୀ। ତା'ର ଅର୍ଥ ନୁହେଁ ଜଣେ ବୟସ୍କ ବ୍ୟକ୍ତି ସହ ସମକକ୍ଷ ହୋଇ ସେ ଚାଲି ପାରିବ, ଝୁଣ୍ଟିବ ନାହିଁ, କୌଣସି ଜିନିଷ, ଖାଦ୍ୟ ପ୍ରତି ଆକୃଷ୍ଟ ହେବ ନାହିଁ, ପ୍ରଲୋଭିତ ହେବ ନାହିଁ। ନିଜର ବିରକ୍ତିଭାବକୁ ପରିପ୍ରକାଶ କରିବାକୁ ଯାଇ ତାକୁ ଦଣ୍ଡ ଦେବା, ଗାଳି କରିବା ସମସ୍ୟାର ସମାଧାନ ନୁହେଁ। ଶିଶୁଟିଏ ସନ୍ଦେହଜନକ, ବିପଦ ସ୍ଥିତିରେ ଥିଲେ ବା ବୁଲୁଥିଲେ ତାକୁ ସାହାଯ୍ୟ କରିବା, ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ଶିଶୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସକୁ ଜଣାଇବା ସମସ୍ତ ନାଗରିକମାନଙ୍କ କର୍ତ୍ତବ୍ୟ। କୌଣସି ଶିଶୁକୁ ଏପରି ଅବସ୍ଥାରେ ପାଇଲେ ସ୍ଥାନୀୟ ଶିଶୁମଙ୍ଗଳ କମିଟିଙ୍କ ନଜରକୁ ନେବା ଜରୁରୀ। କାରଣ ଏହା ଆଇନ, ଶିଶୁ ଅଧିକାରର ପରିସରଭୁକ୍ତ। ଠିକ୍ ଥଇଥାନ ଶିଶୁ ଅଧିକାରର ସୁରକ୍ଷା। ଏଣୁ ଲକ୍ଷାଧିକ ଜନସମାଗମ ହେଉଥିବା ସ୍ଥାନ ବା ଯାନିଯାତ୍ରା ନିମନ୍ତେ ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ଶିଶୁମାନଙ୍କ ଉଦ୍ଧାର, ଉପସ୍ଥାପନ, ଥଇଥାନ ଓ ସଚେତନତା ପାଇଁ ସରକାର ଏକ ମାର୍ଗଦର୍ଶିକା ପ୍ରଣୟନ କଲେ ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏହା ଏକ ମାଇଲଖୁଣ୍ଟ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ବର୍ଣ୍ଣମାଳାରେ ବର୍ଣ୍ଣ ଓ ଧ୍ୱନି ସଂଖ୍ୟା ପ୍ରକୃତରେ କେତେ

ମହାଶୟ,

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଆମ ଓଡ଼ିଆ ବ୍ୟାକରଣ ପୁସ୍ତକର ଦ୍ୱିତୀୟ ଅଧ୍ୟାୟ ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର ଶୀର୍ଷକ ବିଷୟର ପୃଷ୍ଠା ୧୪ରେ ଓଡ଼ିଆ ବର୍ଣ୍ଣମାଳା ସଂଖ୍ୟା ୫୦ ଓ ଓଡ଼ିଆ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୩ ବୋଲି ଉଲ୍ଲେଖ ରହିଥିବା ସ୍ଥଳେ ଉକ୍ତ ପୃଷ୍ଠାରେ ଏହି ବ୍ୟଞ୍ଜନ ଧ୍ୱନିଗୁଡ଼ିକର ତାଲିକାରେ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୨ ବୋଲି ପ୍ରକାଶିତ ହୋଇଛି। ଡ. କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ରଚିତ କଟକ ବିନୋଦ ବିହାରୀର ସତ୍ୟନାରାୟଣ ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ ପୁସ୍ତକର ତୃତୀୟ ବିଷୟ ଧ୍ୱନି, ବର୍ଣ୍ଣ ଓ ବର୍ଣ୍ଣମାଳା(ପୃଷ୍ଠା-୧୨)ରେ ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯, ବ୍ୟଞ୍ଜନ ଧ୍ୱନି ୩୨ଟି। ତେବେ ଉକ୍ତ ସମସ୍ତ ପୁସ୍ତକଗୁଡ଼ିକରେ ସ୍ଥାନିତ ସଂଖ୍ୟାକୁ ଯଦି ଆମେ ମିଶାଇବା(ସ୍ୱର ଓ ବ୍ୟଞ୍ଜନ) ତେବେ ତାହା ୪୧ ଓ ୪୦ ହେବ। ଓଡ଼ିଆ ଭାଷାବିତ୍ ଡ. ଧନେଶ୍ୱର ମହାପାତ୍ରଙ୍କ ମତରେ, ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯ ଓ ଧ୍ୱନି ସଂଖ୍ୟା ୪୦। ତେବେ ପ୍ରକୃତରେ କେଉଁଟି ଠିକ୍।

**-ପ୍ରଫୁଲ୍ଲ କୁମାର ନାୟକ, ମହେଶ୍ୱରପଲ୍ଲୀ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା-
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର-ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ-ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !

-(ପ୍ରକୃତ-ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୭ ବର୍ଷ ବିତିଲା, ସରୁନି ପୁନର୍ନିର୍ମାଣ

■ରାଜପଥ ସମ୍ପ୍ରସାରଣ ପାଇଁ ଉଚ୍ଛେଦ ହୋଇଥିଲା ବହୁ ସରକାରୀ କୋଠା
■ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ, ଛାତ୍ରଛାତ୍ରୀ
■ପୂର୍ତ୍ତ ବିଭାଗ ବଙ୍ଗଳା, ପ୍ରାଣୀଧନ ଚିକିତ୍ସାଳୟ ତୁରନ୍ତ ନିର୍ମାଣ ଦାବି


ଜାମୁନାଳିଠାରେ ନିର୍ମାଣ ହେଉଥିବା ଯାତ୍ରୀ ବିଶ୍ରାମାଗାର ।

ବଇଣ୍ଡା,୩।୭ (ପରିକ୍ଷିତ ସାହୁ)

ରାଜପଥ ସମ୍ପ୍ରସାରଣ କରାଯିବ ବୋଲି ତରବରିଆ ଭାବେ ରାସ୍ତା ପାର୍ଶ୍ୱରୁ ହେଲା ଉଚ୍ଛେଦ କାର୍ଯ୍ୟ । ବହୁ ସରକାରୀ କାର୍ଯ୍ୟାଳୟର କୋଠାକୁ ଭାଙ୍ଗି ମାଟିରେ ମିଶାଇ ଦିଆଗଲା । ସ୍କୁଲ, ଯାତ୍ରୀ ବିଶ୍ରାମାଗାର ମଧ୍ୟ ବାଦ ପଡ଼ିଲା ନାହିଁ । ନୂତନ ସ୍ଥାନରେ ଶୀଘ୍ର ଏସବୁର ପୁନଃ ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଗଲା । ହେଲେ ୭ ବର୍ଷ ବିତିଯାଇଥିଲେ ମଧ୍ୟ କେଉଁଠି ନୂତନ ନିର୍ମାଣ ହୋଇନାହିଁ ତ ଆଉ କେଉଁଠି ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ କରାଯାଇପାରୁ ନାହିଁ । ଏହାକୁ ନେଇ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ସୃଷ୍ଟି ହେଉଛି ତୀବ୍ର ଜନଅସନ୍ତୋଷ ।

ପ୍ରକାଶ ଯେ, ଅନୁଗୋଳ ଜିଲା ବଇଣ୍ଡା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ୪ ଲେନ୍ ପାଇଁ ବଇଣ୍ଡାଠାରେ ୨୦୧୮ ମେ ୧୭ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା । ସମସ୍ତ କ୍ଷତିପୂରଣ ପଇଠ ପୂର୍ବରୁ ପ୍ରଶାସନ ଉଚ୍ଛେଦ ଆରମ୍ଭ କରିଥିଲା । ବଇଣ୍ଡାରେ ଥିବା ପ୍ରାଣୀଧନ ଚିକିତ୍ସାଳୟ, ପୂର୍ତ୍ତ ବିଭାଗ ବଙ୍ଗଳା, ନୁନୁକାପାଣି ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ବଇଣ୍ଡା ଫାଣ୍ଡି, ବଇଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାର, ବଇଣ୍ଡା କଲେଜ ସମ୍ମୁଖରେ ଥିବା ବିଶ୍ରାମାଗାର, ଲୁହାମୁଣ୍ଡା, ଡେଟେବେରାପାଲି, ହଣ୍ଡପା, ବଇସିଣା, ନାକିଚି, ଫୁଲାମ୍ବ, ସରିସିପାଲି, ଜାମୁନାଳି ଯାତ୍ରୀ ବିଶ୍ରାମାଗାର ସହିତ ବଇସିଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ, ପାଗବନ୍ଧା ପ୍ରାଥମିକ ବିଦ୍ୟାଳୟ ପାଚେରି, ଏଥିପାଇଁ ଭାଙ୍ଗି ଦିଆଯାଇଥିଲା । ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକେ ସେବେଠାରୁ ବହୁ ହଇରାଣ ହେଉଛନ୍ତି । କିଛି କାର୍ଯ୍ୟାଳୟ ଭଡ଼ା ଘରେ ଚାଲିଥିବା ବେଳେ ଆଉ କିଛି ଅନ୍ୟ କାର୍ଯ୍ୟାଳୟରେ ମିଶାଇ ଦିଆଯାଇଛି । ବିଶେଷକରି ବଇଣ୍ଡାଠାରେ ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ ହେଉ ନ ଥିବାରୁ ୪ଟି ପଞ୍ଚାୟତର ଲୋକେ ଗୃହପାଳିତ ପ୍ରାଣୀଙ୍କର ଚିକିତ୍ସା ପାଇଁ ୭ କି.ମି. ଦୂର ହଣ୍ଡପା ପ୍ରାଣୀଧନ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ପୂର୍ତ୍ତ ବିଭାଗ ଡାକବଙ୍ଗଳା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହେବା ସହ ଜମି ଚିହ୍ନଟ ହୋଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ବ ହେଉଛି । ବଇଣ୍ଡା ଫାଣ୍ଡିକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଜମି ଚିହ୍ନଟ ନିମନ୍ତେ ବଇଣ୍ଡା ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ । ଅନେକ ବିଶ୍ରାମାଗାର ସହ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କରିବା ଦାୟିତ୍ୱ ଠିକାସଂସ୍ଥା ନେଇଥିବା ବେଳେ କିଶୋରନଗରର ପ୍ରାଥମିକ ବିଦ୍ୟାଳୟ ନିର୍ମାଣରେ ବ୍ୟାପକ ବିଳମ୍ବ ସହ ନିମ୍ନମାନର କାର୍ଯ୍ୟ ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଠିକା ସଂସ୍ଥା ପକ୍ଷରୁ ଯାତ୍ରୀ ବିଶ୍ରାମାଗାରଗୁଡ଼ିକ ସ୍ଥାନରେ ଲୁହା ପାଇପ୍ ବସାଯାଇଥିଲେ ହେଁ ଆଜବେଷ୍ଟସ ପକାଯାଇ ନାହିଁ । ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

### ଉନ୍ନୟନ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି



ବଇଣ୍ଡାରେ ଅନେକ ସରକାରୀ କାର୍ଯ୍ୟାଳୟ କୋଠା ଭଙ୍ଗାଯାଇଥିଲେ ମଧ୍ୟ ସେଗୁଡ଼ିକ ନିର୍ମାଣ ଶେଷ କରାଯାଉନାହିଁ । ଫଳରେ ବହୁ ଅସୁବିଧା ସୃଷ୍ଟି ହେଉଛି । ଜନସାଧାରଣ ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ଗଲେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।
-ଅରବିନ୍ଦ ସାହୁ, ବଇଣ୍ଡା ଗ୍ରାମ ଉପସଭାପତି

### ଗୃହପାଳିତ ପ୍ରାଣୀଙ୍କୁ ଠିକ୍ ସମୟରେ ମିଳୁନି ଚିକିତ୍ସା



ବଇଣ୍ଡାରେ ଭଙ୍ଗାଯାଇଥିବା ପୂର୍ତ୍ତ ବିଭାଗ ବଙ୍ଗଳା, ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ରାଜ୍ୟ ସରକାରଙ୍କୁ ବହୁବାର ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି । ଏହି ଅଞ୍ଚଳରେ ଅନେକ ଗୃହପାଳିତ ପ୍ରାଣୀ ଥିଲେ ମଧ୍ୟ ଚିକିତ୍ସାଳୟ ନ ଥିବାରୁ ଠିକ୍ ସମୟରେ ସେବା ପାଇପାରୁ ନାହାନ୍ତି । ତୁରନ୍ତ ପଦକ୍ଷେପ ନିଆଯାଉ ।
-ଦୀପ୍ତିମୟୀ ସାହୁ, ସରପଞ୍ଚ

### ଲୋକେ ବହୁ ହଇରାଣ ହେଉଛନ୍ତି



ତରବରିଆ ଭାବେ ପ୍ରଶାସନ ସରକାରୀ କୋଠାଗୁଡ଼ିକୁ ଉଚ୍ଛେଦ କରିଦେଲା । ଉଚ୍ଛେଦର ୭ ବର୍ଷ ବିତିଯାଇଥିଲେ ମଧ୍ୟ ପୁନଃ ନିର୍ମାଣ ସମ୍ପୂର୍ଣ୍ଣ ହେଉନାହିଁ । ଲୋକ ପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ ।
-ଜଳଧର ସାହୁ, ପୂର୍ବତନ ସରପଞ୍ଚ

### ତୁରନ୍ତ ପଦକ୍ଷେପ ନିଆଯାଉ



ଅନେକ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ଭଙ୍ଗା ଯାଇଥିଲେ ମଧ୍ୟ ନୂତନ ଭାବେ ନିର୍ମାଣ କରାଯାଉନାହିଁ । ବଇଣ୍ଡା କଲେଜରେ ବିଶ୍ରାମାଗାର ନିର୍ମାଣ କରାଯାଇ ନ ଥିବାରୁ ଛାତ୍ରଛାତ୍ରୀମାନେ ହଇରାଣ ହେଉଛନ୍ତି । ଏ ବିଗରେ ପଦକ୍ଷେପ ନିଆଯାଉ ।
-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ

## ନାଲ୍କୋର ୧୨ ଜିଏମ୍ ହେଲେ ଜିଜିଏମ୍

ବଆଁରପାଳ,୩।୭ (ସୁବାସ ସାହୁ)


ସୁନୀଲ ମହାପାତ୍ର ।

### ସୁନୀଲ ମହାପାତ୍ର ଏସ୍ଆଣ୍ଡପିର ଆଗାମୀ ଜିଜିଏମ୍

ଭାରତ ସରକାରଙ୍କ ଆଲୁମିନିୟମ ଉଦ୍ୟୋଗରେ କାର୍ଯ୍ୟରତ ୧୨ ଜଣ ଜିଏମ୍‌ଙ୍କୁ ଜିଜିଏମ୍ ପାହ୍ୟାକୁ ପଦୋନ୍ନତି ମିଳିଛି । ଏଥିପାଇଁ ଗତ ଜୁନରେ ୨୬ଜଣ ଡିପିସି ପରୀକ୍ଷା ଦେଇଥିଲେ । ପଦୋନ୍ନତି ପାଇଥିବା ୧୨ ଜଣଙ୍କ ମଧ୍ୟରୁ ଅନୁଗୋଳସ୍ଥିତ ଏସ୍ଆଣ୍ଡପି କମ୍ପ୍ଲେକ୍ସକୁ ୭ଜଣ ଆସିଛନ୍ତି । ଐରା କୁମାର ଭୋଇ ଜିଜିଏମ୍ ମେଟାଲ, ଭରତ ଚନ୍ଦ୍ର ମହାରଣା ଜିଜିଏମ୍ ପଟ୍‌ଲାଇନ ମେଣ୍ଟେନାନ୍ସ, ଗୋବିନ୍ଦ ଚନ୍ଦ୍ର ଦାସ ଜିଜିଏମ୍ ମେଣ୍ଟେନାନ୍ସ ସିପିପି, ଧର୍ମରାଜ ସିଂଦେଓ ଜିଜିଏମ୍ ମେଣ୍ଟେନାନ୍ସ କାର୍ବନ ଏରିଆ, ରାଜୀବ ରଞ୍ଜନ ଜିଜିଏମ୍ ମେଣ୍ଟେନାନ୍ସ କାଷ୍ଟ ହାଉସ ଆରପିଯୁ, ହିମାଂଶୁ ଶେଖର ପଣ୍ଡା ଜିଜିଏମ୍ ଅର୍ଥ, ନଳିନୀକାନ୍ତ ଜେନା ଜିଜିଏମ୍ ଓଆଣ୍ଡଏମ୍ ମାଇନ୍ସ, ବିଛନ୍ଦ ଚରଣ ଦାସ ଜିଜିଏମ୍ ପ୍ରୋଜେକ୍ଟ ମାଇନ୍ସ ଆଣ୍ଡ ରିଫାଇନାରି, ଅନିଲ କୁମାର ସିଂ ଜିଜିଏମ୍ ଓଆଣ୍ଡଏମ୍ ଆଲୁମିନା ରିଫାଇନାରି, ଭାରତ କୁମାର ସାହୁ ଜିଜିଏମ୍ କମ୍ପାନୀ ସେକ୍ରେଟାରି କର୍ପୋରେଟ, ସରୋଜ କୁମାର ପାତ୍ର ମାନବ ସମ୍ବଳ ମହାପ୍ରବନ୍ଧକ କର୍ପୋରେଟ, ସୁନୀଲ କୁମାର ମହାପାତ୍ର ମାନବ ସମ୍ବଳ ମହା ପ୍ରବନ୍ଧକ ପ୍ରମୁଖଙ୍କୁ ବିଭିନ୍ନ ବିଭଗ ପାଇଁ ମନୋନୀତ କରାଯାଇଛି । ଜୁନ ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନୂତନ ପଦବୀରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ରହିଛି । ଏସ୍ଆଣ୍ଡପି କମ୍ପ୍ଲେକ୍ସ ଜିଜିଏମ୍ ଏଚଆଣ୍ଡଏ ପଦବୀ ପାଇଁ ମନୋନୀତ ହୋଇଥିବା ସୁନୀଲ ମହାପାତ୍ର ଏଥିପୂର୍ବରୁ ସିପିପି ପ୍ଲାଣ୍ଟରେ ଡିଜିଏମ୍ ଏଚ୍ଆଣ୍ଡଏ ପଦବୀରେ ଥିଲେ । ଏଠାରୁ ଜିଏମ୍ ପାହ୍ୟାକୁ ପଦୋନ୍ନତି ପାଇ ଦାମନଯୋଡ଼ି ଯାଇଥିଲେ । ପୁନଶ୍ଚ ପଦୋନ୍ନତି ପାଇ ଅନୁଗୋଳକୁ ଆସୁଥିବାରୁ ନାଲ୍କୋ କର୍ମଚାରୀ, ଶ୍ରମିକ ସଙ୍ଗଠନ, ନାଲ୍କୋ ପାରିପାର୍ଶ୍ୱିକ ଅଞ୍ଚଳରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଛୁଟିଛି ।

## ବାସ୍କେଟ ବଲ୍ କୋଚିଂ



ଅନୁଗୋଳ,୩।୭(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ନାଲ୍କୋ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଏକ ବାସ୍କେଟ ବଲ୍ କୋଚିଂ ଆୟୋଜିତ ହେଉଛି । ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି କୋଚିଂ ତିନି ସପ୍ତାହ ଧରି ଚାଲିବ । ଅଭିଜ୍ଞ କୋଚ ବିଜୟ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆଗ୍ରହୀ ପିଲାମାନଙ୍କୁ ବାସ୍କେଟ ବଲ କୋଚିଂ ଦିଆଯାଉଛି । ଯେଉଁ ପିଲାମାନେ ବାସ୍କେଟ ବଲ କୋଚିଂ ନେବାକୁ ଚାହୁଁଛନ୍ତି ସେମାନେ କ୍ରୀଡ଼ା ସଂସଦ ସମ୍ପାଦକ ଡା. ଗୌର ଗୋବିନ୍ଦ ସାମନ୍ତଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଯୁବତୀ ନିଖୋଜ, ମୃତଦେହ ମିଳିବା ଘଟଣାର ଠିକ୍ ତଦନ୍ତ ଦାବି

ଅନୁଗୋଳ,୩।୭(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ନାରୀ ନିର୍ଯାତନା, ନିଖୋଜ, ଅପହରଣ, ବଳାତ୍କାର ଓ ହତ୍ୟା ଘଟଣା ଲଗାତର ବୃଦ୍ଧି ପାଉଥିବାରୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍) ଅନୁଗୋଳ ଜିଲା କମିଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ଗୁରୁବାର ଏକ ପ୍ରେସ୍ ଇସ୍ତାହାରରେ କମିଟି ପକ୍ଷରୁ କୁହାଯାଇଛି, କଣିହାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଖସେଇ ଦେବା ପାଇଁ ଚକ୍ରାନ୍ତ ଚାଲିଥିବା ଅଭିଯୋଗ ହୋଇଛି । ଛେଣ୍ଡିପଦା ଥାନା ଅଞ୍ଚଳର ଜନୈକା କଲେଜ ଛାତ୍ରୀ ଗତ ଜୁନ ୨୬ ତାରିଖରେ ନିଖୋଜ ହୋଇଯାଇଥିବା ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନାରେ ଲିଖିତ ଭାବେ ପରିବାର ଲୋକ ଜଣାଇଛନ୍ତି । ହେଲେ ଏପର୍ଯ୍ୟନ୍ତ ନିଖୋଜ ଛାତ୍ରୀଙ୍କୁ ଠାବ କରାଯାଇ ନାହିଁ । ଗତ ୨ ତାରିଖରେ କୁଣ୍ଢେଇଗୋଳା ଥାନା ଠିଆନାଳ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ନାଳରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ମିଳିଛି । ବିଭିନ୍ନ ପାରିପାର୍ଶ୍ୱିକ କାରଣରୁ ଏହି ୨ଟି ଘଟଣା ଅନେକ ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଉପରୋକ୍ତ ଘଟଣା ସମ୍ପର୍କରେ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଇ ତଦନ୍ତ କରିବା ନିମନ୍ତେ କମିଟିର ସଭାନେତ୍ରୀ ମନ୍ଦୋଦରୀ ରାଉଳ ଓ ସମ୍ପାଦିକା ମାନସୀ ସ୍ୱାଇଁ ଦୃଢ଼ ଦାବି କରିଛନ୍ତି ।

## ଜିଲାପାଳଙ୍କ ୩ ମାସର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୩।୭(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୭ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ । ୧୪ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୨୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୨୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଅଗଷ୍ଟ ୪ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୧୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ବଆଁରପାଳ କାର୍ଯ୍ୟାଳୟ, ୧୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୨୫ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ସେପ୍ଟେମ୍ବର ୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ବଆଁରପାଳ ବ୍ଲକ କାର୍ଯ୍ୟାଳୟ ଓ ୨୨ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି ।

## ଅମଲାପଡ଼ା କ୍ଲବ୍ ଗଣପତର ନୂତନ କର୍ମକର୍ତ୍ତା


ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ ।

ଅନୁଗୋଳ,୩।୭(ଜ୍ୟୋତିରଞ୍ଜନ ସାହୁ)

ଚଳିତବର୍ଷ ଗଣେଶ ପୂଜା ପାଳନ ପାଇଁ ଅମଲାପଡ଼ା କ୍ଲବ ଗଣପତର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏ ନେଇ ବୁଧବାର ସନ୍ଧ୍ୟାରେ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବ ବର୍ଷର ଆୟ, ବ୍ୟୟର ବିବରଣୀ ଉପସ୍ଥାପନ କରାଯାଇଥିଲା । ପରେ ଉପଦେଷ୍ଟା କମିଟି ଓ ସଦସ୍ୟମାନେ ନୂତନ କର୍ମକର୍ତ୍ତା ଚୟନ କରିଥିଲେ । ସଭାପତି ଭାବେ ଚନ୍ଦ୍ରକାନ୍ତ ପ୍ରଧାନ, ସମ୍ପାଦକ ସନ୍ଧାନ ଦାସ, ଉପସଭାପତି ଚନ୍ଦନ କୁମାର ସାହୁ, ଆଦର୍ଶ ସାହୁ, ସହ ସମ୍ପାଦକ ଲିବଲୁ ରଞ୍ଜନ ଜେନା, ପବିତ୍ର ଭଞ୍ଜ, ବିଶ୍ୱଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ଅନିଲ ଭୂୟାଁ, ସତ୍ୟବ୍ରତ ବାରିହା, କୋଷାଧ୍ୟକ୍ଷ ସୁବ୍ରତ କୁମାର ବାରିହା, ରବୀନ୍ଦ୍ର କୁମାର ସାହୁ, ଉପଦେଷ୍ଟା ଭାବେ ଦିଲୀପ କୁମାର ସାହୁ, ପତିତପାବନ ସାହୁ, ବୀରେନ୍ଦ୍ର ନାୟକ, ଦୀନେଶ ପ୍ରଧାନ, ତାପସ କୁମାର ନାୟକ, ସୁଜିତ କୁମାର ସାହୁ, ସୁକାନ୍ତ କୁମାର ସାହୁ, ନିଶାନ୍ତ କୁମାର ଜେନା, ରଞ୍ଜନ ସାହୁ, ଅରୁଣ ବରାଳ, ଅମରଜିତ ସ୍ୱାଇଁ, ସମରେଶ ନାଥ, ସତ୍ୟଜିତ ଦେହୁରୀ ପ୍ରମୁଖ ଚୟନ ହୋଇଛନ୍ତି ।

## ରେଙ୍ଗାଳି ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି, ହେଲା ଗେଟ୍ ପୂଜା

ପବିତ୍ରନଗର,୩।୭(ନିରୋଜ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଜୁଲାଇ ମାସରେ ଜଳସ୍ତର ସବୁ ରେକର୍ଡ ଭଙ୍ଗ କରିଛି । ସାଧାରଣତଃ ରେଙ୍ଗାଳି ଡ୍ୟାମ୍‌ଠାରେ ବ୍ରାହ୍ମଣୀର ଜଳସ୍ତର ଜୁଲାଇରେ କମ୍ ରହିଥାଏ । ଫଳରେ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ତେବେ ଚଳିତବର୍ଷ ପ୍ରଥମ ଥର ଜୁଲାଇ ଆରମ୍ଭରେ ରେଙ୍ଗାଳି ଡ୍ୟାମ୍‌ର ଗେଟ୍ ଖୋଲିବା ସମ୍ଭାବନା ଦେଖାଦେଇଛି । ତେଣୁ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ବନ୍ୟାଜଳ ପରିଚାଳନା ପାଇଁ ଡ୍ୟାମ୍‌ର ଗେଟ ପୂଜା କରାଯାଇଛି । ୧୨ ନଂ. ଗେଟ୍‌ର ପୂଜାର୍ଚ୍ଚନା ବେଳେ ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା କର୍ତ୍ତା ଭାବେ ଯୋଗ ଦେଇଥିଲେ । ରେଙ୍ଗାଳି ଡ୍ୟାମ୍‌ର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବା ବେଳେ ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଜଳସ୍ତର ୧୨୦.୦୫ ମିଟରରେ ପହଞ୍ଚିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩୮୧୮.୫୫ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ୭୫୬.୪୨ ଘନ ମିଟର ଜଳ ନିଷ୍କାସିତ ହେଉଛି । ପ୍ରତି ଘଣ୍ଟାରେ ପାଞ୍ଚଟି ଟର୍ବାଇନରୁ ୨୫୩.୪ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଛି । ଗେଟ୍ ପୂଜାରେ ଅଧୀକ୍ଷଣ ଯନ୍ତ୍ରୀ ବେହେରାଙ୍କ ସମେତ ଏସ୍‌ଡିଓ ଦାସମାତ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ, ଇନ୍ଦ୍ରଜିତ ବେହେରା, ସର୍ବେଶ୍ୱର ଧନୱାରଙ୍କ ସହ ଡ୍ୟାମ୍ କର୍ମଚାରୀ ଉପସ୍ଥିତ ଥିଲେ । ଯେକୌଣସି ସମୟରେ ଡ୍ୟାମ୍ ଗେଟ୍ ଖୋଲାଯାଇପାରେ ବୋଲି ଅଧୀକ୍ଷଣ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି ।

## ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

ଛେଣ୍ଡିପଦା,୩।୭ (ଅଜିତ ଧଳ)/ ତାଳଚେର (ମନୋଜ ନନ୍ଦ)


ଛେଣ୍ଡିପଦାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି ଓ ଜନସାଧାରଣ ।

ଅନୁଗୋଳ ଜିଲା ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପଡ଼ିଆରେ ଗୁରୁବାର ଗରିବ କଲ୍ୟାଣ ଓ ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲାପାଳ ଅବଦଲ ମହମଦ ଅଖତାରଙ୍କ ଅଧକ୍ଷତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଛେଣ୍ଡିପଦାର ବିକାଶ ପାଇଁ ପ୍ରାୟ ୪୪.୮୮ କୋଟି ଟଙ୍କା ମୂଲ୍ୟର ୩୪ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮.୯ କୋଟି ଟଙ୍କା ମୂଲ୍ୟର ୧୯ ପ୍ରକଳ୍ପ ପାଇଁ ଭୂମିପୂଜନ କରିଥିଲେ । ଏହାପରେ କେନ୍ଦ୍ରମନ୍ତ୍ରୀ ନିର୍ମାଣ ଶ୍ରମିକ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା, କେନ୍ଦୁପତ୍ର ତୋଳାଳି, ଆୟୁଷ୍ମାନ କାର୍ଡ, ବସୁନ୍ଧରା ପଟ୍ଟା, ଶ୍ରୀ ଅନ୍ନ ଅଭିଯାନ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କିଷାନ କ୍ରେଡିଟ ଆଦି ଯୋଜନାରେ ହିତାଧିକାରୀଙ୍କୁ ସରକାରୀ ସହାୟତା ରାଶି ବିତରଣ କରିଥିଲେ । ଏହି ସମାବେଶରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଜିଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ, ମିଡିଆସେଲ୍ କୋଅଡିନେଟର ଅକ୍ଷୟପାଦ ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ଗଡ଼ନାୟକଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୧୦ ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ତାଳଚେର ଗସ୍ତ କରି ନିଜେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ସ୍କୁଲର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଥିଲେ ।

ସେହିପରି ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ 'ଏକ ପେଡ୍ ମା' କେ ନାମ ୨.୦' ଅନ୍ତର୍ଗତ ଚାରାରୋପଣ ଅଭିଯାନ ଓ ୭୬ତମ ବନମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଅନୁଗୋଳ ବନଖଣ୍ଡର ଭ୍ରାମ୍ୟମାଣ ଚାରା ବିତରଣ ରଥ, ସୂଚନା ରଥ, ସବୁଜ ଅନୁଗୋଳ ମୋବାଇଲ ଆପ୍, ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଟ୍ରକ୍, ଅନୁଗୋଳ ଫରେଷ୍ଟ ଡିଭିଜନ ୱେବସାଇଟ ଓ ଅନ୍ୟାନ୍ୟ ପୋର୍ଟାଲ ଆଦିର ଶୁଭାରମ୍ଭ କରିଥିଲେ । ତାଳଚେରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୋଳ ଓ ପାଲଲହଡ଼ା ବିଧାୟକ, ଜିଲାପାଳ, ଏସ୍‌ପି ରାହୁଲ ଜୈନ, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଜିଲା ଶିକ୍ଷା ଅଧିକାରୀ, ଡିଏଫ୍‌ଓଙ୍କ ସମେତ ବହୁ ସରକାରୀ ଅଧିକାରୀ ଯୋଗ ଦେଇଥିଲେ ।

ପୂର୍ବ ତଟ ରେଳପଥ
'ଇ'-କ୍ରୟ
ଟେଣ୍ଡର ସଂ. TP255001A
ସାମଗ୍ରୀଗୁଡ଼ିକର ବିବରଣୀ : ପୂର୍ବ ତଟ ରେଳପଥରେ GHAT ସେକ୍ସନଗୁଡ଼ିକରେ ଅତିରିକ୍ତ ପରୀକ୍ଷଣ ପାଇଁ PSC ସ୍ଲିପର T-8746 ରେ ବ୍ୟାପକ ଭାବେ ବ୍ୟବହୃତ ହେବାକୁ ଥିବା RDSOର କାର୍ଯ୍ୟକ୍ଷମ ଓ ବୈଷୟିକ ଆବଶ୍ୟକତା ପୂରଣ କରୁଥିବା (1) ଏଥିଲିନ୍ ଭିନାଇଲ୍ ଏସିଟେଟ୍ (EVA), (2) ଥର୍ମୋପ୍ଲାଷ୍ଟିକ୍ ପଲିୟୁରେଥେନ୍ (TPU), (3) ପଲିୟୁରେଥେନ୍ (PU), (4) ଏଥିଲିନ୍ ପ୍ରୋପାଲିନ୍ ଡାଇନ୍ ମୋନୋମର (EPDM), (5) ଥର୍ମୋ ପ୍ଲାଷ୍ଟିକ୍ ପଲିମର ଆଧାରିତ ଇଲାଷ୍ଟୋମରରୁ ନିର୍ମିତ ଉଚ୍ଚ କାର୍ଯ୍ୟଦକ୍ଷତା ରେଲ୍ ପ୍ୟାଡ୍‌ର ଉତ୍ପାଦନ ଏବଂ ଯୋଗାଣ, ପରିମାଣ : ପ୍ରତ୍ୟେକ ପ୍ରକାରର 16600 ସଂଖ୍ୟକ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2025ରିଖ 1430 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, EMD, କ୍ରୟ ପ୍ରତିବନ୍ଧ ଏବଂ ବିସ୍ତୃତ ଟେଣ୍ଡର ସର୍ତ୍ତାବଳୀ ଇତ୍ୟାଦି ଭଳି ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
ଉପ ମୁଖ୍ୟ ଯନ୍ତ୍ରୀ/TM/ ଭୁବନେଶ୍ୱର
PR-314/Q/25-26


ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି., ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୨୬ । ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/କେନ୍ଦ୍ରୀୟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୧୦,୨୧,୬୮,୩୩୪.୩୯; ଇଏମ୍‌ଡି: ₹୬,୬୦,୯୦୦/- । ୨. ସିକେପି-ୱେଷ୍ଟ-୨୫-୨୬-୧୭; ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; ଟେଣ୍ଡର ମୂଲ୍ୟ: ₹୨୪,୬୭,୪୭,୯୨୬.୫୨; ଇଏମ୍‌ଡି: ₹୧୩,୮୩,୭୦୦/- । ୩. ସିକେପି-ଇଷ୍ଟ-୨୫-୨୬-୧୮; ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; ଟେଣ୍ଡର ମୂଲ୍ୟ: ₹୧୦,୦୭,୨୭,୫୧୮.୭୦; ଇଏମ୍‌ଡି: ₹୬,୫୩,୬୦୦/- । ୪. ସିକେପି-ସାଉଥ-୨୫-୨୬-୦୯; ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ଦକ୍ଷିଣ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; ଟେଣ୍ଡର ମୂଲ୍ୟ: ₹୧୧,୧୬,୩୪,୧୨୫.୭୨; ଇଏମ୍‌ଡି: ₹୭,୦୮,୨୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦ । ଖୋଲାଯିବା ତାରିଖ: କ୍ର.ସଂ ୧, ୨ ଓ ୩ ପାଇଁ ପ୍ରତ୍ୟେକ ତା୨୧।୦୭।୨୦୨୫ ଏବଂ କ୍ର.ସଂ. ୪ ପାଇଁ ୨୨।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-352)

LIC
SAMBALPUR DIVISIONAL OFFICE
"JEEVAN PRAKASH"
AINTHAPALI, SAMBALPUR- 768004
WANTED OFFICE PREMISES ON LEASE
LIC of India intends to hire office premises from the individual/ firms on lease basis admeasuring 1500sq.ft. carpet area [ ±5% variation in areas is acceptable ] which are in ready-to-occupy condition preferably on Ground or Ground and First floor for Satellite Office at Kantabanji, Dist- Balangir (Odisha)-767039. The preferred location of the premises shall be nearer to Railway Station / Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for requirement of Office premises at Kantabanji (Odisha) on lease basis".**
LIC of India reserves the right to accept or reject any or all offers in full/part without assigning any reasons whatsoever.
Sd/-
Date. 03.07.2025 Sr. Divisional Manager

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
REF. NO.-ER&C/515 Dt:-23-06-2025
NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT
Applications in closed cover are invited for allotment of S P-II canteen (Near S P-II deptt. area) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C) on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).
Application will be accepted up to **3.00PM. of dt:-21-07-2025.**
AGM (HR-TA, G, ER&C)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

OFFICE OF THE PRINCIPAL
Ekalavya Model Residential School, Nuapada
(A Unit of NESTS) Ministry of Tribal Affairs Government of India
(Affiliated To CBSE, Delhi, Affiliation No. 1520009, School Code - 17097)
At-Sakhatara, PO-Maulibhatta, PS-Nuapada, Dist.-Nuapada, 766105 (Odisha),
Email id : emrs.nuapada@gmail.com
Letter No : EMRS/NPD/OFF/152/2025-26 /Date : 03.07.2025
LATERAL ENTRY FOR THE ACADEMIC SESSION, 2025-26
Applications are invited from eligible students of **class 7th, 8th & 9th** for lateral admission in CBSE Curriculam of EMRS, Nuapada for the academic session 2025-26. ***Selection of candidates will be strictly on the basis of Entrance Exam results as per NESTS guideline.***
***Interested Candidates for Boarders (only ST students) & for Day Scholar candidates (Children of Doctors and Paramedical staff of Govt. Hospital of Nuapada Block) may apply for class VII, VIII & IX.***
Important Dates :-
1. Application to be submitted in the office of the Principal, EMRS, Nuapada from 9:00 A.M. to 1:00 P.M. on or before 12.07.2025 (on working days only)
2. Entrance Exam. will be held from 10:00 A.M. to 1:00 P.M. on Date : 15.07.2025 (Tuesday) at Ekalavya Model Residential School, Nuapda.
3. Application Forms available at Ekalavaya Model Residential School, Nuapda.
4. Contact No. 9938487801
5. Students Vacant seat-Class VII-1 Boy, VIII-1, Girl, IX-1 Boy.
By the order of D.W.O, Nuapada
Sd./- Principal (I/C), EMRS, Nuapada

# ସ୍ୱପ୍ନ ସାକାର ପଥରେ ସାତ୍ୱିକ



ଜୁନିୟର ସ୍ତରରେ ୱାର୍ଲ୍ଡ କ୍ୟାଡେଟ ଓ ଫିଡେ ବିଶ୍ୱକପରେ ପ୍ରତିଭା ପ୍ରଦର୍ଶନ ପରେ ଜାତୀୟ ଚାମ୍ପିୟନ ହୋଇ ଓଡ଼ିଶା ଚେସ୍‌ରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ସାତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ନିଜ ପ୍ରତିଭାର ଭରପୂର ସଦୁପଯୋଗ କରି ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି ଏହି ଚେସ୍ ପ୍ରତିଭା...

–ପ୍ରସ୍ତୁତି ତପନ ସ୍ୱାଇଁ

ଓଡ଼ିଶା ଚେସ୍‌ରେ ଏବେ ଖୁସିର ଲହରି। ଏହାର କାରଣ ଜଣେ ଶିଶୁ ପ୍ରତିଭା। ୱାର୍ଲ୍ଡ କ୍ୟାଡେଟ୍, ଫିଡେ ବିଶ୍ୱକପ୍ ପରେ ଜାତୀୟ ଚେସ୍‌ରେ ଦକ୍ଷତା ଦେଖାଇ ରାଜ୍ୟକୁ ଗର୍ବିତ କରିଥିବା ଏହି ବିସ୍ମୟ ବାଳକ ହେଲେ ସାତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ନିକଟରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୧୦ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଥିଲେ ସାତ୍ୱିକ। ପୂରା ଟୁର୍ଣ୍ଣାମେଣ୍ଟରେ ସେ ଅପରାଜେୟ ରହିଥିଲେ। ପଞ୍ଜାବର ଆକର୍ଷ ଗୁପ୍ତାଙ୍କ ବିପକ୍ଷରେ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ ହୋଇଥିଲା। ଏହାପରେ ଉତ୍ତରାଖଣ୍ଡର ଅକ୍ଷତ ଜାନୋତି, ଦିଲ୍ଲୀର ଆରିଭ ଭୋରା, ତାମିଲନାଡୁର ରାୟାନ ମିକାଏଲ ରୋଜାରିଓ, କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା, ତାମିଲନାଡୁର ତାମିଜ ଅମୁଧନ ଏସ୍, ତେଲେଙ୍ଗାନାର ଦିଭିଥ ଅଦୁଲ୍ଲା ରେଡ୍ଡୀଙ୍କୁ ହରାଇବା ପରେ ତାମିଲନାଡୁର ଶିଭିନ କେ.ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୯ମ ରାଉଣ୍ଡରେ ସେ ପଶ୍ଚିମବଙ୍ଗର ଆୟାନ ଗୁପ୍ତାଙ୍କୁ ହରାଇ ଥିବାବେଳେ ୧୦ମ ରାଉଣ୍ଡରେ ପଶ୍ଚିମବଙ୍ଗର ଅନ୍ୟତମ ଖେଳାଳି ଅନିକେତ ଦାସଙ୍କ ବିପକ୍ଷରେ ଡ୍ର ରଖି ଟାଇଟଲ ଆଶା ଉଜ୍ଜୀବିତ କରିଥିଲେ। ୧୧ତମ ତଥା ଅନ୍ତିମ ରାଉଣ୍ଡରେ ସେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ପରାସ୍ତ କରି ଏକାକୀ ଅଗ୍ରଣୀ ସହ ମାତ୍ର ୯ ବର୍ଷ ବୟସରେ ହୋଇ ଯାଇଥିଲେ ଜାତୀୟ ଚାମ୍ପିୟନ। ଏହି ଟୁର୍ଣ୍ଣାମେଣ୍ଟରୁ ତାଙ୍କୁ ୫୬.୮ ପଏଣ୍ଟର ଫାଇଦା ହୋଇଥିଲା। ପରିବାରରେ ମା'ଙ୍କ ନିକଟରୁ ଚେସ୍ ବୋର୍ଡକୁ ଚିହ୍ନିବା ଶିଖିଥିବା ସାତ୍ୱିକ ପରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କ ପ୍ରଶିକ୍ଷଣ ସହ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ମାର୍ଗଦର୍ଶନରେ ନିଜ ପ୍ରଦର୍ଶନକୁ ମାର୍ଜିତ କରିଛନ୍ତି।

୨୦୧୬ ଜାନୁଆରୀ ୧୭ରେ ଜନ୍ମିତ ସାତ୍ୱିକଙ୍କ ମା ହେଉଛନ୍ତି ସୋନମ ସରିତା ମହାନ୍ତି ଓ ବାପା ସମ୍ବିତ ସ୍ୱାଇଁ।

ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଏହି ଚେସ୍ ପ୍ରତିଭା ଏବେ ଚନ୍ଦ୍ରଶେଖରପୁର ଡିଏଭିରେ ୪ର୍ଥ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ମାତ୍ର ୬ ବର୍ଷ ବୟସରୁ ଚେସ୍‌ରେ ଗୋଟି ଚାଳନା ଆରମ୍ଭ କରିଥିବା ସାତ୍ୱିକ କେବଳ ରାଜ୍ୟ ଏବଂ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୨୦୨୩ ଅଗଷ୍ଟରେ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ରନରଅପ୍ ହୋଇ ଆରମ୍ଭ କରିଥିଲେ ଅଭିଯାନ। ସେହିବର୍ଷ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟିରେ ଅନୁଷ୍ଠିତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ରେ ସେ ଟାଇଟଲ ଅର୍ଜନ କରିଥିଲେ। ପରେ ୨୦୨୪ ଅଗଷ୍ଟରେ କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ କଲେଜରେ ଆୟୋଜିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇଥିଲେ। ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମେ ୩ରୁ ୫ ପର୍ଯ୍ୟନ୍ତ ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ମଧ୍ୟ ସେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

୨୦୨୪ ଥିଲା ସାତ୍ୱିକଙ୍କ ପାଇଁ ସ୍ମରଣୀୟ ବର୍ଷ। ଏହି ବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ଚେସ୍ ୱାର୍ଲ୍ଡ କପ୍ (୮-୧୨ ବର୍ଷରୁ କମ୍)ର ୮ ବର୍ଷରୁ କମ୍ ଓପନ ବର୍ଗରେ ବ୍ରୋଞ୍ଜ ପଦକ ଜିତି ସେ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ନଭେମ୍ବର ୧୫ରୁ ୨୬ ପର୍ଯ୍ୟନ୍ତ ଇଟାଲୀର ମୋଣ୍ଟେସିଲଭାନେରେ ଆୟୋଜିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍‌ର ୮ ବର୍ଷରୁ କମ୍ ବର୍ଗରେ ସେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଡ୍ଡୀଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ଟାଇବ୍ରେକ୍ ସ୍କୋରରେ ଡିଭିଥ୍ ଚାମ୍ପିୟନ ଓ ସାତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏବେ ହରିୟାଣାର ଗୁରଗାଁଓରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଟାଇଟଲ ହାସଲ କରି ଓଡ଼ିଶାର ବିଚକ୍ଷଣ ଚେସ୍ ପ୍ରତିଭାଙ୍କ କ୍ଲବରେ ନିଜକୁ ସାମିଲ କରାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ରଞ୍ଜନ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାତ୍ୱିକଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ଚେସ୍ ଚାମ୍ପିୟନ ହୋଇଥିବାରୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସାତ୍ୱିକଙ୍କ ନିକଟକୁ ଏବେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ବାଟ ଦେଖାଇଥିଲା କୋଭିଡ୍

କୋଭିଡ୍ ମହାମାରୀ ସମୟରେ ବାହାରକୁ ବାହାରିବାକୁ ନେଇ ଅନେକ କଟକଣା ରହିଥିଲା। ଏହି ସମୟ ଅନେକଙ୍କ ଜୀବନ ଦୁର୍ବିସହ କରିଥିବାବେଳେ ସାତ୍ୱିକଙ୍କୁ କିନ୍ତୁ ଚେସ୍ ବୋର୍ଡ ଧରିବାକୁ ବାଟ ଦେଖାଇଥିଲା। ଘରେ ବସି ଟିଭିରେ କାର୍ଟୁନ ଦେଖିବାରେ ସମୟ ଅତିବାହିତ କରୁଥିବାରୁ ମା' ସୋନମ ସରିତା ତାଙ୍କୁ ଚେସ୍ ଖେଳିବାକୁ ପ୍ରବର୍ତ୍ତାଇଥିଲେ। ମା'ଙ୍କ କଥାକୁ ଗ୍ରହଣ କରି ସାତ୍ୱିକ ଚେସ୍‌କୁ ଆପଣେଇଥିଲେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କିଛି ଜ୍ଞାନ ଆହରଣ କରିଥିଲେ। ମାତ୍ର ଏହା ଯେ ତାଙ୍କୁ ଦିନେ ଜାତୀୟ ଚାମ୍ପିୟନ କରାଇବ ତାହା କେବେ ଭାବି ନ ଥିଲେ। ମାତ୍ର ତୁଳସୀ ଦୁଇ ପତ୍ରରୁ ବାସିବାପରି ସାତ୍ୱିକଙ୍କ ପ୍ରତିଭା ମହକିଥିଲା। କିଙ୍ଗ୍ସ ଚେସ୍ ସେଣ୍ଟରରେ ସେ ଚେସ୍‌ର ମୌଳିକତା ଶିକ୍ଷା କରି ସଫଳତାର ସ୍ୱାଦ ଚାଖିଥିଲେ ଏବଂ ପରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ସଂସ୍ପର୍ଶରେ ଆସିବାପରେ ପ୍ରଦର୍ଶନକୁ ମାର୍ଜିତ କରି ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ସଫଳତା ହାସଲ କରିଥିଲେ। ତାଙ୍କୁ ବହୁ ଆଗକୁ ନେବାକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ସାତ୍ୱିକଙ୍କ ବାପା ସମ୍ବିତ ସ୍ୱାଇଁ।

## ୨୦୨୭ ସୁଦ୍ଧା ଆଇଏମ୍ ଲକ୍ଷ୍ୟ: ବିଶ୍ୱଜିତ୍

ପିଲାବେଳୁ ଘରୋ ମା'ଙ୍କ ନିକଟରୁ ଚେସ୍ ସମ୍ପର୍କରେ ଶିକ୍ଷା ପାଇଥିବା ସାତ୍ୱିକ କୋଭିଡ ସମୟରେ କିଙ୍ଗ୍ ଚେସ୍ ଏକାଡେମୀ କୋଚ୍ ବିଶ୍ୱଜିତ ରାୟଙ୍କ ନିକଟରୁ ଅନ୍‌ଲାଇନ୍‌ରେ କୋଚିଂ ନେଇଥିଲେ। ପରେ ୨୦୨୨ ସେପ୍ଟେମ୍ବରରୁ କିଙ୍ଗ୍ ଚେସ୍ ଏକାଡେମୀ ତାଙ୍କ ପ୍ରଶିକ୍ଷଣ କେନ୍ଦ୍ର ପାଲଟି ଯାଇଥିଲା। ସାତ୍ୱିକଙ୍କ ଖେଳ ଦେଖି ଦୂରଦ୍ରଷ୍ଟା କୋଚ୍ ବିଶ୍ୱଜିତ ପ୍ରଭାବିତ ହୋଇଥିଲେ ଏବଂ ଏହି ପ୍ରତିଭା ବହୁ ଆଗକୁ ଯିବେ ବୋଲି ଜାଣି ପାରିଥିଲେ। ଏବେ ସାତ୍ୱିକ ଯେପରି ଖେଳୁଛନ୍ତି ଯଦି ତାହା ଜାରିରୁହେ ତେବେ ୨୦୨୭ ବେଳକୁ ୧୧ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିପାରିବେ ବୋଲି ପୂର୍ବାନୁମାନ କରୁଛନ୍ତି ବିଶ୍ୱଜିତ। ତେବେ ଏଥିପାଇଁ ସାତ୍ୱିକଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଦେଶ/ବିଦେଶରେ ଅନେକ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଅଧୁରା ସ୍ୱପ୍ନ ପୂରଣ କରିବାକୁ ଚାହେଁ: ଦେବାଶିଷ

"୨୦୨୩ ଡିସେମ୍ବର ୮ରେ ସାତ୍ୱିକ ମୋ ନିକଟକୁ ଆସିଥିଲେ। ସେବେଠାରୁ ମୋ ସହ ଅଛନ୍ତି। ସେତେବେଳେ ତାଙ୍କ ରେଟିଂଥିଲା ୧୨୩୦। ଏବେ ତାଙ୍କ ରେଟିଂ ୧୯୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ସେ ଜଣେ କ୍ୱାଲିଟି ଖେଳାଳି। ମୁଁ ସାଧାରଣତଃ ମୋ ଛାତ୍ର ମାନଙ୍କ ସହ ଫଟୋ ନେଇ ନ ଥାଏ। ମାତ୍ର ସାତ୍ୱିକଙ୍କୁ ଯେବେ ପ୍ରଥମେ ଦେଖିଲି ତାଙ୍କସହ ଫଟୋ ଉଠାଇବାକୁ ଇଚ୍ଛାହେଲା। ଏ ପିଲା ଦିନେ ବହୁ ଆଗକୁ ଯିବ ବୋଲି ମୋର ଅନୁଭବ ହୋଇଥିଲା। ଏବେ ତାହା ସତ ହେବାକୁ ଲାଗିଛି। ୧୩ ବର୍ଷରେ ମୁଁ ଆର.ବି. ରମେଶଙ୍କଠାରୁ ଗ୍ରାଣ୍ଡମାଷ୍ଟର ଟ୍ରେନିଂ ନେବା ଆରମ୍ଭ କରିଥିଲି। ଆର୍ଥିକ ସଙ୍କଟରୁ ଆରମ୍ଭକରି ସେତେବେଳେ ମୁଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲି। ତେବେ ଜୀବନରେ ଅନେକକିଛି ହାସଲ କରିଛି ଏବଂ ଆହୁରି ଅନେକ ବାକି ରହିଛି। ମୁଁ ସେତେବେଳେ ଖେଳରେ ଯେଉଁ ତ୍ରୁଟି କରିଥିଲି ତାହା ସାତ୍ୱିକଙ୍କ ଖେଳରେ ସୁଧାରିବାକୁ ଚେଷ୍ଟା କରୁଛି। ସାତ୍ୱିକଙ୍କ ମାଧ୍ୟମରେ ମୁଁ ମୋ ମନର ଅଭିଳାଷ ପୂରଣ ସହ ଅଧୁରା ସ୍ୱପ୍ନକୁ ସାର୍ଥକ କରିବାକୁ ଚାହେଁ। ସେ ୧୪ ବର୍ଷରେ ଗ୍ରାଣ୍ଡମାଷ୍ଟର ହୁଅନ୍ତୁ ଏବଂ ୧୮ ବର୍ଷ ବେଳକୁ ତାଙ୍କ ରେଟିଂ ୨୭୦୦ ସ୍ପର୍ଶ କରୁବୋଲି ମୁଁ ଚାହୁଁଛି। ତାଙ୍କୁ ଏବେ ସରକାରୀ ଏବଂ ବେସରକାରୀ ସ୍ତରରୁ ସପୋର୍ଟ ଆବଶ୍ୟକ ହେଉଛି। କୌଣସି ନିର୍ଦ୍ଦିଷ୍ଟ ଗେମ୍‌ରେ ସୁଧାର ନୁହେଁ ବରଂ ତାଙ୍କୁ ଜଣେ କମ୍ପ୍ଲିଟ୍ ଚେସ ଖେଳାଳିଭାବେ ପରିଣତ କରିବାକୁ ମୋର ଇଚ୍ଛା ଅଛି" ବୋଲି ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପ୍ରକାଶ କରିଛନ୍ତି।



କୋଚ୍ ବିଶ୍ୱଜିତ ରାୟ ଓ ଦେବାଶିଷ ଦାସଙ୍କ ସହ ସାତ୍ୱିକ।

# ଆଶାରେ ସମ୍ବିତ୍

ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ହାଇଦ୍ରାବାଦ୍ ହିରୋଜ୍ ପକ୍ଷରୁ ଖେଳିଥିବା ସମ୍ବିତ୍ ପ୍ରଧାନ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଅନେକ ବିଦେଶୀ ଓ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସେ ଦଳର ନିୟମିତ ସଦସ୍ୟ ଥିଲେ...

ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ(ଆର୍‌ପିଏଲ୍)ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବିତ ପ୍ରଧାନ ଅନ୍ୟତମ। ସମ୍ବିତ ସାମିଲଥିବା ହାଇଦ୍ରାବାଦ୍ ହିରୋଜ୍ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ଦଳର ସଫଳ ପ୍ରଦର୍ଶନ ପଛରେ ଜୋଜି ନାସୋଭା, କେଭିନ ୱେକେସା, ଟେରିଓ ଟାମାନିଙ୍କ ଭଳି ବିଦେଶୀ ମାର୍କା ଖେଳାଳିଙ୍କ ସହ ଜାଭେଦ ହୁସେନ ଓ ସୁକୁମାର ହେମ୍ବ୍ରମ୍‌ଙ୍କ ଭଳି ଭାରତୀୟ ଖେଳାଳିଙ୍କ ଅବଦାନ ମଧ୍ୟ ରହିଥିଲା। ଫରୱାର୍ଡ ସମ୍ବିତ୍ ପ୍ରଧାନ ଦଳର ନିୟମିତ ଖେଳାଳି ପାଲଟିଥିଲେ। ଦଳ ପାଇଁ ସେ ସମସ୍ତ ମ୍ୟାଚ୍ ଖେଳିଥିଲେ।

ଦଳର ଲକର ରୁମ୍ ପରିବେଶ ସମ୍ପର୍କରେ ସମ୍ବିତ୍ କହିଛନ୍ତି, ଆମ ଦଳ ମଧ୍ୟରେ ଖୁବ୍ ଭଲ ପରିବେଶ ରହିଥିଲା। ଆମେ ଯଦିଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଠାରୁ ପରାଜିତ ହୋଇଥିଲୁ ତେବେ କେହି ଆମ ଭୁଲ୍‌କୁ ଧରି ନଥିେ କିମ୍ବା ପରାଜୟ ଲାଗି କାହାକୁ ଦାୟୀ କରି ନ ଥିଲେ। ଏପରିକି ଆମ କୋଚ୍ ଡିଜେ ଫୋର୍ବ୍ସ ଆମ ମନୋବଳକୁ ଉପରେ ରଖିବା ପାଇଁ ବର୍ଗର ପାର୍ଟି ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଲାଗି ଆମ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲୁ। ଆର୍‌ପିଏଲ୍ ଯୋଗୁ ଭାରତୀୟ ଖେଳାଳିଙ୍କ ଉପରେ ବିଦେଶୀ ଖେଳାଳିଙ୍କ ପ୍ରଭାବ ସମ୍ପର୍କରେ ସେ ପ୍ରକାଶ କରି କହିଛନ୍ତି ମୁଁ କଦାପି ଚିନ୍ତା କରି ନ ଥିଲି ଯେ, ମୁଁ ଏବେ ବଡ଼ ବଡ଼ ଅନ୍ତର୍ଜାତୀୟ ରଗ୍‌ବୀ ଷ୍ଟାରଙ୍କ ସହ ଖେଳିବି। ସେମାନଙ୍କୁ ମୁଁ ପୂର୍ବରୁ କେବଳ ଟିଭିରେ ଦେଖିଥିଲି। ଟେକ୍‌ନିକାଲି ସେମାନେ ବହୁତ ଭଲ। ସେମାନେ ସର୍ବଦା ନିଜ ବେସିକ୍ ଉପରେ ଧ୍ୟାନ ଦିଅନ୍ତି। ମ୍ୟାଚ୍ ଖେଳିଲାବେଳେ ସେମାନେ ଖୁବ୍ ଶାନ୍ତ ରୁହନ୍ତି। ଏଣୁ ସେମାନେ ଭୟଭୀତ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନଙ୍କର ଭୁଲ୍ କମ୍ ହୁଏ। ଆମେ ଭାରତୀୟ ଖେଳାଳିମାନେ ନିଜ ତ୍ରୁଟିକୁ ଯଥାସମ୍ଭବ କମ୍ କରିବାକୁ ଚେଷ୍ଟା କରୁଛୁ। ଆମକୁ ଶୀର୍ଷସ୍ତରର ଖେଳ ପ୍ରଦର୍ଶନ କରିବା ଦରକାର। ସେ ପୁଣି ଆର୍‌ପିଏଲ୍ ସମ୍ପର୍କରେ କହିଛନ୍ତି, ଆଗାମୀ ୩ରୁ ୪ ବର୍ଷରେ ଆର୍‌ପିଏଲ୍ ଯୋଗୁ ନୂଆ ଭାରତୀୟ ଖେଳାଳି ଆଗକୁ ଆସିବେ। ଏହି ଲିଗ୍ ଜରିଆରେ ସେମାନେ ନିଜ ସ୍କିଲ ସୁଧାରିବେ ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶିତ କରିବେ। ଯେମିତି ମୋ ସାଥୀ ଖେଳାଳି ଜାଭେଦ ହୁସେନ ଖୁବ୍ ଭଲ କରୁଛନ୍ତି ଏବଂ ନିଜ ପ୍ରଦର୍ଶନ ବଳରେ ଲୋକପ୍ରିୟତା ହାସଲ କରିଛନ୍ତି। ଏପରି ଆହୁରି ଅନେକ ଖେଳାଳି ଲୋକଲୋଚନକୁ ଆସିବେ।

୨୭ ବର୍ଷୀୟ ସମ୍ବିତ୍‌ଙ୍କ ଘର କଟକ ଜିଲା ଅଡଶପୁର। ସେ ଏକ ଚାଷୀ ପରିବାରରୁ ଆସିଛନ୍ତି। ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ପଢ଼ିବା ବେଳେ ରଗ୍‌ବୀ ସହ ପରିଚିତ ହୋଇଥିଲେ। ଏଠାରୁ ତାଙ୍କ ରଗ୍‌ବୀ ଅଭିଯାନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, କଲେଜରେ ଜଣେ ସିନିୟର ମୋତେ ରଗ୍‌ବୀ ଖେଳିବାକୁ କହିଥିଲେ। ମୁଁ ଇଚ୍ଛୁକ ନ ଥିଲି। କିନ୍ତୁ ସେ ମୋତେ କହିଥିଲେ ଯେ, ତୁମକୁ ଷ୍ଟାଡିୟମରେ ଖେଳିବାକୁ ମିଳିବ। ଏହା ମୋ ଉତ୍ସାହ ବଢ଼ାଇ ଦେଇଥିଲା। କାରଣ ମୁଁ ପୂର୍ବରୁ କୌଣସି ଷ୍ଟାଡିୟମରେ କୌଣସି ପ୍ରକାର ଖେଳ ଖେଳି ନ ଥିଲି। ଏମିତି ମୁଁ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏହାପରେ ମୁଁ ଓଡ଼ିଶା ପାଇଁ ଜାତୀୟ ସିନିୟର ସ୍ତରରେ ଖେଳିଥିଲି ଏବଂ ମୋ ରଗ୍‌ବୀ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୫ରେ ମୁଁ ଜାତୀୟ ସିନିୟର ପ୍ରତିଯୋଗିତା ଲାଗି ବିହାର ଯାଇଥିଲି, ଯେଉଁଠାରେ ମୁଁ ନିଜ ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲି। ମୋ ଦଳରେ ମୁଁ ସବୁଠୁ ଯୁବ ଖେଳାଳି ଥିଲି ଏବଂ ନିଜକୁ ପ୍ରମାଣିତ କରିବାକୁ ଚାହୁଁଥିଲି। ସମ୍ବିତ୍ ନିଜ ରାଜ୍ୟ ଓ କ୍ଲବ ପାଇଁ ନିୟମିତ ଭାବେ ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ୨୦୧୯ରେ ସେ ଆହତ ହୋଇଥିଲେ। ଏଥିଯୋଗୁ ୩ ବର୍ଷ ତାଙ୍କୁ ରଗ୍‌ବୀଠାରୁ ଦୂରେଇ ରହିବାକୁ ପଡ଼ିଥିଲା। 'ମୁଁ ଅମ୍ରିତ୍‌ସରରେ ଏକ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବା ବେଳେ ମୋ ହାତ ଭାଙ୍ଗିଯାଇଥିଲା। ଏଥିଯୋଗୁ ମୋତେ ୩ ବର୍ଷ ଖେଳଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ମୋର ସରକାରୀ ହସ୍ପିଟାଲରେ ଅପରେଶନ କରାଯାଇଥିଲା। ମୁଁ ପୁଣି ଥରେ ରଗ୍‌ବୀ ଖେଳିପାରିବି କି ନାହିଁ ଚିନ୍ତାରେ ଥିଲି। କିନ୍ତୁ ମୁଁ ରଗ୍‌ବୀ ଖେଳିବା ଜାରି ରଖିପାରିବି ବୋଲି ମୋତେ ଡାକ୍ତରମାନେ ଆଶ୍ୱାସନା ଦେଇଥିଲେ, ଯାହାକି ମୋ ଆତ୍ମବିଶ୍ୱାସ ବଢ଼ାଇଥିଲା। ଏହାପରେ ମୁଁ ଏକ ସ୍କୁଲରେ ପାର୍ଟଟାଇମ୍ ଜବ୍ କରିବା ସହ ମୋ ରିକଭରି ଉପରେ କଠିନ ପରିଶ୍ରମ କରିଥିଲି। ସେହି ସ୍କୁଲରେ ପିଲାମାନଙ୍କୁ ମୁଁ ବିଭିନ୍ନ ଖେଳ ସମ୍ପର୍କରେ ଶିଖାଉଥିଲି। ୨୦୨୨ରେ ମୁଁ ପୁଣି ଥରେ ଭୁବନେଶ୍ୱର ରଗ୍‌ବୀ କ୍ଲବ ପାଇଁ ଖେଳିବା ଆରମ୍ଭ କରିଥିଲି, ଯାହାଫଳରେ ମୁଁ ଆଜି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।



## ସ୍ମରଣୀୟ

ବିଗ୍ ଉଇକେଟ ଡକେଟ ପଛକୁ
ହ୍ୟାରୀ ଉଇକେଟ ନେଇ
ଶାର୍ଦ୍ଦୂଳ ଠାକୁର ବ୍ରେକ୍ ଥ୍ରୁ ଗିଲ୍‌ର
ମନ ଟାଣ କଲା ଭାଇ
ଜେମି, ରୁଟ୍ ଦେଲେ ଥୋଇ
ଟାମ୍ବ ମାରି ଡ୍ୟାମ୍ବ କଲେ, ଇଂଲଣ୍ଡକୁ
ସ୍ମରଣୀୟ ୱିନ୍ ଦେଇ।

ବାଇଶ ବର୍ଷୀୟ ଆମ ତିଳକ ବର୍ମା
ହାମ୍ପଶାୟାର ପାଇଁ ଖେଳି
କାଉଣ୍ଟି ଚାମ୍ପିୟନଶିପ୍
ପଦାର୍ପଣ ମ୍ୟାଚରେ
ଶହେ କଲା ମାର ତାଳି
ଇଏ ସ୍ମରଣୀୟ ପାଳି
ଚାରି ଦିନିକିଆ ପଚିଶ ଟିଡ୍ଡେଣ୍ଟି
ଖେଳି ଟୋକା ଯାଏ ଜଳି।



ନ' ବର୍ଷରୁ କମ୍ ଜାତୀୟ ଓପନ ଚେସ୍
ଓଡ଼ିଶା ସାତ୍ୱିକ ସ୍ୱାଇଁ
ତିନିଶ ଥରର ଖେଳାଳିଙ୍କୁ କାଟି
ଚାମ୍ପିୟନ ଏଇ କଇଁ
ଡିଜିଟାଲ ପଛେ ଧାଇଁ
କିଶୋର ଏଣ୍ଡ ୟୁଥ୍ ଫ୍ୟୁଚର ଡ୍ୟାମେଜ
ମୋବାଇଲ ଚାହିଁ ଚାହିଁ।

–ସୁବାସ ଚନ୍ଦ୍ର ପ୍ରଧାନ

# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସ୍ଆଇ

ତାଳଚେର, ୩।୭(ମନୋଜ ନନ୍ଦ)

ଏକ ମାମଲାରେ ଥାନାରୁ ବେଲ୍ କରାଇ ଦେବାକୁ କହି ଜଣେ ଅଭିଯୁକ୍ତଙ୍କ ଠାରୁ ୩ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଜିଲା ତାଳଚେର ଥାନା ଏଏସ୍ଆଇ ଧରଣୀଧର ନାଥ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଜନ୍ଦାବାହାଲ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତାଙ୍କଠାରୁ ଗତ ଏପ୍ରିଲ ମାସରେ ୪ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ବେଲ୍ କରାଇଦେବାକୁ କହି ଏଏସ୍ଆଇ ଧରଣୀଧର ଅଭିଯୁକ୍ତ ପ୍ରୀତିରଞ୍ଜନଙ୍କୁ ୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ କେମିକାଲ ବୋଳା ଟଙ୍କା ପ୍ରୀତିରଞ୍ଜନଙ୍କୁ ଦିଆଯିବା ସହ ଥାନା ନିକଟରେ ଅଧିକାରୀମାନେ ଜଗି ରହିଥିଲେ। ପ୍ରୀତିରଞ୍ଜନ ଉକ୍ତ ଟଙ୍କା ଏଏସ୍ଆଇ ଧରଣୀଧରଙ୍କୁ ଦେବାପରେ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ୍ ଏଏସ୍ଆଇଙ୍କୁ ଧରି ପକାଇଥିଲା। ଏହାପରେ ଛେଣ୍ଡିପଦା ଖମାର ଅଞ୍ଚଳରେ ଥିବା ଧରଣୀଧରଙ୍କ ପୈତୃକ ଘର ଏବଂ ତାଳଚେର ହାଣ୍ଡିଧୁଆଁସ୍ଥିତ ଭଡ଼ା ଘରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ କଟକ ଏବଂ ଅନୁଗୋଳ ଭିଜିଲାନ୍ସ ବିଭାଗର ୧୧ ଜଣିଆ ଟିମ୍ ସାମିଲ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ, କଟକ ଭିଜିଲାନ୍ସ ପକ୍ଷରୁ ପିଏସ୍ ନଂ. ୧୮/୨୦୨୫ରେ ଏକ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତ ଏଏସ୍ଆଇଙ୍କ ବିରୋଧରେ ତଦନ୍ତ ଜାରି ରହିଛି ଓ ବିସ୍ତୃତ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।


ଭିଜିଲାନ୍ସ ହେପାଜତରେ ତାଳଚେର ଥାନା ଏଏସ୍ଆଇ।

# ଘରୁ ନାଗ ସାପ ଉଦ୍ଧାର

**ବଇଣ୍ଡା, ୩।୭(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗୋବିନ୍ଦପୁର ଗ୍ରାମର ଆରତ ସାହୁଙ୍କ ଘରୁ ଗୁରୁବାର ଏକ ନାଗ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସାପଟି ବାହାରୁ ଘର ଭିତରକୁ ଆସୁଥିବା ଦେଖି ଆରତ ଓ ପରିବାର ଲୋକେ ବାହାରକୁ ପଳାଇ ଆସିଥିଲେ। ଏଥିସହ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ଆରତଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡ଼ିଦେଇଥିଲେ।

# ଚାଳକ ଗିରଫ, ବାଇକ୍ ଜବତ

**ବଇଣ୍ଡା, ୩।୭(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଠାକୁରଗଡ଼ ପୋଲିସ ବୁଧବାର ରାତିରେ ଠାକୁରଗଡ଼ ଥାନା ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କୁତୁଲିସିଙ୍ଗା ଗ୍ରାମର ଦିଲୀପ କୁମାର ସାହୁଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ପୋଲିସ କହିଛି, ଦିଲୀପ ମଦ୍ୟପାନ କରି ଦ୍ରୁତଗତିରେ ବାଇକ୍ ଚଲାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।

# ଯୁବତୀଙ୍କୁ ବ୍ଲାକମେଲିଂ, ଯୁବକ ଅଟକ

ବଅଁରପାଳ,୩।୭ (ସୁବାସ ସାହୁ)

ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଏବଂ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ, ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇ ମୋଟା ଅଙ୍କର ଅର୍ଥ ଦାବି କରାଯାଇଥିବା ଅନୁଗୋଳ ଜିଲା ନାଲ୍‌କୋ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କୁ ଥାନାରେ ଅଟକ ରଖି ପଚାରଉଚରା କରାଯାଉଛି। ପୋଲିସ କହିଛି, ତାଳଚେର ଥାନା ଅଞ୍ଚଳରେ ରହୁଥିବା ପରଜଙ୍ଗ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବକ ବିକ୍ରମପୁର ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କୁ ପ୍ରେମ କରୁଥିଲେ। ଏଥିସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ, ଫଟୋ ଉତ୍ତୋଳନ କରିଥିଲେ। ପରେ ଦୁହିଁଙ୍କ ସମ୍ପର୍କରେ ଫାଟ ଦେଖାଦେବା ପରେ ଯୁବକ ଜଣକ ଯୁବତୀଙ୍କ ଭଡା ଘରକୁ ଆସି ମାରପିଟ କରିଥିଲେ। ତାଙ୍କ ସହିତ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ସମ୍ପର୍କ ନ ରଖିଲେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ, ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେବା ସହିତ ୫୦ ହଜାର ଟଙ୍କା ଦାବି କରିଥିଲେ।

# ରଥଯାତ୍ରାରେ ପଡ଼ିଲାନି ଅସ୍ଥାୟୀ ବଜାର

ବଅଁରପାଳ, ୩।୭(ସୁବାସ ସାହୁ)



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ନଗରଠାରେ ଥିବା ଦିବ୍ୟଶ୍ୱେତକ୍ଷେତ୍ର ଜଗନ୍ନାଥ ମନ୍ଦିର ପାଖରେ ପ୍ରତିବର୍ଷ ରଥଯାତ୍ରା ବେଳେ ଅସ୍ଥାୟୀ ବଜାର ପଡୁଥିବାବେଳେ ଚଳିତବର୍ଷ ତାହା ହୋଇପାରି ନାହିଁ। ଏହା ଅନେକ ଲୋକଙ୍କୁ ନିରାଶ କରିଛି। ସୂଚନା ଅନୁଯାୟୀ, ରଥଯାତ୍ରା ଠାରୁ ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ନାଲ୍‌କୋ ନଗରକୁ ଉତ୍ସବ ମୁଖର କରିଥାଏ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିବର୍ଷ ଅସ୍ଥାୟୀ ବଜାର ପକାଇବାକୁ ଅନୁମତି ମିଳିଥାଏ। କିନ୍ତୁ ଚଳିତବର୍ଷ ୩୨ତମ ରଥଯାତ୍ରା ସମୟରେ ଏହି ଅସ୍ଥାୟୀ ଦୋକାନ, ଭୋଗ ଦୋକାନ, ମିନାବଜାର ଆଦି କିଛି ପଡି ନ ଥିବାରୁ ଶ୍ରଦ୍ଧାଳୁ ତଥା ଲୋକଙ୍କ ମଧ୍ୟରେ ଉତ୍କଣ୍ଠା କମି ଯାଇଥିବା କୁହାଯାଉଛି। ୧୦ ଦିନ ବ୍ୟାପୀ ହେଉଥିବା ଏହି ଉତ୍ସବ ଖାଁ ଖାଁ ଲାଗୁଛି। ଶ୍ରଦ୍ଧାଳୁମାନେ ଘରୁ ଧୂପଦୀପ ଭୋଗ ଆଣି ଦିଅଁ ଦର୍ଶନସାରି ସଙ୍ଗେ ସଙ୍ଗେ ଫେରିଯାଉଛନ୍ତି। ଦୋକାନ ବଜାରଟିଏ ନ ଥିବାରୁ ରଥଯାତ୍ରା ଉତ୍ସବ ଅନେକଙ୍କୁ ନିରସ ଲାଗୁଛି। ଚଳିତବର୍ଷ ରଥଯାତ୍ରା ସମୟରେ ଅସ୍ଥାୟୀ ବଜାର ନିର୍ମାଣ ପାଇଁ ଟେଣ୍ଟ ହାଉସ ମାଲିକ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଟେଣ୍ଟ ହାଉସ କାମ ପାଇଁ ଟେଣ୍ଡର ଆହ୍ୱାନ କରାଗଲା ନାହିଁ ବୋଲି ଆଲୋଚନା ହେଉଛି। ଏଥିସହ ଖୋର୍ଦ୍ଧା ଜିଲା ଜଟଣୀରୁ ଆଣିବାକୁ ହୋଇଥିବା ଟେଣ୍ଟ ହାଉସ ଯୋଜନା ମଧ୍ୟ ଫେଲ୍ ମାରିଛି। ଫଳରେ ଚଳିତବର୍ଷ ମନ୍ଦିରକୁ ଆର୍ଥିକ ସହାୟତା ବିଗତ ବର୍ଷ ତୁଳନାରେ ୨ଗୁଣ କରିବାକୁ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଦୃଢୋକ୍ତି ପ୍ରକାଶ କରିଥିବା ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଅସ୍ଥାୟୀ ବଜାରରୁ ଟଙ୍କାଟିଏ ବି ମନ୍ଦିର ପାଣ୍ଠିକୁ ମିଳିବ ନାହିଁ। ଅସ୍ଥାୟୀ ବଜାର ନ ପଡିବାରୁ ବେପାର ବଣିଜ ବନ୍ଦ ହେବା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ବୋଲେରୋ ଧକ୍କାରେ ଜଣେ ମୃତ

ବଇଣ୍ଡା,୩।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବିଡିସିଙ୍ଗ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ବିଡିସିଙ୍ଗ ଗ୍ରାମର ଜ୍ଞାନେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ଜ୍ଞାନେନ୍ଦ୍ର ଚାଲିଚାଲି ଘରକୁ ଯାଉଥିବାବେଳେ ପଛପଟରୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ହଣ୍ଡପା ପୋଲିସ ମୃତଦେହକୁ ଜବତ କରି ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋ ସହ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

# ସ୍ତ୍ରୀଙ୍କୁ ବାପଘରେ ଛାଡ଼ି ସ୍ୱାମୀ ଫେରାର ଅଭିଯୋଗ

ବଇଣ୍ଡା,୩।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ନବବିବାହିତା ମହିଳାଙ୍କୁ ବାପଘରେ ଛାଡ଼ି ତାଙ୍କ ସ୍ୱାମୀ ଜୟନ୍ତ ନାୟକ ରାଜ୍ୟ ବାହାରକୁ ପଳାଇ ଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୮୮/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଆଠମଲ୍ଲିକ ଥାନା ନଅଗାଁ ଗ୍ରାମର ଜୟନ୍ତ ନାୟକ କିଛି ମାସତଳେ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ପରେ ତାଙ୍କୁ ଗତ ମେ ମାସରେ ତାମିଲନାଡୁସ୍ଥିତ ଅପାଙ୍କ ଘରକୁ ନେଇ ସେଠାକାର ଶିବ ମନ୍ଦିରରେ ବିବାହ କରିଥିଲେ। ପରେ ଆଠମଲ୍ଲିକ କୋର୍ଟରେ ମଧ୍ୟ ବିବାହ କରିଥିଲେ। ହେଲେ କିଛିଦିନ ହେବ ଜୟନ୍ତ ସ୍ତ୍ରୀଙ୍କୁ ଆଣି ତାଙ୍କ ବାପଘରେ ଛାଡି ରାଜ୍ୟ ବାହାରକୁ ପଳାଇଯାଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି।

# ଦୁର୍ଗାପୁର ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଉଦ୍ୟମ




ଛେଣ୍ଡିପଦା,୩।୭(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁରସ୍ଥିତ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ଝରକା ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଝରକା ଖୋଲାଥିବା ଓ ଭିତର ପରିସ୍ଥିତି ଦେଖି ଚୋରି ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ବ୍ୟାଙ୍କ ଶାଖା ପରିଚାଳକ ଓ କର୍ମଚାରୀ ପହଞ୍ଚି ଝରକା ଭାଙ୍ଗି ଭିତରକୁ କେହି ପଶିଥିବା ଦେଖିବାକୁ ପାଇଥିଲେ। ଏ ନେଇ ବ୍ୟାଙ୍କ ପରିଚାଳକ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରିଥିଲା। ଅନୁଗୋଳ ଏସ୍‌ପି ରାହୁଲ ଜୈନ ପହଞ୍ଚି ଅନୁଧ୍ୟାନ କରିଥିଲେ। ଦୁର୍ବୃତ୍ତମାନେ ବ୍ୟାଙ୍କର ଝରକା ଗ୍ରିଲ୍‌କୁ ଗ୍ୟାସ କଟର ସାହାଯ୍ୟରେ କାଟି ଭିତରକୁ ପଶିଥିଲାବେଳେ କୌଣସି ସାଇରନ୍ ବାଜି ନ ଥିଲା। ଫଳରେ ସ୍ଥାନୀୟଲୋକେ ଚୋରି ବିଷୟରେ କିଛି ଜାଣିପାରି ନ ଥିଲେ। ଏ ନେଇ ଜରପଡା ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା ବୋଲି ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

# ଠାକୁରଗଡ଼ ଭାଜପା ମଣ୍ଡଳ ପକ୍ଷରୁ ଚାରାରୋପଣ

ବଇଣ୍ଡା,୩।୭(ପରିକ୍ଷିତ ସାହୁ)




ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଷୋଳପଦା ଅଞ୍ଚଳର ଠାକୁରଗଡ଼ ଭାଜପା ମଣ୍ଡଳ ସକ୍ରିୟ ସଭ୍ୟମାନଙ୍କ ପକ୍ଷରୁ ଗୁରୁବାର ଠାକୁରଗଡ଼ ସରସ୍ୱତୀ ଶିଶୁ ମନ୍ଦିର ଓ ଦୀନବନ୍ଧୁପୁର ଗ୍ରାମ ଖେଳ ପଡ଼ିଆ ପରିସରରେ ୨୦୦ ଶହରୁ ଊର୍ଦ୍ଧ୍ୱ ଚାରରୋପଣ କରାଯାଇଛି। ଜିଲା ଉପସଭାପତି ଅର୍ଜୁନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚରାରୋପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଠାକୁରଗଡ଼ ଭାଜପା ମଣ୍ଡଳ ସଭାପତି ସୁଜିତ୍ କୁମାର ଦେହୁରୀ, ଚୈତନ୍ୟ ସାହୁ, ରଘୁନାଥ ରଣା, ଧଣ୍ଡାତୋପା ବନପାଳ ଗୌରଚନ୍ଦ୍ର ଦନ୍ତା, ବନରକ୍ଷୀ ଆନନ୍ଦିତା ଦାସ, ରଞ୍ଜିତ କୁମାର ଧଳ, ନବ କୁମାର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ, ସ୍ନେହଲତା ପ୍ରଧାନ, ଦୀପ୍ତିମୟୀ ପଟ୍ଟନାୟକ ସହିତ ସମସ୍ତ ଗୁରୁମା ଗୁରୁଜୀ, ଦୁଃଶାସନ ନାୟକ, ଅଜିତ କୁମାର ମିଶ୍ର, ପୂର୍ବ ମଣ୍ଡଳ ସଭାପତି, ଦୁଃଶାସନ ନାୟକ, ତ୍ରିପୁର ପ୍ରଧାନ, ଗଙ୍ଗାଧର ସାହୁ, ମିଲୁ ପ୍ରଧାନ, କୃଷ୍ଣଚନ୍ଦ୍ର ଭୋଇ, ସୁମନ ଭୋଇ, ବୁଲୁ ଭୋଇ, ମନୋଜ କୁମାର ସାହୁ, ଦିବ୍ୟରଞ୍ଜନ ସାହୁ, ଲକ୍ଷ୍ମଣ କୁମାର ସାହୁ, ଚନ୍ଦ୍ରମଣି ସାହୁ, ବାବୁଲି ବେହେରା, କାଳନ୍ଦୀ ଭୋଇ, ଆଦିତ୍ୟ କୁମାର ସେଠୀ, ନାରାୟଣ ପ୍ରଧାନ, ବିଷ୍ଣୁ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ମାଝୀ, ଜନ୍ମେଶ୍ୱର ସାହୁ, ରୋହିତ କୁମାର ସାହୁ, ପ୍ରଣବ ମିଶ୍ର, ଦୁଃଖବନ୍ଧୁ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।




ଅନୁଗୋଳ ମାଉସୀ ମା' ମନ୍ଦିରରେ ଠାକୁରଙ୍କ ରାମ ପର୍ଶୁରାମ ବେଶ। (ଫଟୋ- ବୁବୁ)। ନାଲ୍‌କୋ ମାଉସୀ ମା' ମନ୍ଦିରରେ ନବାଙ୍କ ବେଶ। ଆଠମଲ୍ଲିକ ମାଉସୀ ମା' ମନ୍ଦିରରେ ବୁଦ୍ଧ ଅବତାର।


## ଓଡ଼ିଶା ସରକାର

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

### ଘୋଷଣା

**File No. 1376/2025** **Date: 14.05.2025**

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମେନ୍ତ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.malkangiri.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଯଜପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: ମାଲକାନଗିରି** **ତହସିଲ: ମାଥିଲି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

### ଭୂମି ଅନୁସୂଚୀ
**ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଳନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମଡୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/ ୧୬୦ | ୧୭୯୬/ ୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/ ୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/ ୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/ ୩୦୯ | ୧୮୩୫/ ୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୩୦୯ | ୧୮୩୭/ ୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୫୪୮ | ୧୮୩୫/ ୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/ ୫୪୮ | ୧୮୩୬/ ୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | **୪୩.୪୨୮** | **୧୫.୭୨୬** | | |

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା-ମାଲକାନଗିରି** **ତହସିଲ-ମାଥିଲି**

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ- ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ**

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**OIPR-24074/14/0017/2526** **ସ୍ୱା./-ଜିଲ୍ଲାପାଳ,ମାଲକାନଗିରି**

**ଦିଲ୍ଲୀ ଏମ୍ସ ଟ୍ରମା ସେଣ୍ଟର ନିକଟରେ ଅଗ୍ନିକାଣ୍ଡ**

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଟ୍ରମା ସେଣ୍ଟର ନିକଟରେ ଥିବା ଟ୍ରାନ୍ସଫର୍ମର ଗୁରୁବାର ଅପରାହ୍ନରେ ବିସ୍ଫୋରଣ ହେବାରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇ ନ ଥିବା ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ୮ଟି ଦମକଳ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମାଲିରେ ୩ ଭାରତୀୟ ଅପହୃତ

**ତୁରନ୍ତ ମୁକ୍ତ କରିବାକୁ ଭାରତର ନିବେଦନ**

ନୂଆଦିଲ୍ଲୀ,୩।୭

ମାଲିର କାୟେସ ସହରରେ ଥିବା ଡାଇମଣ୍ଡ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ୩ ଜଣ ଭାରତୀୟଙ୍କୁ ସଶସ୍ତ୍ର ଉଗ୍ରପନ୍ଥୀମାନେ ଅପହରଣ କରିନେଇଛନ୍ତି। ଗତ ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଭାରତ ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ମୁକ୍ତ କରିବା ଦିଗରେ ମାଲି ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିବେଦନ କରାଯାଇଛି। ପଶ୍ଚିମ ଏବଂ କେନ୍ଦ୍ରୀୟ ମାଲିରେ ସୈନ୍ୟବାହିନୀ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ସମନ୍ୱିତ ଆତଙ୍କବାଦୀ ଆକ୍ରମଣ ଜାରି ରହିଥିବାବେଳେ ଅଜଣା ସଶସ୍ତ୍ର ଆକ୍ରମଣକାରୀମାନେ କାରଖାନା ପରିସରରେ ଧସେଇ ପଶି କର୍ମଚାରୀମାନଙ୍କୁ ଅପହରଣ କରିନେଇଥିଲେ। ଭାରତ ସରକାର ଏହାର ନିନ୍ଦା କରିବା ସହ ରିପବ୍ଲିକ୍ ଅଫ୍ ମାଲି ସରକାର ସେମାନଙ୍କୁ ସୁରକ୍ଷିତ ମୁକ୍ତି ପାଇଁ ସମସ୍ତ ଜରୁରୀ ପଦକ୍ଷେପ ନେବା ଲାଗି ନିବେଦନ କରିଛନ୍ତି। ରାଜଧାନୀ ବମାକୋରେ ଥିବା ଭାରତୀୟ ଦୂତାବାସ ଅପହୃତମାନଙ୍କ ମୁକ୍ତିପାଇଁ ମାଲି ସରକାର, ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଡାଇମଣ୍ଡ କାରଖାନାର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛି।

### ମୋଦିଙ୍କୁ ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରୁଛନ୍ତି।

ଆକ୍ରା, ୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଅଫ୍ ଘାନା'ରେ ସମ୍ମାନୀତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୪ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିଛି। ତାଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଘାନାର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ମୋଦି କହିଛନ୍ତି, ଏହି ସମ୍ମାନକୁ ସେ ଦେଶର ୧୪୦ କୋଟି ଜନସାଧାରଣଙ୍କୁ ସମର୍ପିତ କରୁଛନ୍ତି। ଗୁରୁବାର ଆକ୍ରାଠାରେ ଭାରତ ଏବଂ ଘାନା ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପର ସହ ୪ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି।



### ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ଦେଇଥିବା ଆହ୍ୱାନକୁ ଇସ୍ରାଏଲ୍ ଅମାନ୍ୟ କରି ଆକ୍ରମଣ ଜାରି ରଖିଛି। ଇସ୍ରାଏଲୀ ସୈନ୍ୟଙ୍କ ଘନଘନ ମିଶାଇଲ ମାଡ଼ରେ ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଖାନ୍ ୟୁନିସ୍‌ରେ ଏକ ଛୋଟପିଲାକୁ ଧରି ମୃତକଙ୍କ ସମ୍ପର୍କୀୟମାନେ କାନ୍ଦୁଛନ୍ତି।

# ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଏମ୍‌ପିଙ୍କ ସ୍ୱାକ୍ଷର ସଂଗ୍ରହ ହେବ

ନୂଆଦିଲ୍ଲୀ,୩।୭(ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପ୍ରସ୍ତାବକୁ ସମର୍ଥନ କରିବା ଲାଗି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ନୀତିଗତ ଭାବେ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ସାଂସଦମାନଙ୍କ ଦସ୍ତଖତ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର କହିଛନ୍ତି। ତେବେ ଏହି ପ୍ରସ୍ତାବ ଲୋକ ସଭାରେ ଆସିବ କି ରାଜ୍ୟ ସଭାରେ ତାହା ଏପର୍ଯ୍ୟନ୍ତ ସରକାର ସ୍ଥିର କରିନାହାନ୍ତି। ଲୋକ ସଭାରେ ପ୍ରସ୍ତାବ ଆଗତ କରିବା ନିମନ୍ତେ ଅନ୍ୟୁନ ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ ଥିବାବେଳେ ରାଜ୍ୟ ସଭା ପାଇଁ ଅନ୍ୟୁନ ୫୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ପ୍ରସ୍ତାବ କେଉଁ ସଦନରେ ଅଣାଯିବ, ତାହା ନିଷ୍ପତ୍ତି ହେବା ପରେ ଦସ୍ତଖତ ସଂଗ୍ରହ ଆରମ୍ଭ ହେବ।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ବିଚାରପତି ତଦନ୍ତ ଆଇନ, ୧୯୬୮ ଅନୁଯାୟୀ, ବିଚାରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ଯେକୌଣସି ସଦନରେ ଆଗତ ହେବା ପରେ ବାଚସ୍ପତି କିମ୍ବା ଅଧ୍ୟକ୍ଷ ଏହାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରିବେ। କମିଟିରେ ଭାରତ ପ୍ରଧାନ ବିଚାରପତି



(ସିଜେଆଇ) କିମ୍ବା ସୁପ୍ରିମକୋର୍ଟର ଜଣେ ବିଚାରପତି, ଯେକୌଣସି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ଖ୍ୟାତନାମା ନ୍ୟାୟବିତ୍ ରହିବେ। ଏହି ମାମଲା ସହ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ସମ୍ପୃକ୍ତ ଥିବାରୁ ସରକାର ସବୁ ରାଜନୈତିକ ଦଳଙ୍କ ସହମତି ଚାହୁଁଛନ୍ତି। ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ବିପୁଳ ଟଙ୍କା ଜବତ ହୋଇଥିବା ଅଭିଯୋଗକୁ ପୂର୍ବରୁ ୩ ଜଣିଆ ବିଚାରପତି କମିଟି ପ୍ରମାଣିତ କରିଥିବାବେଳେ ତାଙ୍କ ବହିଷ୍କାର ସମ୍ପର୍କରେ ପାର୍ଲାମେଣ୍ଟ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୁପାରିସ କରିଥିଲା। ସୂଚନାଯୋଗ୍ୟ, ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଷ୍ଟୋର୍ ରୁମ୍‌ରେ ଅଗ୍ନିକାଣ୍ଡ ଘଟି ଅନେକ ଟଙ୍କା ବଣ୍ଡଲ ପୋଡ଼ିଯାଇଥିବା ଅବସ୍ଥାରେ ମିଳିଥିଲା।

# ପିଉସାଙ୍କୁ ବାହାହେବା ପାଇଁ ସ୍ୱାମୀଙ୍କୁ ହତ୍ୟା

**ବିବାହର ୪୫ ଦିନ ପରେ ସ୍ତ୍ରୀଙ୍କ ବର୍ବରତା**

ପାଟନା,୩।୭

ବିହାରର ଔରଙ୍ଗାବାଦ ଜିଲାରେ ଜଣେ ମହିଳା ବିବାହର ୪୫ ଦିନ ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମେଘାଳୟ ହନିମୁନ୍ ହତ୍ୟାକାଣ୍ଡ ପରେ ବିହାରର ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁଞ୍ଜା ଦେବୀ ନାମ୍ନୀ ନବବିବାହିତା ତାଙ୍କ ସ୍ୱାମୀ ପ୍ରିୟାଂଶୁ(୨୫)ଙ୍କୁ ହତ୍ୟା କରିବା ପାଇଁ ନିଜ ପିଉସା ତଥା ପ୍ରେମିକ ଜୀବନ ସିଂ (୫୫)ଙ୍କ ସହ ଷଡ଼ଯନ୍ତ୍ର ରଚିଥିଲେ। ପ୍ରିୟାଂଶୁଙ୍କୁ ହତ୍ୟା କରିବା ପାଇଁ ଜୀବନ ସୁପାରି କିଲର ବ୍ୟବସ୍ଥା କରିଥିଲେ। ଜୀବନ ଫେରାର ଥିବାବେଳେ ପୋଲିସ ୨ ସୁପାରି କିଲରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି।

ଜୀବନଙ୍କ ସହ ଗୁଞ୍ଜା ରିଲେଶନ୍‌ରେ



ପ୍ରିୟାଂଶୁ



ଗୁଞ୍ଜା ଦେବୀ



ଜୀବନ ସିଂ

ଥିଲେ ଓ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ଗୁଞ୍ଜାଙ୍କ ପରିବାର ଏଥିରେ ରାଜି ନ ହୋଇ ତାଙ୍କୁ ଜବରଦସ୍ତି ନବିନଗର ଥାନା ଅନ୍ତର୍ଗତ ବରୱାନ ଗ୍ରାମର ପ୍ରିୟାଂଶୁଙ୍କ ସହ ବିବାହ କରାଇଥିଲେ। ପୋଲିସ କହିବା ଅନୁଯାୟୀ, ଭଉଣୀ ଘରକୁ ଯାଇଥିବା ପ୍ରିୟାଂଶୁ ଗତ ୨୫ ତାରିଖରେ ଘରକୁ ଫେରିଥିଲେ। ସେ ନବିନଗର ଷ୍ଟେଶନରେ ଓହ୍ଲାଇବା ପରେ ତାଙ୍କୁ ନେବା ପାଇଁ କାହାକୁ ବାଇକ୍ ସହ ପଠାଇବାକୁ ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ। ଷ୍ଟେଶନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ୨ ଜଣ ଗୁଳି କରିଥିଲେ। ପୋଲିସ ହତ୍ୟା ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବାବେଳେ ଗୁଞ୍ଜା ଗାଁରୁ ଖସି ପଳାଇବାକୁ ଉଦ୍ୟମ କରିବାକୁ ନେଇ ପ୍ରିୟାଂଶୁଙ୍କ ପରିବାର ସନ୍ଦେହ କରିଥିଲେ। ତାଙ୍କ କଲ୍ ରେକର୍ଡ ଯାଞ୍ଚ କରାଯିବାରୁ ସେ ପିଉସା ଜୀବନଙ୍କ ସହ କ୍ରମାଗତ ସମ୍ପର୍କରେ ଥିବା ଜଣାପଡ଼ିଥିଲା। ଜୀବନଙ୍କ କଲ୍ ରେକର୍ଡ ଯାଞ୍ଚରୁ ସେ ସୁପାରି କିଲରଙ୍କ ସହ ଯୋଗାଯୋଗ କରିଥିବା ଘଟଣା ପଦାକୁ ଆସିଥିଲା। ପୋଲିସ ଗୁଞ୍ଜା ଓ ୨ ଶୁଟରଙ୍କୁ ଗିରଫ କରିଥିବାବେଳେ ଜୀବନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ଗତ ମେ'ରେ ମେଘାଳୟକୁ ହନିମୁନ୍‌ରେ ଯାଇଥିବା ରାଜା ରଘୁବଂଶୀଙ୍କୁ ତାଙ୍କ ସ୍ତ୍ରୀ ସୋନମ୍ ଓ ପ୍ରେମିକ ରାଜ କୁଶ୍‌ୱା ସୁପାରି କିଲର ଲଗାଇ ହତ୍ୟା କରିଥିଲେ। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇଛନ୍ତି।

# ମାଆ, ପୁଅଙ୍କୁ ହତ୍ୟାକଲେ ଘରୋଇ ସହାୟକ

**ଦିଲ୍ଲୀରେ ଡବଲ ମର୍ଡର**

ନୂଆଦିଲ୍ଲୀ,୩।୭

ଦିଲ୍ଲୀର ଲଜପତ ନଗର ଅଞ୍ଚଳରେ ଡବଲ ମର୍ଡର ଘଟିଛି। ମାଲିକାଣୀ ଗାଳି ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଘରୋଇ ସହାୟକ ମୁକେଶ ତାଙ୍କୁ ଓ ତାଙ୍କ ନାବାଳକ ପୁଅଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ମୁକେଶ(୨୪) ଟ୍ରେନ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ରେଲୱେ ପୋଲିସ ତାଙ୍କୁ ଧରିଛି। ଲଜପତ ନଗର-୧ରେ ରହୁଥିବା କୁଲ୍‌ଦୀପ ସେୱାନୀ ବୁଧବାର ସକାଳେ ଘରକୁ ଫୋନ୍ କରିଥିଲେ ମଧ୍ୟ ସ୍ତ୍ରୀ ରୁଚିକା(୪୨) ଓ ପୁଅ ଫୋନ୍ ଉଠାଇ ନ ଥିଲେ। ଘରେ ପହଞ୍ଚି କୁଲଦୀପ ଶିଡ଼ି ପାହାଚରେ ରକ୍ତ ପଡ଼ିଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ କବାଟ ଭାଙ୍ଗି ଘରେ ପଶିବା ପରେ ମହିଳା ଓ ତାଙ୍କ ପୁଅଙ୍କ ମୃତଦେହ ଦେଖିବାକୁ ପାଇଥିଲା। ରୁଚିକାଙ୍କ ବେକ କଟାଯାଇଥିବାବେଳେ ମୃତଦେହ ବେଡ୍‌ରୁମ୍‌ରେ ପଡ଼ିଥିଲା। ତାଙ୍କ ପୁଅଙ୍କ ମୃତଦେହ ବାଥ୍‌ରୁମ୍‌ରୁ ମିଳିଥିଲା। ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୁକେଶ କୁଲଦୀପଙ୍କ ଘରେ ୩/୪ ବର୍ଷ ହେଲା କାମ କରୁଥିଲେ। ସେ ଘରକାମ କରିବା ସହ ସେମାନଙ୍କ ପୋଷାକ ଦୋକାନରେ ମଧ୍ୟ ସହାୟତା କରୁଥିଲେ ଓ ଡ୍ରାଇଭର ଭାବେ ମଧ୍ୟ କାମ କରୁଥିଲେ। ମଙ୍ଗଳବାର ରୁଚିକା ତାଙ୍କୁ ଗାଳିଦେବାରୁ ସେ ପ୍ରତିଶୋଧ ପରାୟଣ ହୋଇ ହତ୍ୟାକାଣ୍ଡ ଘଟାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ବେପରୁଆ ଗାଡ଼ିଚାଳନା: ଚାଳକଙ୍କ ମୃତ୍ୟୁରେ ପରିବାରକୁ ମିଳିବନି କ୍ଷତିପୂରଣ

**କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ**

ନୂଆଦିଲ୍ଲୀ,୩।୭ (ପି.ଟି.)

ନିଜର ବେପରୁଆ ଗାଡ଼ିଚାଳନା ପାଇଁ ଜଣକର ମୃତ୍ୟୁ ଘଟିଲେ, ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀ ଉତ୍ତରଦାୟୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦ୍ରୁତବେଗରେ କାର୍ ଚଳାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ସ୍ତ୍ରୀ, ପୁଅ ଓ ମା'ବାପା ୮୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଜଷ୍ଟିସ୍ ନରସିଂହା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଗତବର୍ଷ ନଭେମ୍ବର ୨୩ରେ ସେମାନଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଥିବାବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ରାୟ ଦେଇସାରିଥିବାରୁ ସ୍ୱତନ୍ତ୍ର ଲିଭ୍ ପିଟିଶନ ଖାରଜ ହେଲା ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ଜୁନ୍ ୧୮ରେ ଏସ୍. ରବିଶ୍ ଟ୍ରାଫିକ୍ ନିୟମ ନ ମାନି ବେପରୁଆ ଗାଡ଼ିଚାଳନା କରୁଥିବାରୁ କର୍ଣ୍ଣାଟକର ଅରସିକେରେ ସହରକୁ ଯାଉଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଟ୍ରମ୍ପ୍‌ଙ୍କ ସ୍ତ୍ରୀଙ୍କୁ ବିଦା ପାଇଁ ପିଟିଶନ ସ୍ୱାକ୍ଷର ଅଭିଯାନ

**ଆମେରିକାରେ ଜନ୍ମ ହୋଇ ନ ଥିଲେ ଫାର୍ଷ୍ଟ ଲେଡି ମେଲାନିଆ**

ୱାଶିଂଟନ୍, ୩।୭

ଆମେରିକାରୁ ଆପ୍ରବାସୀଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନେତୃତ୍ୱାଧୀନ ପ୍ରଶାସନର ତ୍ୱରିତ ପଦକ୍ଷେପ ମଧ୍ୟରେ ଏକ ପିଟିଶନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍, ତାଙ୍କ ମା'ବାପା ଏବଂ ପୁଅ ବାରୋନ ଟ୍ରମ୍ପ୍‌ଙ୍କୁ ଆମେରିକାରୁ ନିର୍ବାସନ କରିବା ପାଇଁ ଦାବି ହୋଇଛି। ଆପ୍ରବାସନକୁ ନେଇ ଟ୍ରମ୍ପ୍ ଯେଉଁ ନୀତି ଗ୍ରହଣ କରିଛନ୍ତି, ସେଥିରୁ ନିଜ ପରିବାରକୁ ବାଦ୍‌ଦେବା ଉଚିତ ନୁହେଁ ବୋଲି ଆମେରିକାର ଏକ ପ୍ରଗତିଶୀଳ ଆଇନଜୀବୀ ଗୋଷ୍ଠୀ 'ମୁଭ୍ ଅନ୍' ପକ୍ଷରୁ ଏହି ପିଟିଶନରେ କୁହାଯାଇଛି। ଅନ୍‌ଲାଇନରେ ଏବେ ଏହି



ମେଲାନିଆ ଟ୍ରମ୍ପ୍

ପିଟିଶନ ଲୋକପ୍ରିୟତା ହାସଲ କରୁଛି।

ଯେହେତୁ ଟ୍ରମ୍ପ୍ ଆପ୍ରବାସୀ ଏବଂ ଆମେରିକାରେ ଜନ୍ମ ହୋଇ ନ ଥିବା ନାଗରିକକୁ ନିର୍ବାସିତ କରିବାକୁ ଚାହୁଁଛନ୍ତି, ତେଣୁ ତାଙ୍କୁ ପ୍ରଥମେ ନିଜ ସ୍ତ୍ରୀ ମେଲାନିଆ ଏବଂ ତାଙ୍କ ପରିବାରକୁ ନିର୍ବାସନ କରିବା ଉଚିତ। ଜାତୀୟ ସୁରକ୍ଷାକୁ ଆଳ କରି ଆପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ ଟ୍ରମ୍ପ୍ କରିଥିବା ଯୋଜନା ପକ୍ଷପାତପୂର୍ଣ୍ଣ। ଟ୍ରମ୍ପ୍‌ଙ୍କ ନିର୍ବାସନ ଏଜେଣ୍ଡାର ଏହା ଦ୍ୱୈତ ମାନଦଣ୍ଡ ବୋଲି ପିଟିଶନରେ କୁହାଯାଇଛି।

ପିଟିଶନରେ ମେଲାନିଆଙ୍କ ଇବି-୧ ଭିଜା ବ୍ୟବହାରକୁ ନେଇ ସମାଲୋଚନା କରାଯାଇଛି। ସାଧାରଣତଃ ବିଜ୍ଞାନ, କଳା, ବ୍ୟବସାୟ ଭଳି କ୍ଷେତ୍ରରେ ଅସାଧାରଣ କ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ସଂରକ୍ଷିତ ରହିଥାଏ। ସେ ଏହି ଭିଜାର ଫାଇଦା ଉଠାଉଛନ୍ତି। ମେଲାନିଆ ୧୯୭୦ ଏପ୍ରିଲ ୨୬ରେ ୟୁଗୋସ୍ଲାଭିଆରେ ଜନ୍ମ ହୋଇଥିଲେ। ଏବେ ଏହା ସ୍ଲୋଭେନିଆ ନାମରେ ପରିଚିତ। ୨୦୦୬ରେ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ। ମେଲାନିଆ ହେଉଛନ୍ତି ଆମେରିକାର ଦ୍ୱିତୀୟ ଫାର୍ଷ୍ଟ ଲେଡି, ଯିଏ ଅନ୍ୟ ଦେଶରେ ଜନ୍ମଗ୍ରହଣ କରିଛନ୍ତି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୧୮ରେ ମେଲାନିଆଙ୍କ ନିର୍ଦ୍ଦେଶରେ ତାଙ୍କ ମା'ବାପାଙ୍କୁ ଆମେରିକାରେ ଗ୍ରୀନ୍ କାର୍ଡ ଏବଂ ନାଗରିକତ୍ୱ ମିଳିଥିଲା।

'ମୁଭ୍ ଅନ୍'ର ଏହି ପିଟିଶନ ୫ ମାସ ତଳର ହୋଇଥିବା ବେଳେ ସମ୍ପ୍ରତି ଏହା ଲୋକପ୍ରିୟ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ଏହି ପିଟିଶନରେ ମାତ୍ର ୧୦୦ ଜଣ ସ୍ୱାକ୍ଷର କରିଥିବା ବେଳେ ଏବେ ୬ ହଜାରରୁ ଅଧିକ ଲୋକ ଏଥିରେ ସ୍ୱାକ୍ଷର କରିସାରିଲେଣି।


# ଛୁରିରେ ତିଆରି ୨୭ ଫୁଟର ମୂର୍ତ୍ତି

**ଅପରାଧ ଓ ହିଂସା ବିରୋଧୀ ପ୍ରତୀକ ଭାବେ ଲୋକଙ୍କ ପସନ୍ଦ ପାଲଟିଛି**

ଲଣ୍ଡନ

ପ୍ରତ୍ୟେକ ମୂର୍ତ୍ତିର ଏକ କାହାଣୀ ରହିଥାଏ। ମୂର୍ତ୍ତିକାରମାନେ ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ମୂର୍ତ୍ତିଗୁଡ଼ିକୁ ଏକ ଆକାର ଦେଇଥାନ୍ତି। ଅନେକ ମୂର୍ତ୍ତି କିଛି ବିଶେଷ ଘଟଣାର ସାକ୍ଷୀ ହୋଇଥାଏ। ସେହିପରି କେତେକ ମୂର୍ତ୍ତି ଅନନ୍ୟ ଉପାୟରେ ତିଆରି ହୋଇ ପ୍ରସିଦ୍ଧି ମଧ୍ୟ ପାଇଥାଏ।

ଇଂଲଣ୍ଡର ଓସ୍‌ୱେଷ୍ଟ୍ରିରେ ଥିବା ବ୍ରିଟିଶ୍ ଆଇରନ୍‌ୱାର୍କସ୍ ସେଣ୍ଟରରେ ଏକ ୨୭ ଫୁଟ ଉଚ୍ଚତାର ନିଆରା ମୂର୍ତ୍ତି ରହିଛି, ଯାହାକୁ କେବଳ ଛୁରିରେ ତିଆରି କରାଯାଇଛି। ଏହି ମୂର୍ତ୍ତିରେ ବ୍ୟବହୃତ ହୋଇଥିବା ପ୍ରତ୍ୟେକଟି ଛୁରି କୌଣସି ନା କୌଣସି ଅପରାଧରେ ବ୍ୟବହୃତ ହୋଇଛି ଏବଂ ପ୍ରତ୍ୟେକ ଛୁରିର କିଛି ନା କିଛି ଦୁଃଖଦ କାହାଣୀ ରହିଛି। ଏହି ନିଆରା ମୂର୍ତ୍ତିକୁ ଆଲ୍‌ଫି ବ୍ରାଡ୍‌ଲି ନାମକ ଜଣେ ବ୍ରିଟିଶ ମୂର୍ତ୍ତିକାର ତିଆରି କରିଛନ୍ତି। ନାଇଫ୍ ଆଞ୍ଜେଲ ଭାବରେ ଜଣାଶୁଣା



ଏହି ମୂର୍ତ୍ତି ହିଂସା ଏବଂ ଆକ୍ରମଣ ବିରୋଧୀ ଜାତୀୟ ସ୍ମାରକୀ ଭାବେ ଲୋକପ୍ରିୟତା ହାସଲ କରିଛି। ଅପରାଧ ଏବଂ ହିଂସା ବିରୋଧରେ ଏକ ଶକ୍ତିଶାଳୀ ପ୍ରତୀକ ଭାବେ ନାଇଫ୍ ଆଞ୍ଜେଲକୁ ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ମୋଟ ଏକ ଲକ୍ଷ ଛୁରି ଏବଂ ବ୍ଲେଡ୍‌ର ବ୍ୟବହାର ହୋଇଥିଲା। ଛୁରି ଦ୍ୱାରା ହୋଇଥିବା ବିଭିନ୍ନ ଅପରାଧର ପୀଡିତଙ୍କ ପ୍ରତି ଅତ୍ୟାଚାର ଏବଂ ଦୁଃଖକୁ ଏହି ମୂର୍ତ୍ତି ମନେ ପକାଇଥାଏ। ନାଇଫ୍ ଆଞ୍ଜେଲରେ ବ୍ୟବହୃତ ଛୁରିଗୁଡ଼ିକୁ ସଂଗ୍ରହ କରିବାକୁ ମୂର୍ତ୍ତିକାର ବ୍ରାଡ୍‌ଲିଙ୍କୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା। ୨୦୧୮ ମସିହାରେ ସେ ଏହି ମୂର୍ତ୍ତିର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ଏବଂ ଏହା ନାଇଫ୍ ଆଞ୍ଜେଲ ଭାବେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିଲା।

ବ୍ରାଡ୍‌ଲି କହିଛନ୍ତି, ବ୍ରିଟେନରେ ଛୁରିର ବ୍ୟବହାରରେ ହେଉଥିବା ବିଭିନ୍ନ ଅପରାଧ ବିଷୟରେ ସଚେତନତାର ପ୍ରସାର କରିବା ପାଇଁ ସେ ଏହି ମୂର୍ତ୍ତିକୁ ତିଆରି କରିଥିଲେ। ହିଂସାତ୍ମକ ଆଚରଣ ପୀଡ଼ିତ ବ୍ୟକ୍ତି ଏବଂ ତାଙ୍କ ପରିବାରଗୁଡ଼ିକୁ କେତେ ମାତ୍ରାରେ ପ୍ରଭାବିତ କରିପାରେ, ତାହା ଯୁବପିଢ଼ିଙ୍କୁ ଅନୁଭବ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ତାଙ୍କୁ ପ୍ରାୟ ୫ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।

## ଫୁରସତ୍

# କ୍ରିତି, ଧନୁଷ୍‌ଙ୍କ ଲଭ୍ କେମେଷ୍ଟ୍ରି



କ୍ରିତି ସାନୋନ୍

**'ତେରେ ଇସ୍କ ମେଁ' ଶୁଟିଂ ଶେଷ**

ମୁମ୍ବାଇ

ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ 'ତେରେ ଇସ୍କ ମେଁ' ଫିଲ୍ମ ଆସନ୍ତା ନଭେମ୍ବର ୨୮ରେ ରିଲିଜ୍ ହେବ। ଫିଲ୍ମରେ ଅଭିନେତା ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନୋନ୍ ନଜରକୁ ଆସିବେ। ଏହି ଫିଲ୍ମରେ ଉଭୟ ଧନୁଷ୍ ଏବଂ କ୍ରିତିଙ୍କ ମଧ୍ୟରେ ଲଭ୍ କେମେଷ୍ଟ୍ରି ଦେଖିବା ପାଇଁ ଦର୍ଶକ ଉତ୍ସାହର ସହ ଅନାଇ ବସିଛନ୍ତି। 'ତେରେ ଇସ୍କ ମେଁ' ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ ସେ ବିଭିନ୍ନ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଶୁଟିଂ ଶେଷ ହେବା ଖୁସିରେ ଧନୁଷ, କ୍ରିତି ଏବଂ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସମେତ ଫିଲ୍ମର ପୂରା କ୍ରିଓ ଟିମ୍ କେକ୍ କାଟି ଉତ୍ସବ ପାଳୁଥିବାର ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ କ୍ରିତି ଲେଖିଛନ୍ତି, ଆନନ୍ଦଙ୍କ ନିର୍ଦ୍ଦେଶନାରେ ଫିଲ୍ମ ଶୁଟିଂ ବେଳର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ଉପଭୋଗ କରିଛନ୍ତି। ସେହିପରି ଇଣ୍ଡଷ୍ଟ୍ରିରେ ପ୍ରତିଭାଶାଳୀ ଏବଂ ବୁଦ୍ଧିମାନ ଅଭିନେତାଙ୍କ ମଧ୍ୟରୁ ଧନୁଷ୍ ଅନ୍ୟତମ। ଆଗକୁ ମଧ୍ୟ ସେ ଧନୁଷ୍‌ଙ୍କ ସହ ଅନେକ ପ୍ରୋଜେକ୍ଟରେ କାମ କରିବେ ବୋଲି କ୍ରିତି ଆଶାବ୍ୟକ୍ତ କରିଛନ୍ତି।

# ବାର୍ଷିକ ୧ କୋଟି ଫ୍ଲାଏ ଆଶ୍ ଇଟା ଉତ୍ପାଦନ ଆକଳନ

## ଶୁଭଲକ୍ଷ୍ମୀ ସମବାୟ ସହ ବେଦାନ୍ତର ବୁଝାମଣା



ଭୁବନେଶ୍ୱର,୩।୭

ବର୍ତ୍ତମାନ ସମୟରେ ଫ୍ଲାଏ ଆଶ୍ ଇଟାର ଚାହିଦା ସବୁ କ୍ଷେତ୍ରରେ ରହିଛି। ଏପରିକି ଏକ ଅନନ୍ୟ ମହିଳା ନେତୃତ୍ୱାଧୀନ ଫ୍ଲାଏ ଆଶ୍ ଇଟା ଉତ୍ପାଦନ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରିବାରେ ବେଦାନ୍ତ ଆଲୁମିନିୟମ ଆବଶ୍ୟକ ସାହାଯ୍ୟ କରିଛି। ଏହା ବାର୍ଷିକ ପ୍ରାୟ ୧ କୋଟି ଇଟା ଉତ୍ପାଦନ କରିବ ବୋଲି ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡ଼ାଠାରେ ଏହି ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଭାରତର ସର୍ବବୃହତ୍ ଗ୍ରାମୀଣ ମହିଳା ସମବାୟ ମଧ୍ୟରୁ ଗୋଟିଏ ଶୁଭଲକ୍ଷ୍ମୀ ସମବାୟ ସହ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ବିଶେଷକରି ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ସମବାୟକୁ ମାଗଣାରେ ଫ୍ଲାଏ ଆଶ୍ ପ୍ରଦାନ କରାଯିବ। ଫଳରେ ଅନନ୍ୟ ଭାବେ ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ସହ ବୃତ୍ତାକାର ଅର୍ଥନୀତି ମାର୍ଗର ବିକାଶକୁ ଦୃଢ଼ କରିଛି। ଅପରପକ୍ଷରେ ଦୈନିକ ୨୫,୦୦୦ ରୁ ଅଧିକ ଇଟା ଉତ୍ପାଦନ କରିବାର କ୍ଷମତା ସହିତ ଏହି ସୁବିଧା ସମ୍ପୂର୍ଣ୍ଣ ଭାବେ ଶୁଭଲକ୍ଷ୍ମୀ ସମବାୟର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ। ବେଦାନ୍ତ ଆଲୁମିନିୟମ ଇଟା ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାରେ ସହାୟତା ପ୍ରଦାନ କରିବ। ଏହା ଅପରେଟରମାନଙ୍କୁ ତାଲିମ ଦେବା ଏବଂ ନମୁନା ଇଟାର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବ, ଯାହାଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବୈଷୟିକ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ଫ୍ଲାଏ ଆଶ୍ ହେଉଛି, ତାପଜ ବିଦ୍ୟୁତ୍ ଉତ୍ପାଦନ। ପ୍ରକ୍ରିୟାର ଏକ ଉପ ଉତ୍ପାଦ ଏବଂ ଏହାକୁ ସିମେଣ୍ଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ରାସ୍ତା ନିର୍ମାଣ ଭଳି ଅନେକ ସ୍ଥାୟୀ ଉପାୟରେ ବର୍ଦ୍ଧିତ ଭାବେ ବ୍ୟବହାର କରାଯାଉଛି। ୨୦୨୨ ମାର୍ଚ୍ଚଠାରୁ ବେଦାନ୍ତ ଆଲୁମିନିୟମ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)କୁ ସେମାନଙ୍କର ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ୩ ନିୟୁତ ଟନ୍ ଯୋଗାଇଛି। ଏହି ପ୍ରୟାସ ପାଇଁ ସମ୍ପ୍ରତି ଝାରସୁଗୁଡାରୁ ଏହାର ୬୫୦ ଟନ ଫ୍ଲାଏ ଆଶ୍ ରେକ୍ ପଠାଯାଇଛି।

ଶୁଭଲକ୍ଷ୍ମୀ ସମବାୟର ୪୪୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ୫,୦୦୦ରୁ ଅଧିକ ମହିଳା ସଦସ୍ୟ ଅଛନ୍ତି। ଏହା ସମବାୟର ସଦସ୍ୟମାନଙ୍କୁ କ୍ଷୁଦ୍ର ଅର୍ଥ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରିଥାଏ। ଏହି ପ୍ରୟାସଗୁଡ଼ିକ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସାହାଯ୍ୟ ସହ ସେମାନଙ୍କ ସମ୍ପ୍ରଦାୟର ବିକାଶ ଏବଂ ପ୍ରଗତିରେ ମଧ୍ୟ ଅଧିକ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ (ମୁଖ୍ୟ ପରିଚାଳନା ଅଧିକାରୀ) ସୁନୀଲ ଗୁପ୍ତା କହିଛନ୍ତି, ଫ୍ଲାଏ ଆଶ୍ ଭଳି ଶିଳ୍ପ ଉପ ଉତ୍ପାଦକୁ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀରେ ପୁନଃ ପ୍ରୟୋଗ କରି ଆମେ କେବଳ ଏକ ବୃତ୍ତାକାର ଅର୍ଥନୀତିରେ ଯୋଗଦାନ ଦେଉ ନାହୁଁ ବରଂ ହଜାର ହଜାର ଗ୍ରାମୀଣ ମହିଳାଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ।

# ୪ ଜଣଙ୍କୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ

ଭୁବନେଶ୍ୱର,୩।୭ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡାଲମିଆ ଭାରତ ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାରଙ୍କୁ ପୁରୀ ରଥଯାତ୍ରା ଅବସରରେ 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର' ସମ୍ମାନରେ ସମ୍ମାନିତ କରାଯାଇଛି। ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ୍) ର ବହୁ ପ୍ରତୀକ୍ଷିତ ତଥା ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ବୁଧବାର ପୁରୀରେ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷ ଡାଲମିଆ ଭାରତ ପକ୍ଷରୁ ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରି ଓ ଏହି ପବିତ୍ର ପରମ୍ପରା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଆୟୋଜନ ହେଉଥିବା ପୁରୀ ରଥଯାତ୍ରା ସମୟରେ ଏହି ବାର୍ଷିକ ଉତ୍ସବ ପାଳିତ ହେଉଛି। ବିଶେଷକରି କମ୍ପାନୀର ପ୍ରମୁଖ ଅଭିଯାନ 'ସାଲ୍ୟୁଟିଂ ଦି ଏକ୍ସପର୍ଟ'ର ଏକ ପ୍ରମୁଖ ଅଂଶ ବିଶେଷ ହୋଇଥିଲାବେଳେ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରମାନଙ୍କର ଅସାଧାରଣ କାରିଗରିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରିର ସମ୍ମାନିତ କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ। ଓଡ଼ିଶା ଓ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରି ଦ୍ୱାରା ଏହି ଦକ୍ଷ କାରିଗରମାନଙ୍କର ଚୟନ କରାଯାଇଥିଲା।

# ୟୁଏସ୍ଏଫ୍‌ବିଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୩।୭



ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସଏଫବିଏଲ)ର ନୂତନ ଅଭିଯାନ ତଥା 'ମନ୍ କୀ ରଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ହେଉଛି ଏକ ଅଭିନବ ଗ୍ରାହକ ସମ୍ପୃକ୍ତି କ୍ୟାମ୍ପେନ। ଯେଉଁଠାରେ ଅଂଶଗ୍ରହଣକାରୀମାନେ ନିଜ ମସ୍ତିଷ୍କର ଶକ୍ତିକୁ ବ୍ୟବହାର କରି ଏକ ଭର୍ଚୁଆଲ ରଥ ଟାଣିପାରିବେ। ଏହି ଅଭିନବ ପଦ୍ଧତି ଧ୍ୟାନ ଓ ଶାନ୍ତ ଭଳି ମସ୍ତିଷ୍କ ତରଙ୍ଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫ (ଇଇଜି) ନ୍ୟୁରୋ-ସେନ୍ସିଂ ହେଡବ୍ୟାଣ୍ଡଗୁଡ଼ିକର ବ୍ୟବହାର କରୁଛି। ସେହିଭଳି ଏହାକୁ ବ୍ରେନ-କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍ନୋଲୋଜି ମାଧ୍ୟମରେ କରାଯାଉଛି। ଯେତେବେଳେ ଅଂଶଗ୍ରହଣକାରୀ ହେଡ୍‌ବ୍ୟାଣ୍ଡ କନ୍‌ସେନ୍‌ଟ୍ରେଟକୁ ପିନ୍ଧିବେ, ଭର୍ଚୁଆଲ ରଥ ଆଗକୁ ବଢ଼ିବା ଆରମ୍ଭ କରିବ, ଯାହା ଏକ ପ୍ରଥମ ଧରଣର ଅନୁଭୂତିରେ ନ୍ୟୁରୋଟେକ୍ନୋଲୋଜି ସହ ଆଧ୍ୟାତ୍ମିକତାକୁ ମିଶ୍ରଣ କରୁଛି।

ମନ୍ କୀ ରଥ'କ୍ୟାମ୍ପେନ ହେଉଛି ଏକ ଚାରି ଦିନିଆ ଆକ୍ଟିଭେଶନ ଇଭେଂଟ, ଯାହା ନିକଟରେ ଆରମ୍ଭ ହୋଇଛି। ଏହି ଇଭେଂଟକୁ ୟୁଏସଏଫବିଏଲର ଶାଖାଗୁଡ଼ିକରେ ପରିଚାଳନା କରାଯିବ, ଯେପରିକି ଭୁବନେଶ୍ୱରରେ ସାମନ୍ତରାପୁର ଓ ସହିଦ ନଗର ଓ ଚନ୍ଦ୍ରଶେଖରପୁର ଶାଖା ଏବଂ ପୁରୀ ଶାଖା ଓ କଟକର ବକ୍ସିବଜାର ଶାଖାରେ ପରିଚାଳିତ ହେବ। ରଥକୁ ଦିଗ ଓ ଉଦ୍ଦେଶ୍ୟ ପାଇଁ ଏକ ସୂଚକ ଭାବେ ବ୍ୟବହାର କରି ଏହି କ୍ୟାମ୍ପେନ ଏକ ଚିନ୍ତାଶୀଳ ଓ ବିଶ୍ୱସନୀୟ ଆର୍ଥିକ ସହଯୋଗୀ ଭାବେ ଉଜ୍ଜୀବନ ଏସଏଫବିର ସ୍ଥିତିକୁ ସୁଦୃଢ଼ କରିଛି, ଯିଏ ସଚେତନ ବ୍ୟାଙ୍କିଙ୍ଗ ସେବାଗୁଡ଼ିକୁ ଅନୁସରଣ କରିବା ପାଇଁ ଏହାର ଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ ।

# ବଜାରରେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦

ଭୁବନେଶ୍ୱର,୩।୭



ଟିଭିଏସ ମୋଟର କମ୍ପାନିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ନିକଟରେ ଅନାବରଣ କରାଯାଇଛି। ମୋଟରସାଇକଲର ଏହି ନୂଆ ଭର୍ସନ ବେଶ ବଳିଷ୍ଠ ହୋଇଥିବାବେଳେ ଉନ୍ନତ ସୁରକ୍ଷା ପାଇଁ ଏଥିରେ ଡୁଆଲ ଚ୍ୟାନେଲ ଏବିଏସ ସାମିଲ ରହିଛି। ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ଓବିଡି୨ବି ନିୟମକୁ ପାଳନ କରି ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ବ୍ୟବହାର କରାଯାଇଥିବା ଡୁଆଲ ଚ୍ୟାନେଲ ଏବିଏସ ଉନ୍ନତ ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରିବ। ଏହି ମୋଟରସାଇକଲ ଶ୍ରେଷ୍ଠ ମାନର ପ୍ରଦର୍ଶନ ଏବଂ ଉନ୍ନତ ଗାଡ଼ି ପରିଚାଳନା ପ୍ରଦାନ କରୁଛି ଯାହା ଏହାକୁ ନିଜ ବର୍ଗର ଅନ୍ୟମାନଙ୍କଠାରୁ ଅଲଗ। କରିଛି। ଆଜିର ଚାଳକମାନଙ୍କ ଚାହିଦା ଅନୁସାରେ ଏଥିରେ ସୁବିଧାସୁଯୋଗ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ରେ ଶ୍ରେଷ୍ଠ ମାନର ପ୍ରଯୁକ୍ତି, ଉନ୍ନତ ଡିଜାଇନ ଓ ଦକ୍ଷତା ରହିଛି। ଏଥିରେ ଲାଲ ଆଲୟ ହ୍ୱିଲ ମଧ୍ୟ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ ମୋଟରସାଇକଲ ୮୭୫୦ ଆରପିଏମରେ ୧୬.୦୪ ପିଏସ ଓ ୭୦୦୦ ଆରପିଏମରେ ୧୩.୮୫ ଏନଏମ ଟର୍କ ପ୍ରଦାନ କରୁଛି। ଏ ସମ୍ପର୍କରେ ଟିଭିଏସ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ (ପ୍ରିମିୟମ) ବିମଳ ସୁମ୍ବଲି କହିଛନ୍ତି, ଟିଭିଏସ ଆପାଚି ଆରଟିଆର ୧୬୦ ନିଜ ବର୍ଗରେ ନିରନ୍ତର ଭାବେ ମାନଦଣ୍ଡ ବଢ଼ାଉଥିବା ବେଳେ ପ୍ରତି ପିଢ଼ିରେ ଉନ୍ନତ ହେବା ସହ ଆପାଚିର ରେସିଂ ଡିଏନଏର ମୂଳମନ୍ତ୍ରକୁ ଧରି ରଖିଛି। ରାଇଡ ମୋଡ, ସ୍ମାର୍ଟଏକ୍ସକନେକ୍ଟ ଭଳି ନିଜ ଶ୍ରେଣୀର ଅଗ୍ରଣୀ ସୁବିଧା ସହିତ ଭଏସ ଆସିଷ୍ଟ ଓ ଡୁଆଲ ଚ୍ୟାନେଲ ଏବିଏସ ଭଳି ନିଜ ବର୍ଗର ଅଗ୍ରଣୀ ସୁବିଧା ସହିତ ଚାଳକମାନେ ଏହି ମୋଟରସାଇକଲରୁ ଅନେକ କିଛି ଆଶା କରିପାରିବେ।

# କେଡିଏମ୍‌କୁ ଜି ଭାରତ କି ଉଡାନ ପୁରସ୍କାର

ଭୁବନେଶ୍ୱର,୩।୭

କେଡିଏମ ଇଣ୍ଡିଆକୁ ନିକଟରେ ଆଉ ଏକ 'ଜି ଭାରତ କି ଉଡାନ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି। ଜି ଭାରତର ପ୍ରମୁଖ କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ କେଡିଏମକୁ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ମାନ୍ୟତା ମହାକୁମ୍ଭରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଣ୍ଟ୍ ସ୍ଥାପନ କରିଥାଏ। କେଡିଏମ୍-ଟି ଟେକ୍ନୋଲୋଜି ଚାର୍ଜରରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ କେଡିଏମ୍‌ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି, ନିତିନ ଗଡ଼କରୀଙ୍କ ହାତରୁ 'ଜି ଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି।


## ODISHA CONSTRUCTION CORPORATION LIMITED
## BHUBANESWAR, ODISHA

PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM

No.CAD-958

**"e-Procurement NOtice No-15/OCCL/2025-26 (On-line)**

On-line item rate tenders are invited for the following work ;

| Sl. No. | Name of Work | Bid Identification No. | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Tank Improvement/Renovation/Modernisation works of 13 nos. of MIPs in Ganjam District (Cluster-I) under OIIPCRA Scheme | OCCL_TSI_CL_I_01/2025-26 | Rs.6.69 Crore | Rs.6,69,000/- | 510 days | From 04/07/2025, 10.00 Hrs to 02/08/2025, 15.00 Hrs. |
| 2 | Tank Improvement/Renovation/Modernisation works of 22 nos. of MIPs in Ganjam & Boudh District (Cluster-III) under OIIPCRA Scheme | OCCL_TSI_CL_III_01/2025-26 | Rs.10.00 Crore | Rs.10,00,000/- | | |

Procurement Officer : Managing Director, OCCL
Date of Opening of the Tender : 02.08.2025, 15.30 Hrs. onwards
Further details can be seen from the e-Procurement portal https://www.tendersodisha.gov.in https://octdms.in https://odishaconstruction.com

OIPR-34120/11/0036/2526 Sd./- MANAGING DIRECTOR



## ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ରାଉରକେଲା

ପତ୍ର ସଂଖ୍ୟା ୮୩୬୭ ତା: ୦୧।୦୭।୨୦୨୫

No. C-608: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ନିମ୍ନଲିଖିତ ସଇରାତଗୁଡ଼ିକ ତା୧୫।୦୭।୨୦୨୫ରିଖରୁ ତା୧୪।୦୭।୨୦୨୬ ପର୍ଯ୍ୟନ୍ତ ଜଉମୁଦ ନିଲାମ ଡାକଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସଇରାତଗୁଡ଼ିକର ନିର୍ଦ୍ଧାରିତ ମୂଲ୍ୟ ଓ ଏମନ୍ତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନ ମତେ ଦିଆଗଲା।

| କ୍ର.ନଂ. | ସଇରାତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ଟ୍ରାଫିକଗେଟ ପରିବା ମାର୍କେଟ, ରାଉରକେଲା | ଟ.୯୫୧୭୨୦/- | ଟ.୯୫୧୭୨/- | ଟେଣ୍ଡର ଖୋଲିବା ତାରିଖ: ୧୦।୦୭।୨୦୨୫ |
| ୨ | ଛେଣ୍ଡ ସାପ୍ତାହିକ (ଶୁକ୍ରବାର) ବଜାର | ଟ.୨୯୨୬୦୦/- | ଟ.୨୯୨୬୦/- | ସମୟ: ଅପରାହ୍ନ ୪.୦୦ ଘଟିକା |
| ୩ | ଅମର ଭବନ ପାର୍କିଂ ସ୍ପେସ୍ | ଟ.୬୦୪୩୮୮/- | ଟ.୬୦୪୩୯/- | ସ୍ଥାନ: ରାଉରକେଲା ମହାନଗର ନିଗମ |
| ୪ | ପାନପୋଷ ପରିବା ମାର୍କେଟ | ଟ.୪୯୮୩୦୦/- | ଟ.୪୯୮୩୦/- | ସଭାଗୃହ (Council Hall) |

**ସର୍ତ୍ତାବଳୀ:**

୧. ପୂର୍ବ ବର୍ଷରୁ ବକେୟା ରଖିଥିବା ବ୍ୟକ୍ତି/ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ସମ୍ବନ୍ଧିତ ସମସ୍ତ ସର୍ତ୍ତାବଳୀ ଏବଂ ଟେଣ୍ଡର Paper, ରାଉରକେଲା ମହାନଗର ନିଗମସ୍ଥିତ, ପ୍ରକୋଷ୍ଠ ନଂ.-୩୮ରୁ ଯେ କୌଣସି କାର୍ଯ୍ୟ ଦିବସରେ (ତା୦୨।୦୭।୨୦୨୫ରୁ ତା୧୦।୦୭।୨୦୨୫, ସମୟ: ଅପରାହ୍ନ ୧.୦୦ ଘଟିକା) ପର୍ଯ୍ୟନ୍ତ ଟ.୫୦୦ ପଇଠ କରି ସଂଗ୍ରହ କରିପାରିବେ। ଏହି ଫର୍ମଟି ରାଉରକେଲା ମହାନଗର ନିଗମର Website: **(www.rmc.nic.in)**ରେ ମଧ୍ୟ ଉପଲବ୍ଧ ଅଛି। ମାତ୍ର ଏଥିପାଇଁ ଟ.୫୦୦ର Demand Draft (Non refundable) ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ।
୩. ସମସ୍ତ ଆବେଦନ ପତ୍ର ବନ୍ଦ ଲଫାପା ଗୁଡ଼ିକ ତା୧୦।୦୭।୨୦୨୫ରିଖ ଅପରାହ୍ନ ୦୪.୦୦ ଘଟିକାରେ ରାଉରକେଲା ମହାନଗର ନିଗମ, Council Hallରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସମ୍ପୃକ୍ତକୁ ଆବଣ୍ଟନ କରାଯିବ।
୪. ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠ ନଂ.୩୮ରେ ପାଇପାରିବେ।
୫. ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ବାତିଲ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

OIPR-13131/11/0146/2526 ସ୍ୱା./- ଆୟୁକ୍ତ, ରାଉରକେଲା ମହାନଗର ନିଗମ



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NOTICE**

**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. Online Tender/08-2025-26/PMGSY/BPR**

**No.O-370 : The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI- JANJATI ADIVASI NYAYA MAHA ABHIYAN (PM-JANMAN Batch-1 /2024-25)** under Pradhan Mantri Gram Sadak Yojana (PMGSY) in the districts of **Ganjam for 06 (Six)** number of packages with estimated cost totalling to **Rs 14.73 Cr (Approximate)** including their maintenance for five years from the eligible contractors registered with **State PWD / CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract Date of release of Invitation for Bids through e-procurement. Dtd. **05.07.2025**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/Time for receipt of bids through e-procurement : **19.07.2025** upto **5.30 P.M**

For further details and corrigendum (if any) please log on to **www.pmgsytenders.gov.in**.

Sd./- Chief Construction Engineer
R.W.Circle, Berhampur

OIPR-25071/11/0099/2526



## ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ

SIDAC

No. PP-

### ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଭୁବନେଶ୍ୱର-୭୫୧୦୩୦

**ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ୨୦୨୫-୨୬ ନିମନ୍ତେ ନିମ୍ନଲିଖିତ ୧ ବର୍ଷୀୟା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛନ୍ତି।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ଉଚ୍ଚତମ ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲାସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତଶିଳ୍ପର ନାମ ଓ ସ୍ଥାନ ସଂଖ୍ୟା | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ ଓ ପଟ୍ଟଚିତ୍ର (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର, ସ୍ଥାନ-ଆଙ୍କୁଲା (ଆଠଗଡ଼ ବ୍ଲକ), ଜିଲ୍ଲା- କଟକ ପଟ୍ଟଚିତ୍ର, ସ୍ଥାନ- ପଟ୍ଟଚିତ୍ର, କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ଜିଲ୍ଲା- ଖୋର୍ଦ୍ଧା। ପଥର ଖୋଦେଇ, ସ୍ଥାନ- କୋଣାର୍କ, ଜିଲ୍ଲା-ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମ ଲେଖାଇବା ପାଇଁ ନ୍ୟୂନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ। ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ତାଲିମ ପାଠ୍ୟକ୍ରମ ପାସ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୂନ ୫ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାସ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୂନ ୭ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ। ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। |
| ବୟସ | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୫ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୬ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ। |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱରଠାରେ ଏବଂ ଜିଲ୍ଲାସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସମ୍ପୃକ୍ତ ତାଲିମ୍ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ। ଏହି ପରୀକ୍ଷାରେ ଯୋଗ ଦେବା ନିମିତ୍ତ କୌଣସି ଗସ୍ତ ଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ। ଚୟନ ହୋଇଥିବା ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ତାରିଖ ପରେ ମୋବାଇଲ/ଇମେଲ ମାଧ୍ୟମରେ ଜଣାଇ ଦିଆଯିବ, ତେଣୁ ଆବେଦନକାରୀ ଦରଖାସ୍ତ ଫର୍ମରେ ଗୋଟିଏ କିମ୍ବା ଦୁଇଟି କାର୍ଯ୍ୟକ୍ଷମ ଥିବା ମୋବାଇଲ ନମ୍ବର ଦେବା ନିତାନ୍ତ ଆବଶ୍ୟକ। | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା | ତଫସିଲଭୁକ୍ତ ଜାତି ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ/ଶାରୀରିକ ଭିନ୍ନକ୍ଷମ/ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି। ସମସ୍ତ ମୌଳିକ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୨୦୦୦ ଟଙ୍କା, ଉଚ୍ଚତର ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୩୦୦୦ ଟଙ୍କା ଓ ଉଚ୍ଚତମ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୫୦୦୦ ଟଙ୍କା ଏବଂ ଜିଲ୍ଲାସ୍ତରୀୟ ତାଲିମ ନିମନ୍ତେ ୨୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା ଅଛି। | | | |
| ଆବେଦନ ପ୍ରଣାଳୀ | ଆଗ୍ରହୀ ଛାତ୍ର/ଛାତ୍ରୀମାନେ ତା୦୩।୦୮।୨୦୨୫ ମଧ୍ୟରେ କେବଳ Online ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ପାଇଁ **www.spdp.odisha.gov.in** ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀରେ ଆବଶ୍ୟକ ଦସ୍ତାବିଜର ପ୍ରମାଣପତ୍ର ସଂଲଗ୍ନ କରି ଆବେଦନ କରିବେ। ଅଫ୍‌ଲାଇନ୍ ମାଧ୍ୟମରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ସମସ୍ତ ଯୋଗାଯୋଗ ଫୋନ୍/ଇମେଲ୍ ମାଧ୍ୟମରେ କରାଯିବ। ତେଣୁ ଆବେଦନକାରୀମାନେ ନିର୍ଭୁଲ ଦୁଇଟି ଫୋନ ନମ୍ବର ସହ ଇମେଲ ଠିକଣା ଦେବା ପାଇଁ ଅନୁରୋଧ। | | | |

**Onlineରେ ଆବେଦନ କରିବାର ଶେଷ ତାରିଖ: ୦୩।୦୮।୨୦୨୫। ବି.ଦ୍ର.: କ) ବର୍ତ୍ତମାନ ଅଧ୍ୟୟନରତ ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷାର ଛାତ୍ର/ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ। ସେମାନଙ୍କର ପରୀକ୍ଷାଫଳ ପ୍ରକାଶ ପାଇସାରିବା ପରେ ସେମାନଙ୍କୁ ନୂତନ ଶିକ୍ଷାବର୍ଷରେ ନାମ ଲେଖାଇବାର ସୁଯୋଗ ପାଇଁ ବ୍ୟବସ୍ଥା ରହିଅଛି। ଖ) ସବିଶେଷ ବିବରଣୀ ନିମନ୍ତେ ମୋବାଇଲ୍ ନମ୍ବର ୦୬୭୪-୨୯୧୫୩୫୦ ଓ ୦୬୭୪-୨୩୫୦୩୧୮ରେ ଯୋଗାଯୋଗ କରିପାରିବେ।**

**ସଦସ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର**

OIPR-31036/11/0023/2526



## ODISHA LIVELIHOODS MISSION

**Department of Mission Shakti, Government of Odisha**

SIRD & PR Campus, Unit-VIII, Bhubaneswar-751012, Odisha
No.g-54 Tel : (0674) 2560166/2560126, E-mail : smmu.olm@gmail.com

**EOI No : 719125** **Date : 30/06/2025**
**File No : OLM-PROC-AGNCY-0003-2021**

**Request for Expression of Interest**

1. The Odisha Livelihoods Mission under Department of Mission Shakti now invites eligible Consultant to indicate their interest in providing the service of **Financial Inclusion Consultant (State)**.
2. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annexure-A (ToR)
3. Further information can be obtained at the address below during office hours i.e. 10.00 to 17.30 hours and the details ToR can be seen and downloaded in website https://missionshakti.odisha.gov.in/.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Expressions of interest in sealed envelope Superscribed as **"Expression of Interest for Financial Inclusion Consultant (State)"** must be delivered in a written form to the State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar, 751012, (post/courier) latest by Dt **23/07/2025, 5.30 pm.**
6. Authority reserves the right to accept or reject any application, and to cancel the procurement process and reject all application, at any time prior to the selection, without assigning any reason thereof.

**Contact Person** : Shri Rabi Prasad Mishra, Dy CEO (Admin & Procurement), OLM
**Contact No** : 9937462008

Sd./- State Mission Director
Odisha Livelihoods Mission

OIPR-48002/11/0009/2526



## CHIEF DISTRICT MEDICAL & PUBLIC HEALTH OFFICER, MALKANGIRI

**No. 7617/CS-09/2025-, dated Malkangiri the 30th June 2025**


**TENDER CALL NOTICE**

**No.E-202** : Sealed Tenders/Bids are invited from the intending purchasers in the prescribed format for AUCTION SALE OF DIFFERENT CONDEMNED UNSERVICEABLE EQUIPMENTS / INSTRUMENT / FURNITURES OF DHH, MALKANIGIRI dumping at District Head Quarter Hospital Campus, Malkangiri on "AS IS WHERE IS BASIS, AS IS WHAT IS BASIS". The Tender papers in details along with the term and condition of tenders are available **THROUGH DISTRICT WEBSITE** https://malkangiri.odisha.gov.in. Bidders can download the tender papers from the website and such bidders have to enclose a non-refundable State Bank of India demand draft of Rs.3000/- (Rupees Three Thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID document and subscribe the BID document that it has been downloaded from the website. The sealed tender should reach to the undersigned on or before **21.07.2025 up to 05.00 P.M. through Regd. Post/ Speed Post only**.

The Seal tender will be opened 22.07.2025 at 11.00 A.M. in the presence of tenderer or their authorized representative by the Chairman of Purchase Committee at the O/O CDM & PHO, Malkangiri.

Sd./- B.B.Dash
Chief District Medical & Public Health Officer,
Malkangiri

OIPR-10206/11/0011/2526



ଧ-୧୧୫୪


# ମୋବାଇଲ ପାଇଁ ସାଙ୍ଗଙ୍କୁ ହତ୍ୟା

## ୪ ଦିନ ପରେ ଜଙ୍ଗଲରୁ ଗଳିତ ମୃତଦେହ ଜବତ

ଆନନ୍ଦପୁର,୩।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝରଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ରାଇଘାଟି ଗାଁରେ ମୋବାଇଲ ଫୋନ୍ ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ମୋବାଇଲ ବିବାଦକୁ ନେଇ ସାଙ୍ଗଙ୍କୁ ହତ୍ୟା କରିଛି ସାଙ୍ଗ। ମୃତକ ହେଲେ ରାଇଘାଟି ଗ୍ରାମର ସିଲାଇ ପୂର୍ତ୍ତିଙ୍କ ପୁଅ ଗୁସା(୧୪)। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ମୁତବାକ, ଗୁସା ଓ ତାଙ୍କ ସାଙ୍ଗ କୁଣ୍ଡିଆ ପୁଡୁଚେରୀରେ କାମ କରୁଥିଲେ। ସେହି ସମୟରେ ଗୁସା ଏକ ମୋବାଇଲ କିଣିଥିଲେ। ଗୁସାଙ୍କ ମୋବାଇଲକୁ କୁଣ୍ଡିଆ ଲୁଚାଇ ଦେଇଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ତେବେ ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ମାତ୍ର କୁଣ୍ଡିଆ ରାଗ ରଖିଥିଲେ। କୁଣ୍ଡିଆ ଗତ ରବିବାର ଗୁସାଙ୍କୁ ନିଜ ଭଉଣୀ ଘରକୁ ଯିବାକୁ କହି ଡାକିନେଇଥିଲେ। ପରଦିନ କୁଣ୍ଡିଆ ଫେରିଥିବା ବେଳେ ଗୁସାଙ୍କ ଦେଖାଦର୍ଶନ ନ ଥିଲା। ଗୁରୁବାର ଗାଁଠାରୁ ୨ କି.ମି. ଦୂର ଜଙ୍ଗଲରେ ଗୁସାଙ୍କ ଗଳିତ ମୃତଦେହ ପଡିଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୋବାଇଲ ଘଟଣାରେ ରାଗ ରଖି କୁଣ୍ଡିଆ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୯/୨୫) ରୁଜୁ କରି କୁଣ୍ଡିଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

## ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୩।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଉରିମୁଣ୍ଡା ଗ୍ରାମର ଏକ ପୋଖରୀରୁ ବୁଧବାର ସକାଳେ ମହନ୍ତ ଟପ୍ପୋ ନାମକ ବ୍ୟକ୍ତିଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁନୀଲ ଓରାମ। ଗୁଣିଗାରେଡି ସନ୍ଦେହରେ ମହନ୍ତଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସୁନୀଲ ସ୍ୱୀକାର କରିଥିବା ନେଇ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଥାନାରେ ଏକ ହତ୍ୟା ମାମଲା ନଂ.୨୩୮/୨୫ ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ, ମହନ୍ତ (୫୯) ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ପୋଖରୀରେ ମହନ୍ତଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା।

## ନିରୁଦ୍ଦିଷ୍ଟ



ନାମ: କେ.ଅନନ୍ତ ମଣିଦୀପ(୧୫), ଉଚ୍ଚତା: ୫'୪'', ପିତା: କୋଲା ମାଜ୍ଜିବାବୁ, ଗୌତମ ନଗର, ଲେନ-୨, ପୋ/ଜି: ରାୟଗଡ଼ା ଗତ ୨୩।୦୬।୨୦୨୫, ୨.୩୦ ସମୟରେ ଘରୁ ବାହାରି ଯାଇଥିଲେ। ପୋଲିସ ତଦନ୍ତ ବେଳେ ମଣିଦୀପ ରାୟଗଡ଼ା ରେଳଷ୍ଟେସନ ପ୍ଲାଟ୍‌ଫର୍ମ ନଂ.-୫ ଠାରେ ଛିଡ଼ା ହୋଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। ୬୦୦୦୦୧୪୪୩୯/ ୬୩୭୦୧୨୧୫୩୪. ଧ-୧୧୪୪

# Classified Everyday

0674-2580101, 9692975378



## REAL ESTATE
## SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281




Positively health benefits SPA expert female therapist homely atmosphere. Contact- 9114559860. D-1112

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 13.06.2025, I, Alina Behera, Wife of Rabindra Behera, Address- Haripur, P.O.- Haripur Jemadeipur, P.S.- Sukinda, Dist.- Jajpur, Odisha-755018 declare that I have changed my name from ELINA PRIYADARSHINI ROUT (Old Name) to ALINA BEHERA (New Name). Henceforth, I shall be known as ALINA BEHERA for all purposes.
ALINA BEHERA D-76470

I, Antarjyami Sahu, S/o- Late Dinabandhu Sahu, resident of ward No.- 4, New Kalupatro Street, Aska Road, Brahmapur, P.S.-Brahmapur Sadar, P.O.-Panigrahipentho, District.- Ganjam, PIN-760006, Odisha declare by this affidavit No.- A-615, dtd- 03.07.2025. That now onwards I shall be known as Antarjami Sahu for all future purposes. D-1153

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sahnaz Bari, W/o- Late Sk Abdul Bari, R/o.146, Chintamaniswar Area, Bhubaneswar have changed my name from Sahnaz Bari to Shanaz Bari for all purposes by an affidavit sworn before Executive Magistrate, Bhubaneswar dated- 26.06.2025. D-1148

I, Gagan Bihary Pal, S/o- Late Gopabandhu Pal, resident of flat No.- B- 204, Supratik Exotica, Paikarapur Road, Gothapatna, P.S.- Chandaka, Bhubaneswar, Dist.- Khordha. PIN- 751003, Odisha declare by this affidavit No.- 72AA 498099, dated- 04.04.2025 that now onwards, I shall be known as Gagan Behari Pal for all future purposes. D-1142

By virtue of an affidavit sworn before Executive Magistrate, Bhubaneswar, dated- 14.05.2025, I, Smitajyotshna Patra, D/o of Gadadhar Patra of Village-Patra Sahi, Ketakipatna, P.O.- Lalitapahandi, P.S.- Balanga, Dist.- Puri- 752045, declare that my actual name is Smitajyotshna Patra as per Birth certificate but in Aadhaar Card wrongly Mentioned as Smitojoshna Patra which need correction. D-1155

I, Lili Patra, W/o Trailokyanath Patra, Resident at plot No.- 479/ 2934 Near Ram Mandir, At- Kantilo, P.O.- Kuha, P.S.- Air Field, Bhubaneswar, Dist.- Khurda, PIN- 751002, declare by this affidavit No.-CF- 46, dt- 18.06.2025, that now onwards, I shall be known as **LILI KHATEI** for all future purposes. D-1141

By virtue of an affidavit sworn before the Notary Public, Titilagarh, dated- 20.06.2025, I, Kshirabati Behera, formerly called Khira Behera, D/o. Ainthapatar Behera(Father), Debaki Behera(Mother), R/o. At- Silpara, Digsira, P.O.- Kushkela, P.S.- Sindhekela, Dist.- Bolangir, Odisha- 767035, declare that I have changed my name from Khira Behera to Kshirabati Behera. Henceforth, I shall be known as Kshirabati Behera for all purposes.
Kshirabati Behera D-1151

By virtue of an affidavit sworn before Executive Magistrate, Bhubaneswar, on dated- 24.06.2025, I Priyadarsani Rout, Address: W/o.- Banamali Kandi, AT- Balipada, P.O.- Dadha, P.S.- Nandankanan, Bhubaneswar, Dist.- Khordha, Odisha, PIN- 754005 declare that I have changed my name from "SANGITA KANDI" to "PRIYADARSANI ROUT". Henceforth, I shall be known as "PRIYADARSANI ROUT" for all purposes.
PRIYADARSANI ROUT D-1150

By virtue of an affidavit sworn before Executive Magistrate, Pipili, dated- 23.06.2025, AF. No.- 2452, I Kanchan Kumari Das, Address: At- Mahasinghpatna, P.O.- Dandamukundapur, P.S.- Pipili, Dist.- Puri, Odisha, PIN-752104, declare that I have changed my name from Kanchan Das to Kanchan Kumari Das. Henceforth, I shall be known as Kanchan Kumari Das for all purposes. D-1146

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## LEGAL NOTICE

In the Court of C.J.J.D. Chandbali
C.S. 533/01
Rangadhar Nayak & others ....Plaintiffs
(Vrs)
State of Odisha & others ....Defendants

ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା 08.07.25ରିଖ ଦିବା 10.30 AM ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜି: ଭଦ୍ରକ, ତହସିଲ- ଚାନ୍ଦବାଲି, ମୌ- ଶେଣ୍ଡଗଡ଼ା C.S. ଖାତା ନଂ.- 88, C.S. Plot No.- 281, Southern side A0. 33½ dec of A0.67dec, C.S. Plot No.- 312 Southern side A0.57dec out of A1-14dec, C.S. Plot No.- 320 Southern side A0.22dec out of A0.44dec, C.S. Plot No.-322 Southern Side A0.06dec out of A0.12dec, C.S. Plot No.- 605 Southern Side A0.06dec out of A0.12dec, CS Plot No.- 607 Southern side A0.58dec out of A1-16dec, CS Plot No.-706 Southern side A0.25½dec out of A0.51dec, CS Plot No.- 720 Western side A0.10dec out of A0.20dec, CS Plot No.-753 Southern side A0.68½dec out of A1-37dec, CS Plot No.- 856 Southern side and West A0.06½dec., CS Plot No.- 881 Southern side A0.35½dec out of A0.71dec Corresponds to MS Khata No.- 380, MS Plot No.-326/1646 A0.32dec., MS Plot No.- 312 Southern side A0.29dec out of MS Plot No.- 306 A0.19dec., MS Plot No.- 394 A0.09dec., MS Plot No.- 893 A0.06dec., MS Plot No.- 892 A0.60dec., MS Plot No.- 890 A0.28dec., MS Plot No.- 871 Western side A0.04dec., MS Plot No.- 871/1652 Western side A0.04dec., MS Plot No.- 760 A0.90dec., MS Plot No.- 1256 Southern side A0.03dec., MS Plot No.- 1256/1648 Western side A0.02½dec., MS Plot No.- 853 Southern side A0.12dec., MS Plot No.- 853/1642 Southern side A0.12dec., MS Plot No.- 854 Southern side A0.12dec

ଅଦ୍ୟ ତା୦୩।୦୭।୨୫ରିଖ ଅଦାଲତଙ୍କ ସହିତମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।
ସ୍ୱା./- ସିଭିଲ ଜଜ୍ ଜୁନିଅର ଡିଭିଜନ ଚାନ୍ଦବାଲି, Dt.- 23.06.25
D-1152

Letter No.- 966/ Dt.- 17.05.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୫୯/୨୦୨୪
ଜୟରାମ ନାୟକ ....ବାଦୀ
ବନାମ
ରମେଶ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ରମେଶ ଚନ୍ଦ୍ର ନାୟକ, ପିତା- ଘନଶ୍ୟାମ ନାୟକ, ୨. ଆନନ୍ଦ ଚନ୍ଦ୍ର ଗଡ଼ବାଡ଼, ପିତା- ସ୍ୱର୍ଗତ- କେଳୁ ଚରଣ ଗଡ଼ବାଡ଼ ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୧ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.- ୧୪୪, ସାବକ ପ୍ଲଟ୍ ନଂ.-୨୩୦୬, ଏରିଆ- ଏ.୦.୦୩୬ଡି., ହାଲ୍ ଖାତା ନଂ.- ୧୮୮, ହାଲ୍ ପ୍ଲଟ୍ ନଂ.-୩୦୮୭, ଏରିଆ- ଏ.୦.୦୩୬ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.- ୪ଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୧୪୯

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ସ୍ୱ ଇଂ.ବିଜୟ କୁମାର ବେଉରା
ଚକେଇସିଆଣି, ଭୁବନେଶ୍ୱର
ଜନ୍ମ ତାରିଖ: ୧୪।୦୧।୧୯୫୩
ତିରୋଧାନ: ୨୪।୦୬।୨୦୨୫
ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ମାର୍ଗଦର୍ଶନଗୁଡ଼ିକ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ଜିତୁ, ବାପି, ହାପି, ଟୁଟୁ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀ, ବୋହୂ ଓ ପରିବାରବର୍ଗ
ଧ-୧୧୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱଚାରୁଲତା ବାରିକ
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୫୧
ତିରୋଧାନ: ୧୪।୦୭।୨୦୨୪
ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୭୬୦୭୭

### ୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା୧୨।୦୪।୧୯୪୫ରିଖ
ତିରୋଧାନ: ତା୦୪।୦୭।୧୯୯୦ରିଖ
ଆମେ ଆଜିର ୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୧୪୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଖଡ଼ିଆଳ ତହସିଲଦାରଙ୍କୁ ହତ୍ୟା ଧମକ

ଖଡ଼ିଆଳ,୩।୭
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତହସିଲଦାର ତଥା ବିଡ଼ିଓ ଦାୟିତ୍ୱରେ ଥିବା ନରସିଂହ ଗାଡ଼ବାଙ୍କୁ ଫୋନରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗାଡ଼ବା ଏ ନେଇ ଗୁରୁବାର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ସବୁ ଅଫିସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଖଡ଼ିଆଳ ବ୍ଲକରେ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଏଣୁ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏପରିସ୍ଥଳେ ବୁଧବାର ଗାଡ଼ବାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନକଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ରାଜନୈତିକ ଦଳର କର୍ମୀ ବୋଲି ପରିଚୟ ଦେଇ ତୁକଲାଠାରେ ନିର୍ମିତ ଆଡିଶନାଲ କ୍ଲାସ୍‌ରୁମ୍‌ର ଚେକ୍ ପାସ୍ କାହିଁକି କରୁନାହାନ୍ତି ବୋଲି ପଚାରିବା ସହ ଅଭଦ୍ର ଭାଷାରେ ଗାଳିକରି ମାରିଦେବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଡ଼ବା ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ।

# ପୂର୍ବ ଶତ୍ରୁତାରୁ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ

## ବାପ, ପୁଅଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶବରସାହିର ରଞ୍ଜିଆ ଓରଫ ରଞ୍ଜିତ ବେହେରା (୪୩) ଓ ନବୀନା ବେହେରା(୪୭) ଓ ନବୀନାଙ୍କ ପୁଅ ଦିନେଶ(୨୧)। ସେମାନଙ୍କ ନିକଟରୁ ପ୍ଲାଷ୍ଟିକ୍ ପାଇପ୍ ଏବଂ ବାଡ଼ି ଜବତ କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଦିଲୀପ ଦେହୁରୀ ଓ ତାଙ୍କ ଭଣଜା ଜିତୁ ଶବରସାହି ଛକ ନିକଟରେ ଠିଆ ହୋଇଥିଲେ। ରଞ୍ଜିଆ ସେଠାକୁ ଆସି ଉଭୟଙ୍କୁ ଗାଳି କରିଥିଲେ। ଦିଲୀପ ବିରୋଧ କରିବାରୁ ରଞ୍ଜିଆ ତାଙ୍କ ପରିବାର ସଦସ୍ୟମାନଙ୍କୁ ଡାକି ଦେଇଥିଲେ। ପରିବାର ସଦସ୍ୟମାନେ ବାଡ଼ି, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ୍ ଧରି ସେଠାରେ ପହଞ୍ଚି ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଧମକ ଦେଇଥିଲେ। ରଞ୍ଜିଆ ଏକ ବାଡ଼ିରେ ଦିଲୀପଙ୍କୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦିଲୀପଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିବାରୁ ବାବୁଲି ତାଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିଲା। ଜିତୁଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୪/୨୦୨୫) ରୁଜୁ କରାଯାଇଛି।





# ସରକାରୀ କାର୍ଯ୍ୟ ଠପ୍, କାର୍ଯ୍ୟାଳୟ ଖାଁଖାଁ

## ଓଏଏସ୍ ସଂଘ ଢେଙ୍କାନାଳ ଜିଲା ଶାଖାର ଅଧିକାରୀଙ୍କ ଆନ୍ଦୋଳନ

■ନିରାଶ ହୋଇ ଫେରୁଛନ୍ତି ଜନସାଧାରଣ

ଢେଙ୍କାନାଳ,୩।୭(ରତନ ନାୟାର)

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ଢେଙ୍କାନାଳ ଜିଲା ଓଏଏସ୍ ସଂଘ ତୀବ୍ର ପ୍ରତିବାଦ କରିବ ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଓଏଏସ୍ ସଂଘର ଏହି ଆନ୍ଦୋଳନକୁ ଜିଲା ଓଆରଏସ୍ ସଂଘ, ଜିଲା ରାଜସ୍ୱ ଅମଲା ସଂଘ ଓ ଜିଲା ରାଜସ୍ୱ ନିରୀକ୍ଷକ ସଂଘ ମଧ୍ୟ ସମର୍ଥନ କରୁଥିବା ଜଣାଇଛନ୍ତି। ଗୁରୁବାର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଢେଙ୍କାନାଳ ସଦର ମହକୁମାରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସଦର ବ୍ଲକ, ସଦର ତହସିଲ, ଜିଲା ପରିଷଦ ଆଦି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟରେ ଓଏଏସ୍ ସଂଘର ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବାରୁ ସମସ୍ତ ସରକାରୀ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଓଏଏସ୍ ଅଧିକାରୀମାନଙ୍କର ପ୍ରକୋଷ୍ଠ ଆଗରେ ଖାଲି ପଡିଥିବା ଦେଖାଯାଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କେବଳ ନିଜ ପ୍ରକୋଷ୍ଠରେ ବସି କାର୍ଯ୍ୟରତ ଥିଲେ । ସମସ୍ତ କାର୍ଯ୍ୟାଳୟ ଓଏଏସ୍ ଅଧିକାରୀ ମାନଙ୍କ ଅନୁପସ୍ଥିତିରେ ଖାଁଖାଁ ଲାଗୁଥିଲା । ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପ୍ରାୟ ୬ରୁ ୭ଜଣ ଓଏଏସ୍ ଅଧିକାରୀ ରହିଥାନ୍ତି। ସମସ୍ତଙ୍କ ପ୍ରକୋଷ୍ଠ ମଧ୍ୟ ଗୁରୁବାର ଖାଲି ପଡିଥିବା ଦେଖାଯାଇଥିଲା । ଶନିବାର ବାହୁଡାଯାତ୍ରା ଥିବା ବେଳେ ଏହି ସମୟରେ ବାହୁଡା ଯାତ୍ରା ପରିଚାଳନା ଏବଂ ସୁନାବେଶ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଓଏଏସ୍ ଅଧିକାରୀମାନେ କାର୍ଯ୍ୟ କରିବେ କି ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୁରୁବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟକୁ ସଦର ବ୍ଲକ ଶୁଆଖାଇକାଟେଣୀ ପଞ୍ଚାୟତର କତକମଡା ଗ୍ରାମର ଡମୁଣୀ ନାୟକ ନାମକ ଜଣେ ବୃଦ୍ଧା ତାଙ୍କ ନାତିର ଗୋଡ ଭାଙ୍ଗିଥିବାରୁ ରେଡକ୍ରସ ସହାୟତା ଆବେଦନ ପାଇଁ ଆସି ଅଧିକାରୀମାନଙ୍କୁ ନପାଇ ନିରାଶ ହୋଇ ଫେରିଥିବା ବେଳେ ସଦର ବ୍ଲକ ବେଲଟିକିରି ଗ୍ରାମପଞ୍ଚାୟତର ଶକ୍ତି ମା' ହରିବଲ୍ଲଭା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଲିଜା ସାମଲ, ତାଙ୍କର ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସଦର ବ୍ଲକ, ଜିଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଅଧିକାରୀମାନଙ୍କ ଅନୁପସ୍ଥିତି ଯୋଗୁ କୌଣସି କାମ ନହେବାରୁ ନିରାଶ ହୋଇ ଫେରିଥିବା ଦେଖାଯାଇଥିଲା । ତେବେ ଏହି ଆନ୍ଦୋଳନ ଆଉ କେତେଦିନ ଧରି ଚାଲିବ, ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



"ଆମ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ଜରୁରୀ କାର୍ଯ୍ୟ ପାଇଁ କାଗଜପତ୍ର ନେଇ ସଦର ବ୍ଲକ କାର୍ଯ୍ୟାଳୟ ଓ ଜିଲା ପରିଷଦ କାର୍ଯ୍ୟାଳୟକୁ ଆସିଥିଲି। କୌଣସି ଅଧିକାରୀଙ୍କୁ ପାଇଲି ନାହିଁ । ଜିଲାପାଳଙ୍କ କାର୍ଯ୍ୟାଳୟରେ କେବଳ ଜିଲାପାଳ ତାଙ୍କ ପ୍ରକୋଷ୍ଠରେ ବସିଥିଲେ । ତାଙ୍କୁ ଭେଟି କାର୍ଯ୍ୟ ସମ୍ପର୍କରେ ଜଣାଇ ଫେରିଲି ।

**ଲିଜା ସାମଲ, ସମ୍ପାଦିକା, ଶକ୍ତି ମା' ହରିବଲ୍ଲଭା ସ୍ୱୟଂ ସହାୟକ ଗୋଷ୍ଠୀ, ବେଲଟିକିରି, ସଦର ବ୍ଲକ, ଢେଙ୍କାନାଳ**

# ଆଇନସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ

ଢେଙ୍କାନାଳ,୩।୭(ରତନ ନାୟାର)



ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଓ ବନବିଭାଗର ମିଳିତ ଉଦ୍ୟମରେ ସ୍ଥାନିୟ ମହିଷାପାଟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରଣତୀ ସାହା, ଅତିରିକ୍ତ ଜିଲାଜଜ୍ ସୁଶିଲ କୁମାର ସାହୁ, ଅତିରିକ୍ତ ଜିଲାଜଜ୍ ଅଞ୍ଜଳି କୁମାର ପାଢୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ଅଦାଲତ (ଏଲ୍‌ଆରଓଏଲ୍ ଟି.ଭି) ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ରେଜିଷ୍ଟ୍ରାର ସିଭିଲକୋର୍ଟ ସସ୍ମିତା ନାୟକ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅଭିଜିତ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେସ୍ମା ଧଳ ବିଶୋଇ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷିକେଶ ଖେମୁଣ୍ଡୁ, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀକ୍ଷା ସେଠ୍ ଓ ଜଙ୍ଗମ ଈଶ୍ୱର ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଏସିଏଫ୍ ଶ୍ୟାମା ଭାରତୀ, ସତ୍ୟନାରାୟଣ ସାହୁ ଓ ରେଞ୍ଜ୍ ଅଫିସର ଉତ୍ସବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଚାରା ଯୋଗାଣ ଓ ରୋପଣ ନିମନ୍ତେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଥିଲେ । ସର୍ବଶେଷରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଚାରାରୋପଣ କାର୍ଯ୍ୟକ୍ରମର ସୁଫଳ ରୂପାୟନ ନିମନ୍ତେ ଜିଲା ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ, ବନଖଣ୍ଡ ଅଧିକାରୀ, କର୍ମଚାରୀ ଓ ପିଏଲ୍‌ଭିମାନଙ୍କର ସହଯୋଗ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଡାକ୍ତର ଦିବସ ପାଳିତ



କପିଳାସ ଇନରହୁଇଲ୍ କ୍ଲବ ପକ୍ଷରୁ ଡାକ୍ତର ଦିବସ ପାଳନରେ ଯୋଗଦେଇଥିବା ଅତିଥି।

ଢେଙ୍କାନାଳ,୩।୭(ରତନ ନାୟାର)

ଢେଙ୍କାନାଳ କପିଳାସ ଇନରହୁଇଲ୍ କ୍ଲବ ପକ୍ଷରୁ ଜାତୀୟ ଡାକ୍ତର ଦିବସ ସ୍ଥାନୀୟ ଟାଉନ ହଲଠାରେ ପାଳନ ହୋଇଯାଇଛି। ଏହି ଅବସରରେ ଜିଲାର ୫ ଜଣ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ଡାକ୍ତରମାନେ ହେଲେ ଶ୍ୱାସ ଓ ଆଜମା ବିଭାଗ ଡା. ନିମାଇଁ ଚରଣ ସାହୁ, ମେଡ଼ିସିନ ବିଶେଷଜ୍ଞ ଡା. ରାଜକିଶୋର ସେଠୀ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଦୟାନିଧି ପୃଷ୍ଟି, ଶିଶୁ ରୋଗ ବିଶେଷଜ୍ଞ ଡା. ସନ୍ତୋଷ କୁମାର ସାହୁ, ଦନ୍ତ ଚିକିତ୍ସକ ଡା. ଦୀପକ କୁମାର ମାଝୀ । କ୍ଲବର ପ୍ରେସିଡେଣ୍ଟ ପ୍ରିୟତମା ମିଶ୍ର, ବିଶ୍ୱଭାରତୀ ରଥ, ଅନ୍ନପୂର୍ଣ୍ଣା ବେହେରା, ଇନ୍ଦିରା ଦେବତା, ମମତା ମିଶ୍ର, ସୁନିତା ସାହୁ, ରଞ୍ଜିତା ସାହୁ, ସ୍ୱପ୍ନା ଆଚାର୍ଯ୍ୟ ମିଳିତ ଭାବରେ ଡାକ୍ତରମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ଜଣେ ଦିନ ମଜୁରିଆ ମହିଳାଙ୍କୁ କିଛି ଅର୍ଥରାଶି ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦାସ୍ୟା ମନୋଜ ମଞ୍ଜରୀ ନନ୍ଦ କବିତା ପାଠ କରିଥିବା ବେଳେ ସମ୍ପାଦିକା ଦୀପ୍ତିବାଳା ମିଶ୍ର ସଭା ପରିଚାଳନା ଏବଂ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦ଦିନରୁ ଊର୍ଦ୍ଧ୍ୱ ଅଚଳ ହୋଇପଡ଼ିଛି ୧୦୮ ଆମ୍ବୁଲାନ୍ସ

ଗଁଦିଆ,୩।୭(ବିଶ୍ୱ ମୋହନ ସାହୁ)





ଅଚଳ ହୋଇପଡିଥିବା ୧୦୮ ଆମ୍ବୁଲାନ୍ସ।

ଢେଙ୍କାନାଳ ଜିଲା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପାଇଁ ଥିବା ୧୦୮ ଆମ୍ବୁଲାନ୍ସଟି ଦୀର୍ଘ ୨୦ଦିନରୁ ଊର୍ଦ୍ଧ୍ୱ ହେବ ଖରାପ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଫଳରେ ରୋଗୀ ସେବା ବ୍ୟାହତ ହେଉଛି । କୌଣସି ଗର୍ଭବତୀ ମହିଳାଙ୍କ କିମ୍ବା ଶିଶୁ ଅସୁସ୍ଥ ଅନୁଭବ କରି ୧୦୮ ଆମ୍ବୁଲାନ୍ସଙ୍କୁ ଫୋନ କରନ୍ତି, ତାହେଲେ ଠିକ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ । ଏପରିକି ଆମ୍ବୁଲାନ୍ସ ଉପଲବ୍ଧ ନାହିଁ ବୋଲି ସିଧା ମନା କରିଦେଉଛନ୍ତି ଫୋନ ଉଠାଉଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ଯେଉଁଥିପାଇଁ କି ପ୍ରସୂତୀ ମହିଳା ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୨୦ରୁ ଊର୍ଦ୍ଧ୍ୱ ଦିନ ଧରି ଅଚଳ ହୋଇପଡିଥିଲେ ମଧ୍ୟ ଏଥିପ୍ରତି କାହା ଦୃଷ୍ଟି ପଡୁନାହିଁ, ଏଥିନେଇ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ୩ଦିନ ପୂର୍ବରୁ ଭୁବନର ଗର୍ଭବତୀଙ୍କ ୧୦୮ ଝିଲ୍ଲୀସ୍ଥିତ ଏକ ପେଟ୍ରୋଲ ପମ୍ପରେ ତେଲ ପକେଇଲା ପରେ କାର୍ଡ କାମ ନକରିବାରୁ ୩ ଦିନ ସେହି ପମ୍ପରେ ପଡିରହିଥିଲା । ତେବେ କାର୍ଡ କାର୍ଯ୍ୟକାରୀ ହେଲା ପରେ ୩ ଦିନ ପରେ ପେଟ୍ରୋଲ ପମ୍ପରୁ ବାହାରିଥିଲା ବୋଲି ଆଲୋଚନା ହେଉଛି । ତେବେ ୧୦୮ର ଏ ଭଳି ଅବ୍ୟବସ୍ଥାକୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି କୁହନ୍ତି ଯେ ୧୦୮ ଆମ୍ବୁଲାନ୍ସ ସ୍ୱତନ୍ତ୍ର ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି । ଏହା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ ହେଉନାହିଁ । ଢେଙ୍କାନାଳ ଜିଲା ଦାୟିତ୍ୱରେ ଥିବା ପ୍ରକଳ୍ପ ପରିଚାଳକ ଶୟନ ବୋଷଙ୍କୁ ପଚରା ଯିବାରେ ସେ ବୁଝିକି କହୁଛି ବୋଲି କହି ଫୋନଟିକୁ କାଟି ଦେଇଥିଲେ ।

# ସରାଙ୍ଗ ନବୋଦୟରେ ବନ ମହୋତ୍ସବ





ପରଜଙ୍ଗ, ୩।୭ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମଶ୍ରୀ ନବୋଦୟ ବିଦ୍ୟାଳୟ ସରାଙ୍ଗରେ ବନୀକରଣ ତଥା ବନମହୋତ୍ସବ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତଥି ଭାବେ ପରଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ମାଜିଷ୍ଟ୍ରଟ ଦିଲ୍ଲୀପ କୁମାର ବାରିକ ଯୋଗଦେଇଥିଲେ । ଏଥିସହ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରତିମା ମିଶ୍ରଙ୍କ ସହିତ ମିଶି ବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ରୋପଣ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଆନୁକୂଲ୍ୟରେ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତ ସ୍କାଉଟ ଓ ଗାଇଡ ତରଫରୁ ୪୭ ଜଣ ଛାତ୍ରୀ ଛାତ୍ର 'ଗୋଟିଏ ଗଛ ମା'ଙ୍କ ନାମରେ' କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ପଞ୍ଚାନନ ଜେନା, ରାଧାକାନ୍ତ ସାହୁ, ରାଜେନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ନିରୁପମା ଭଞ୍ଜ, କସ୍ତୁରୀ ବାଳା ମହାରଣା ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସମୂହ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଲେଖକ ସଂସଦ ପକ୍ଷରୁ ବନ ମହୋତ୍ସବ



ବନ ମହୋତ୍ସବ ପାଳନ ଅବସରରେ ଆୟୋଜିତ ସଭା।

ଢେଙ୍କାନାଳ,୩।୭(ରତନ ନାୟାର)

ଢେଙ୍କାନାଳ ଜିଲା ବନ ଅଧିକାରୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ଜିଲା ଲେଖକ ସଂସଦ ପାର୍ଶ୍ୱରେ ୭୬ତମ ବନ ମହୋତ୍ସବ ମହାସମାରୋହରେ ଗୁରୁବାର ପାଳିତ ହୋଇଛି। ଅଦ୍ୱୈତ ଚରଣ ରାଉତଙ୍କ ସଭାପତିତ୍ୱରେ ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ଜିଲା ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ, କାଉନସିଲର ଅଭିମନ୍ୟୁ ପଣ୍ଡା, ବନାଧିକାରୀ ସଂଘର ବରିଷ୍ଠ ସଦସ୍ୟ ନୀଳମଣି ମହାରଣା ପ୍ରମୁଖ ଯୋଗଦାନ କରି ଚାରାରୋପଣ କରିଥିଲେ। ବନ ଅଧିକାରୀ ସଂଘର ସଂପାଦକ ଉପେନ୍ଦ୍ର କୁମାର ରାଉତ ସଂଯୋଜନା କରିଥିଲେ। ସମସ୍ତ ଅତିଥିମାନେ ବୃକ୍ଷର ଉପକାରିତା ପାଇଁ ସମସ୍ତଙ୍କ ସହଯୋଗ ଓ ସହଭାଗିତା କାମନା କରିଥିଲେ। ଅସନ୍ତାବର୍ଷ ମାନଙ୍କରେ ବହୁଳ ଭାବରେ ବୃକ୍ଷରୋପଣ କରି ବୃକ୍ଷର ସଂରକ୍ଷଣ ଓ ବିକାଶ କରିବା ପାଇଁ ସଂକଳ୍ପ ନେଇଥିଲେ ।

# ରଥଯାତ୍ରା ଉପଲକ୍ଷେ ୧୫ରୁ ଊର୍ଦ୍ଧ୍ୱ ଭଜନ ଲେଖିଲେ ଅବନୀ



ଗୀତିକାର ଅବନୀ ମିଶ୍ର

ଢେଙ୍କାନାଳ,୩।୭(ରତନ ନାୟାର)

ଢେଙ୍କାନାଳ ସହରର ଯୁବ ଗୀତିକାର ଅବନୀ ମିଶ୍ର ଚଳିତବର୍ଷ ରଥଯାତ୍ରା ଅବସରରେ ୧୫ରୁ ଊର୍ଦ୍ଧ୍ୱ ଭଜନ ଲେଖିଛନ୍ତି। ଓଡିଶାର ବିଶିଷ୍ଟ ଭଜନ କଣ୍ଠଶିଳ୍ପୀମାନେ ତାଙ୍କର ରଚିତ ଭଜନରେ କଣ୍ଠଦାନ କରିଥିଲେ । ରାମ ରାମ, ଏକୁଡିଶାଳ ରାଧେଶ୍ୟାମ, ମାଲୋ ମା', ଆକାଶରେ ଚାନ୍ଦ ଉଇଁଲାଣି, ବିଶ୍ୱାସରେ ଜଗନ୍ନାଥ, ସମୟ ଯାଉଛିଗଡ଼ି ଆଦି ଭଜନ ଅବନୀ ମିଶ୍ରଙ୍କୁ ସ୍ୱତନ୍ତ୍ର ଗୀତିକାର ଭାବେ ପରିଚୟ ପ୍ରଦାନ କରିଛି । ରଥଯାତ୍ରା ଅବସରରେ କଣ୍ଠଶିଳ୍ପୀ ରଶ୍ମୀ ରଞ୍ଜନ ପଣ୍ଡା ଓ ମୀନାକ୍ଷୀ ରଥଙ୍କ କଣ୍ଠରେ ଅଟକିଛି ନନ୍ଦିଘୋଷ, ରଶ୍ମୀରଞ୍ଜନ ଓ ପମି ମିଶ୍ରଙ୍କ କଣ୍ଠରେ ଯୁଗେ ଯୁଗେ ଜଗନ୍ନାଥ, ପବିତ୍ର କୁମାରଙ୍କ କଣ୍ଠରେ ମୋତେ ମିଳୁନାହିଁ ବାସୀ ତୋରାଣୀ, ହେ ନାରାୟଣ, ସେତ ନନ୍ଦରାଜା ପୁଅ କହ୍ନେଇ, ଡାକିଡାକି ତୁମ ନାମ, ମୋର କାଳିଆଧନ, ବିଜୁ ସାହୁଙ୍କ କଣ୍ଠରେ ବଡଦାଣ୍ଡେ ବିଜେ ନନ୍ଦିଘୋଷ, ନିହାର ରଞ୍ଜନଙ୍କ କଣ୍ଠରେ ରଥ ଗଡିଯାରେ ଗୁଣ୍ଡିଚାବାଡି, ସ୍ମରଣୀକା ନନ୍ଦଙ୍କ କଣ୍ଠରେ ହେ ନାରାୟଣ ଓ ହୃଷିକେଶଙ୍କ କଣ୍ଠରେ କାଳିଆରେ ଡୋର ଡୋର ଲାଗାଲିଣୀ ଆଦି ଭଜନକୁ କଣ୍ଠଦାନ କରାଯାଇଛି । ସମସ୍ତ ଭଜନଗୁଡିକ ଆଧ୍ୟାତ୍ମିକ ଭାବବେଗରେ ସଂଯୋଜନା ହୋଇଥିବା ଅବନୀ ମିଶ୍ର କୁହନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମର୍ପିତ ହୋଇ ଏହି ଭଜନ ଗୁଡିକ ଲେଖିଛନ୍ତି । ଏଥିପୂର୍ବରୁ ସେ ବହୁ ଭଜନ ଲେଖିବା ସହିତ ସମରକବି ବ୍ରଜନାଥ ବଡଜେନାଙ୍କ ଲିଖିତ 'ସମର ତରଙ୍ଗ'କୁ ଗୀତିନାଟ୍ୟ ରୂପ ମଧ୍ୟ ଦେଇଥିଲେ । ଏତଦବ୍ୟତିତ ସେ ଜଣେ ସ୍ତମ୍ଭକାର, ଅଭିନେତା ଓ କଣ୍ଠଶିଳ୍ପୀ ମଧ୍ୟ ।

# ଗଁଦିଆ ବ୍ଲକ ପରିସରରେ ବିପଦସଙ୍କୁଳ ବିଦ୍ୟୁତ୍ ତାର

ଗଁଦିଆ,୩।୭(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପରିସରରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି । ଗୁରୁବାର ସଟ୍‌ସର୍କିଟ ହେବାରୁ ଜଣେ କନିଷ୍ଠ ଯନ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ସେ ନିଜର କାର୍ଯ୍ୟ ସାରି ଫେରୁଥିବା ବେଳେ ଖୁଣ୍ଟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ତାର ହଠାତ୍ ସଟସର୍କିଟ ହୋଇଥିଲା । ସେ ଭୟରେ ଦୌଡି ପଳାଇଥିଲେ । ବ୍ଲକକୁ ପ୍ରତ୍ୟେକ ଦିନ ଶହ ଶହ ଲୋକ ଆସୁଥିବା ବେଳେ ବ୍ଲକ ପ୍ରଶାସନ ଏତେ ବେପରୁଆ କେମିତି ହେଉଛି, ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

# ନାଳରେ ଭାସିଯାଇ ଅଢ଼େଇ ବର୍ଷର ଶିଶୁପୁତ୍ର ମୃତ

ବଇଣ୍ଡା, ୩।୭(ପରିକ୍ଷିତ ସାହୁ)

ଠାକୁରଗଡ ଥାନା ଧୋଡାଖୋଲ ନାଳରେ ଭାସି ଧୋଡାଖୋଲ ଗ୍ରାମର ଲିପୁନ ବେହେରାଙ୍କ ଅଢେଇ ବର୍ଷର ଶିଶୁପୁତ୍ର ଆରିଅନ ବେହେରାଙ୍କ ଗୁରୁବାର ମୃତ୍ୟୁ ହୋଇଯାଇଛି । ପୋଲିସ ଉକ୍ତ ଶିଶୁପୁତ୍ରର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ମେଡିକାଲକୁ ପଠାଇ ଦେଇଛି । ଘଟଣାରୁ ଜଣାପଡ଼ିଛି, ଆରିଅନ ତାଙ୍କ ଅପା ପୁଅଙ୍କ ସହ ନାଳକୁ ଯାଇଥିଲେ। ସେଠାରେ ଆରିଅନଙ୍କ ଗୋଡ ଖସିଯିବାରୁ ସେ ଭାସି ଯାଇଥିଲେ। କିଛିବାଟରେ ସେ ଅଟକି ଥିବାବେଳେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରଗଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଠାକୁରଗଡ ପୋଲିସ ନମ୍ବର ୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସମାଜ ମଙ୍ଗଳ କାର୍ଯ୍ୟାଳୟର ନୂତନ କାର୍ଯ୍ୟକ୍ରମ ଅଧିକାରୀ

ଢେଙ୍କାନାଳ,୩।୭(ରତନ ନାୟାର)



ନୂତନ କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜିନୀ କର।

ଢେଙ୍କାନାଳ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ ନୂତନ କାର୍ଯ୍ୟକ୍ରମ ଅଧିକାରୀ ଭାବେ ପଙ୍କଜିନି କର ବୁଧବାର ପୂର୍ବାହ୍ନରେ ଯୋଗଦାନ କରିଛନ୍ତି । ଶ୍ରୀମତୀ କର ଏଥିପୂର୍ବରୁ ଓଡ଼ିଶାର ମହିଳା ଓ ଶିଶୁ ବିଭାଗର ଏସ୍‌ଡିଜି ସେଲରେ କାର୍ଯ୍ୟକ୍ରମ ଅଧିକାରୀ ଭାବେ ଏବଂ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ପ୍ରଶିକ୍ଷିକା ଭାବେ କାର୍ଯ୍ୟ କରୁଥିଲେ । ଯୋଗଦାନ କରିବା ପରେମହିଳା ଓ ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ପାଇଁ ଆଶାବାଦୀ ଓ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ସୂଚନା ଦେଇଛନ୍ତି।

# ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ଏମ୍‌ପି

ରାସୋଳ,୩।୭(ସରୋଜ ମିଶ୍ର)



ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟି ଆଲୋଚନା କରୁଛନ୍ତି ଏମ୍‌ପି ରୁଦ୍ର ପାଣି।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ମୃତ ସ୍ୱର୍ଗତ ବିପିନି ଗଡନାୟକଙ୍କ ପରିବାର ବର୍ଗଙ୍କୁ ଗୁରୁବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଭେଟିଥିଲେ। ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିବା ସହ ସରକାରୀ ସୁବିଧା ଶିଘ୍ର ପାଇବା ନିମନ୍ତେ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକ ପରିବାରବର୍ଗଙ୍କୁ ଆର୍ଥିକ ସହଯୋଗ କରିଛନ୍ତି। ଏହି ଅବସରରେ ପାଳଚକଡା ସରସାହିରେ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସେଠାରେ ଉପସ୍ଥିତ ସ୍ଥାନିୟ ଜନସାଧାରଣ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଭାସ୍କର ନାୟକ, ତପନ ମହାପାତ୍ର, ମନୋଜ ପଟନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ପ୍ରବୋଧ ପ୍ରଧାନ, ଲିଙ୍ଗରାଜ ସାହୁ, ବିଷ୍ଣୁସାହୁ, ବିଭୁତି ମାଝୀ, ଗିରିଷ ସେଠି, ଆଲୋକ ଚିନାରା, ଧରଣିଧର ପାଳ, ଦୁଷ୍ମନ୍ତ ନାଏକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସମବାୟ ଆନ୍ଦୋଳନକୁ ଗତିଶୀଳ ଓ ମଜଭୁତ କରିବାକୁ ଆହ୍ୱାନ

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ ଜିଲାସ୍ତରୀୟ କର୍ମଶାଳା

ଢେଙ୍କାନାଳ,୩।୭(ରତନ ନାୟାର)



ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲ ଠାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ସମବାୟ ସମିତି ସମୂହ ଉପ ନିବନ୍ଧକ ଉମାଶଙ୍କର ଦାସଙ୍କ ସଭାପିତତ୍ୱରେ ଆୟୋଜିତ ସଭାରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ ଦାସ, ଏଆରସିଏସ ହିନ୍ଦୋଳ ବିରଜାନନ୍ଦ ଦାଶ, ଏଆରସିଏସ କାମାକ୍ଷାନଗର ଅମରର୍ଜ୍ଜୟ ଦାସ, ଏଆରସିଏସ ଢେଙ୍କାନାଳ ସୁଶ୍ରୀ ଅନନ୍ୟା ଶର୍ମା, ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଅନଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପରିଡା, ଜେନେରାଲ ମ୍ୟାନେଜର ଓମଫେଡ ପ୍ରିୟବ୍ରତ ତରିଆ, ଚାଷୀ ଓ ସମବାୟ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ସମବାୟ ସମିତିକୁ ବହୁମୁଖୀ କରିବା ଓ ଚାଷୀ ଅନୁକୁଳ ବ୍ୟବସାୟମାନ ସଂଯୋଗ ଉପରେ ବିଷଦ ଆଲୋଚନା ହୋଇହେଲା। ଆଜିର ସମୟରେ ଜନ ସେବା କେନ୍ଦ୍ରର ଆବଶ୍ୟକତା, ଫସଲ ବୀମା ଯୋଜନା, ରଣ ଲଗାଣର ବିବିଧିକରଣ, ନୂତନ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଓ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ଆବଶ୍ୟକତା ଉପରେ ବକ୍ତାମାନେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ କୃଷି ଭିତ୍ତିକ ପର୍ଯ୍ୟଟନ ଉପରେ କୃଷି ଅଧିକାରୀ ଉପସ୍ଥାପନ କରିଥିଲେ । ଆଗକୁ ଆସୁଥିବା ଖରିଫ ପଞ୍ଜିକରଣ ଉପରେ ଜିଲା ଯୋଗାଣ ଅଧିକାରୀ ବକ୍ତବ୍ୟ ରହିଲେ। ଶେଷରେ ସମବାୟ ଆନ୍ଦୋଳନକୁ ଗତିଶୀଳ ଓ ମଜବୁତ କରିବାକୁ ଉପନିବନ୍ଧକ ଆହ୍ୱାନ ଦେଇଥିଲେ । ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ୯ ଜଣ ଚାଷୀଙ୍କୁ ୨.୪୫ଲକ୍ଷ ଓ ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ଲକ୍ଷ ଟଙ୍କା ରଣ ବଂଟନ କରାଯାଇଥିଲା ।

# ଗିଲ୍ ୨୬୯: ଭାରତ ୫୮୭

**ବର୍ମିଂହାମ,୩।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ୨୬୯ ରନର ଦ୍ୱିଶତକୀୟ ପାଳି ଯୋଗୁ ଭାରତୀୟ ଦଳ ପ୍ରଥମ ଇନିଂସରେ ବିଶାଳ ସ୍କୋର କରିଛି। ଭାରତ ୧୫୧ ଓଭରରେ ୫୮୭ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହି ମ୍ୟାଚ୍‌ରେ ଗିଲ୍ ଭାରତୀୟ ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି।

ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର

**ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ**

୩୧୦/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଗିଲ୍ ଓ ରବୀନ୍ଦ୍ର ଜାଡେଜା ସତର୍କତା ସହିତ ଦିନର ପ୍ରଥମ ସେଶନରେ ଖେଳିଥିଲେ। ଦୁହେଁ ଷଷ୍ଠ ଉଇକେଟ ପାଇଁ ୨୦୩ ରନର ଭାଗୀଦାରି କରି ଦଳୀୟ ସ୍କୋରକୁ ୪୦୦ ପାର କରାଇଥିଲେ। ୧୩୭ ବଲରେ ୧୦ ଚୌକା ଓ ୧ ଛକା ସହିତ ୮୯ ରନ କରି ଶତକ ଆଡ଼େ ଅଗ୍ରସର ହେଉଥିବା ଜାଡେଜା ପ୍ରତିପକ୍ଷ ଦଳର ପେସର ଜୋଶ ଟଙ୍ଗଙ୍କ ଏକ ବାଉନ୍ସର ବଲରେ ଉଇକେଟ କିପର ଜେମି ସ୍ମିଥଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜାଡେଜା ପ୍ୟାଭିଲିଅନ ଫେରିବା ପରେ ଗିଲ୍‌ଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱାଶିଂଟନ ସୁନ୍ଦର। ଗୋଟିଏ ପକ୍ଷରୁ ଗିଲ୍ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ସୁନ୍ଦର ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳିଥିଲେ। ଦୁଇ ବ୍ୟାଟର ସପ୍ତମ ଉଇକେଟରେ ଦଳୀୟ ସ୍କୋରରେ ୧୪୪ ରନ ଯୋଡ଼ିଥିଲେ। ଇତିମଧ୍ୟରେ ଗିଲ୍ ଦ୍ୱିଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ଥିବା ବେଳେ ସେ ଭାରତର ପଞ୍ଚମ ଟେଷ୍ଟ ଅଧିନାୟକ ଭାବେ ଦ୍ୱିଶତକ ହାସଲ କରିଥିଲେ। ଭଲ ବ୍ୟାଟିଂ କରୁଥିବା ସୁନ୍ଦରଙ୍କୁ ଜୋ ରୁଟ୍ କ୍ଲିନ ବୋଲ୍ଡ କରିଥିଲେ। ସୁନ୍ଦର ୩ ଚୌକା ଓ ୧ ଛକା ସହିତ ୪୨ ରନ କରି ଆଉଟ୍ ହୋଇଥିଲେ। ଚା' ପାନ ବିରତି ପରେ ଗିଲ୍ ଟଙ୍ଗଙ୍କ ଏକ ସର୍ଟ ପିଚ୍ ବଲକୁ ପୁଲ ମାରିବାକୁ ଯାଇ ସ୍କୋୟାର ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରା ପଡ଼ିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୮୭ ବଲରେ ୩୦ ଚୌକା ଓ ୩ ଛକା ସହିତ ୨୬୯ ରନ କରିଥିଲେ। ଏହା ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର। ପରବର୍ତ୍ତୀ ଓଭରରେ ଆକାଶ ଦୀପ ଆଉଟ୍ ହୋଇଥିଲେ। ମହମ୍ମଦ ସିରାଜ ୮ ରନ୍ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣା ୫ ରନ୍ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବସୀର ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିସ ୱୋକ୍ସ ଓ ଜୋଶ ଟଙ୍ଗ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ, ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୫୧ ଓଭରରେ ୫୮୭/ଅଲ୍‌ଆଉଟ୍ (ଶୁବମନ ଗିଲ-୨୬୯, ରବୀନ୍ଦ୍ର ଜାଡେଜା-୮୯, ଯଶସ୍ୱୀ ଜୟସ୍ୱାଲ-୮୭, ୱାଶିଂଟନ ସୁନ୍ଦର-୪୨, କ୍ରିସ ୱୋକ୍ସ-୨/୮୧, ଜୋଶ ଟଙ୍ଗ-୨/୧୧୭, ଶୋଏବ ବସୀର-୩/୧୬୭)।



ଦ୍ୱିଶତକ ହାସଲ ପରେ ଉଲ୍ଲସିତ ଶୁବମନ ଗିଲ୍।

# ମିଳିତ ଶୀର୍ଷରେ ଗୁକେଶ

**ଜାଗ୍ରେଭ,୩।୭(ପି.ଟି.)**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ଲଗାତର ଦୁଇ ବିଜୟ ସହ ସୁପର ୟୁନାଇଟେଡ୍ ରାପିଡ ଆଣ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ଦିନ ଶେଷ ସୁଦ୍ଧା ମିଳିତ ଶୀର୍ଷରେ ରହିଛନ୍ତି। ତାଙ୍କ ସହିତ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନ, ପୋଲାଣ୍ଡର ଦୁଦାଜାନ-କ୍ରଜିସଟଫ ଓ ଆମେରିକାର ୱେସଲେ ସୋ ଶୀର୍ଷରେ ରହିଛନ୍ତି।

ଦୁଦାଙ୍କଠାରୁ ମିଳିଥିବା ପରାଜୟ ସହ ଦିନ ଆରମ୍ଭ କରିଥିବା ଗୁକେଶ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରାନ୍ସର ଅଲିରେଜା ଫିରୌଜା ଓ ଭାରତର ଅନ୍ୟତମ ଖେଳାଳି ଆର ପ୍ରଜ୍ଞାନନ୍ଦଙ୍କୁ ହରାଇଛନ୍ତି। ତାଙ୍କ ପାଖରେ ୪ ପଏଣ୍ଟ ରହିଛି। ନରୱେର କ୍ଲାସେନ ପ୍ରଥମ ମ୍ୟାଚ୍‌ରେ ୱେସଲେ ସୋଙ୍କୁ ପରାସ୍ତ କରିଥିବା ବେଳେ ବଳକା ଦୁଇଟି ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଗୁକେଶଙ୍କ ଭଳି ୱେସଲେଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ଆମେରିକାର ଫାବିଆନୋ କାରୁଆନା ଓ ହଲାଣ୍ଡର ଅନୀଶ ଗିରିଙ୍କୁ ପରାସ୍ତ କରିଥିଲେ। ଫର୍ମରେ ଥିବା ପ୍ରଜ୍ଞାନନ୍ଦଙ୍କ ଲାଗି ଆଜି ଏକ କଷ୍ଟକର ଦିନ ରହିଥିଲା। ସେ ଗୁକେଶଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଫିରୌଜା ଓ ଉଜ୍‌ବେକିସ୍ତାନର ନୋଡିର୍ବେକ ଆବଦୁସାଟୋରୋଭଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ।

# ପୂର୍ବତନ ଫୁଟବଲରଙ୍କ ପରଲୋକ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ସୂତାହାଟ ବାସଭବନରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ଦ୍ୱିତୀୟ ଝିଅ ବେଙ୍ଗାଲୁରୁରୁ ଆସିବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦତ୍ତରାୟ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷଧରି ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଓଡ଼ିଶା ସିନିୟର ଫୁଟବଲ ଦଳର କୋଚ୍ ମଧ୍ୟ ଥିଲେ। ଏହା ବ୍ୟତୀତ ସେ ଜୟଦୁର୍ଗା ଏବଂ ରୋହିତ ଏକାଡେମୀରେ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ଦତ୍ତରାୟ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଭୁବନେଶ୍ୱସ୍ଥିତ ଏଜି ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା, ଭୁବନେଶ୍ୱର ଫୁଟବଲ ପ୍ଲେୟର୍ସ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।


ସୁକାନ୍ତ ଦତ୍ତରାୟ

# ଦଣ୍ଡସେନା, ସୁସ୍ମିତା, ସୁମନଙ୍କୁ ସ୍ୱର୍ଣ୍ଣ


ଅଶୋକ ଦଣ୍ଡସେନା


ସୁସ୍ମିତା ଟିଗା


ସୁମନ ଶେଖର ଦାସ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶାର ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗାଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଏହି ଦୁଇ ଆଥ୍‌ଲେଟ୍ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଦଣ୍ଡସେନା ପୁରୁଷ ୧୫୦୦ ମିଟର ରେସ୍‌ରେ ୪:୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସୁସ୍ମିତା ମହିଳା ୧୫୦୦ ମିଟରରେ ୪:୩୭.୯୧ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ପୁରୁଷ ୮୦୦ ମିଟରରେ ଦଣ୍ଡସେନା ସ୍ୱର୍ଣ୍ଣ ଓ ମହିଳା ୮୦୦ ମିଟରରେ ସୁସ୍ମିତା ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ସ୍ୱର୍ଣ୍ଣିମ ଅଭିଯାନରେ ଆଉଜଣେ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଦଣ୍ଡସେନା ଓ ସୁସ୍ମିତା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

# ସମ୍ବର୍ଦ୍ଧିତ ହେବେ ୧୦ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ):** ପୁରୀର ପ୍ରଥମ କୁସ୍ତିଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଚଳିତ ମାସ ୧୨ ତାରିଖରେ ୧୦ମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କ୍ରୀଡ଼ାବିତ୍‌ମାନେ ହେଲେ ଓଷ୍ଟୁ ସାମରିକ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ୍ ସାମଲ, ଫୁଟ୍‌ବଲ ପାଇଁ ଈପ୍‌ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ୍ସ ପାଇଁ ସମୀକ୍ଷା ସ୍ମରଣିକା। ସେହିପରି କ୍ରୀଡ଼ାଗୁରୁ ଭାବେ କୁସ୍ତିଗୁରୁ କଣ୍ଡୁରି ମହାସୁଆର, ଓଷ୍ଟୁ କ୍ରୀଡ଼ା ପାଇଁ ପୃଥ୍ୱୀରାଜ ହରିଚନ୍ଦନ, ଫୁଟ୍‌ବଲରେ ଉର୍ମିଳା କୁମାରୀ ଦାସ, ମିନି ଗଲ୍ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ ବାସୁଦେବ ସାହୁଙ୍କୁ ସମ୍ମାନିତ କରାଯିବ ବୋଲି ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ପୀୟୂଷ ମହାନ୍ତି ଓ କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। ଉତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ଦିବଙ୍ଗତ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଜାତୀୟ ସିନିୟର ମିନିଗଲ୍ଫରେ ଓଡ଼ିଶାର ସଫଳତା


ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ଜାତୀୟ ସିନିୟର ମିନିଗଲ୍ଫରେ ସଫଳତା ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ନାଗପୁରରେ ଅନୁଷ୍ଠିତ ୧୦ମ ଜାତୀୟ ସିନିୟର ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ବର୍ଗରେ ଓଡ଼ିଶା ଦ୍ୱିତୀୟ ଓ ପୁରୁଷ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସ ଡବଲ୍ସ ଇଭେଣ୍ଟରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ବର୍ଗରେ ଲତା ସମର୍ଥ ସ୍ୱର୍ଣ୍ଣ ଜିତିଥିବାବେଳେ ଆନିକା ପଟ୍ଟନାୟକ ବ୍ରୋଞ୍ଜ ପାଇଛନ୍ତି। ମହିଳା ଦଳଗତ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ସୌମ୍ୟଶ୍ରୀ ରଥ, ଆନିକା ପଟ୍ଟନାୟକ, ଅଦିତି ପଟେଲ, ରେଶମା ମାଝୀ, ଆୟେସା ଘଟୁଆଲୋ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ୍ସରେ ସୌମ୍ୟଶ୍ରୀ ରଥ ଓ ଅଭିପ୍ସା ପଣ୍ଡାଙ୍କୁ ରୌପ୍ୟ ଏବଂ ପୁରୁଷ ଡବଲ୍ସରେ କୁମାର ଦେବଦତ୍ତ ଓ କୁମାର ଦେବଜିତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସ୍ୱିଡ୍ ମିନିଗଲ୍ଫ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ଲତା ସମର୍ଥ, ରେଶମା ମାଝି, ଅଦିତି ପଟେଲ, ଆୟଶା ଘଟୁଆଲୋ ଓ ସ୍ମରଣୀକା ମହାନ୍ତିଙ୍କୁ ନେଇ ଗଠିତ ମହିଳା ଦଳ ରୌପ୍ୟ, ମିକ୍ସଡ ଡବଲ୍ସରେ କୁମାର ଦେବଜିତ ଓ ଆନିକା ପଟ୍ଟନାୟକ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ, ଅର୍ଥ ପରାମର୍ଶଦାତା ନେଲସାନ ଲାକଡ଼ା ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


# ଜୋକୋଭିଚ୍, ଆନ୍ଦ୍ରିଭା ୩ୟ ରାଉଣ୍ଡରେ

**ଲଣ୍ଡନ,୩।୭ (ପି.ଟି.)**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ କୋକୋଭିଚ୍ ୱିମ୍ବେଲଡନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଡାନ ଇଭାନ୍ସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୧୧ତମ ସିଡ୍ ଆଲେକ୍ସ ଡି ମିନାଉର ୪-୬, ୬-୨, ୬-୪, ୬-୦ ସେଟ୍‌ରେ ଆର୍ଥର କାଜାକ୍ସଙ୍କୁ ଓ ୧୫ତମ ସିଡ୍ ଜ୍ୟାକବ ମେନସିକ ୬-୪, ୩-୬, ୬-୪, ୭-୬(୭/୪) ସେଟ୍‌ରେ ମାର୍କସ ଗିରୋନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଓମିର କେସମାନୋଭିକ୍ ୧-୬, ୬-୩, ୬-୨, ୬-୪ ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ, ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬-୧, ୭-୬(୮/୬), ୬-୨ ସେଟ୍‌ରେ ବ୍ରିଟେନର ଜ୍ୟାକ ପିନିଂଟନ ଜୋନ୍ସଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଳ୍ପ ବୟସ୍କା ତଥା ୭ମ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ ନମ୍ବର-୧ରେ ସେ ବିଶ୍ୱର ୬୩ ନମ୍ବର ଖେଳାଳି ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ୬-୧, ୭-୬ (୭-୪)ରେ ହରାଇ ଦେଇଛନ୍ତି। ଚାମ୍ପିୟନଶିପ୍‌ର ୩ ମଧ୍ୟରେ ମହିଳା ଡ୍ର'ର ଟପ୍ ୧୦ ସିଡ୍ ମଧ୍ୟରୁ ଯେଉଁ କେତେଜଣ ଖେଳାଳି ତିଷ୍ଠି ରହିଛନ୍ତି, ସେମାନଙ୍କ ମଧ୍ୟରେ ଏହି ୧୮ବର୍ଷୀୟା ଖେଳାଳି ଅନ୍ୟତମ। କୋକୋ ଗଫ୍ ଏବଂ ଗତବର୍ଷର ରନରଅପ୍ ଜସ୍ମିନ ପାଓଲିନି ଇତିମଧ୍ୟରେ ବିଦାୟ ନେଇ ସାରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୧୦ମ ସିଡ୍ ଏମା ନାଭାରୋ କୋର୍ଟ ନମ୍ବର ୩ରେ ବିଶ୍ୱର ୪୬ତମ ଖେଳାଳି ରୁଷିଆର ଭେରୋନିକା କୁଦରମେଟୋଭାଙ୍କୁ ୬-୧, ୬-୨ରେ ପରାସ୍ତ କରିଛନ୍ତି।

**ବାଲାଜୀ ଦ୍ୱିତୀୟ ରାଉଣ୍ଡରେ:** ଭାରତର ଏନ୍ ଶ୍ରୀରାମ ବାଲାଜୀ ପୁରୁଷ ଡବଲ୍ସ ଇଭେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭୪ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ରେୟେସ-ଭରେଲା ୬-୪, ୬-୪ ସେଟ୍‌ରେ ଲିର୍ନର ତିଏନ ଓ ଆଲେସାଣ୍ଡର କୋଭାସେଭିଙ୍କୁ ପରାସ୍ତ କରିଛନ୍ତି।


ମୀରା ଆନ୍ଦ୍ରିଭା

# ଭାରତରେ ଖେଳିପାରିବ ପାକିସ୍ତାନ ହକି ଦଳ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁଥିବା ଏସିଆ କପ୍ ଏବଂ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିପାରିବ। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ସତ୍ତ୍ୱେ ଏହ ଦେଶକୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବାରଣ କରାଯାଇପାରିବ ନାହିଁ। କାରଣ ଏହାଦ୍ୱାରା ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ ବୋଲି ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଇଛି। ଏସିଆ କପ୍ ବିହାରର ରାଜଗିରିରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ହେବାକୁଥିବା ବେଳେ ଜୁନିୟର ବିଶ୍ୱକପ୍ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ପର୍ଯ୍ୟନ୍ତ ଖେଳାଯିବ। ଦେଶରେ ଏକ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୌଣସି ଦଳକୁ ଆମେ ବାରଣ କରିପାରିବୁ ନାହିଁ। ଆମେ ପାକିସ୍ତାନକୁ ରୋକିଲେ ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ। ମାତ୍ର ଦ୍ୱିପାକ୍ଷିକ ପ୍ରତିଯୋଗିତା କ୍ଷେତ୍ରରେ ଭିନ୍ନ ନୀତି ଆପଣାଇବାକୁ ପଡ଼ିବ। ଏଥିରେ କୋହଳ ଅବଲମ୍ବନ କରିବାର ପ୍ରଶ୍ନ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ସନନ୍ଦ ହେଉଛି ଅଲିମ୍ପିକ ଆନ୍ଦୋଳନର ସମ୍ବିଧାନ ଭଳି। ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗକୁ ଏହା ପ୍ରୋତ୍ସାହିତ କରିଥାଏ। ଯଦି ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏକ ପ୍ରତିଦ୍ୱନ୍ଦ୍ୱୀ ଦେଶକୁ ଅଂଶଗ୍ରହଣ କରିବାରେ ବାରଣ କରାଯାଏ ତେବେ ଭାରତ ଭବିଷ୍ୟତରେ ଏଭଳି ଟୁର୍ନାମେଣ୍ଟର ଆୟୋଜନରୁ ବଞ୍ଚିତ ହୋଇପାରେ। ସେପ୍ଟେମ୍ବରରେ ଏସିଆକପ୍ କ୍ରିକେଟର ଆୟୋଜନ କରାଯାଇଛି। ଏଥିରେ ପାକିସ୍ତାନ ସହିତ ଖେଳିବା ଲାଗି ଭାରତକୁ ଅନୁମତି ମିଳିବ କି ବୋଲି ପ୍ରଶ୍ନ ହେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରି ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ଟୁର୍ନାମେଣ୍ଟରେ ଖେଳିବା ଲାଗି ଅନୁରୋଧ ପତ୍ର ଆସିଲେ ସେକଥା ବିଚାର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରାୟ ଦୁଇ ଦଶନ୍ଧି ଧରି ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ନାହିଁ। ଏପ୍ରିଲରେ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଆହୁରି ବୃଦ୍ଧିପାଇଛି। ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ଆମେ ନ ଓହରୁ ବୋଲି ଅନ୍ତର୍ଜାତୀୟ କ୍ରୀଡ଼ା ଚାହୁଁଛି। ଉଦାହରଣ ସ୍ୱରୂପ ବର୍ତ୍ତମାନ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିଲେ ମଧ୍ୟ ଏହି ଦୁଇଦେଶ ବହୁରାଷ୍ଟ୍ରୀୟ ଇଭେଣ୍ଟଗୁଡ଼ିକରେ ଭାଗ ନେଉଛନ୍ତି। ଭାରତରେ ହେବାକୁଥିବା ଏସିଆ କପ୍ ଓ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନକୁ ଅଂଶଗ୍ରହଣ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେବା ନିଷ୍ପତ୍ତିକୁ ହକି ଇଣ୍ଡିଆ (ଏଚ୍‌ଆଇ) ସ୍ୱାଗତ କରିଛି।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ